୪୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୫/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, November 25/2019 | ★★★★

୪୬ଶ ଭାଗ ୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଧୋନୀଙ୍କୁ ଟପିଲେ କୋହଲି**

ଭାରତର ପ୍ରଥମ ଅଧିନାୟକ ଭାବେ ବିରାଟ କୋହଲି କ୍ରମାଗତ ୭ ଟେଷ୍ଟ ମ୍ୟାଚ୍ ଜିତି ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି।

୧୮

୧୧

**ରିମିକ୍ସରେ ଅସନ୍ତୁଷ୍ଟ ଗୋବିନ୍ଦା**

ଗୋବିନ୍ଦା ଏବଂ ରବୀନା ଟଣ୍ଡନ୍‌ଙ୍କ ବହୁଚର୍ଚ୍ଚିତ ଗୀତ 'ଆଖିୟୋଁ ସେ ଗୋଲି ମାରେ'ର ରିମିକ୍ସ କରାଯାଇଛି। ତେବେ ଏହାକୁ ନେଇ ଗୋବିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।






ଧରିତ୍ରୀର ୪୭ତମ ଜନ୍ମଦିବସ ଅବସରରେ ରବିବାର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହରେ ବାର୍ଷିକ ବିଶେଷାଙ୍କ 'ଅକଳରେ ଅର୍ଥନୀତି'କୁ ଉନ୍ମୋଚନ କରୁଛନ୍ତି (ବାମରୁ) ଉପ ବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ, ବାଲେଶ୍ୱର ସଂସ୍କରଣ ମୁଖ୍ୟ ଉପେନ୍ଦ୍ର ପ୍ରସାଦ ମହଲା, ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ, ସାହିତ୍ୟାୟନ ସମ୍ପାଦନା ଦାୟିତ୍ୱରେ ଥିବା ଡ. ହୃଷୀକେଶ ମଲ୍ଲିକ, ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା, ଉପ ବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଏବଂ ଉପ ବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ।

## ନୂଆ ନିବେଶ ଆଣିବାରେ ମହାରାଷ୍ଟ୍ରକୁ ଟପିଲା ଓଡ଼ିଶା

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ର ପ୍ରଥମ ୬ ମାସରେ ନୂଆ ପୁଞ୍ଜି ନିବେଶ ଆଣିବାରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଦେଶର ଅନ୍ୟତମ ସମୃଦ୍ଧଶାଳୀ ରାଜ୍ୟ ମହାରାଷ୍ଟ୍ରକୁ ମଧ୍ୟ ପଛରେ ପକାଇ ଦେଇଛି। ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ରାଜ୍ୟ ୧୮ ପ୍ରତିଶତ ନୂଆ ନିବେଶକଙ୍କୁ ପୁଞ୍ଜି ନିବେଶ ପାଇଁ ଆକୃଷ୍ଟ କରିପାରିଛି। ମହାରାଷ୍ଟ୍ର ଓଡ଼ିଶାଠାରୁ ୨% କମ୍ ସଫଳତା ପାଇଛି। ଗତବର୍ଷ ମହାରାଷ୍ଟ୍ର ୨୧ ପ୍ରତିଶତ ସଫଳତା ପାଇଥିଲା। ସେହି ତୁଳନାରେ ଓଡ଼ିଶା ମାତ୍ର ପୂର୍ବରୁ ୪ %ପ୍ରଦର୍ଶନ କରିପାରିଥିଲା। ମାତ୍ର ବର୍ଷକ ମଧ୍ୟରେ ରାଜ୍ୟ ୪ ରୁ ୧୮ % ସଫଳତା ପାଇଛି। ରାଜ୍ୟର ଏହି ସଫଳତା ନିବେଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିରେ ବହୁ ପରିମାଣରେ ସହାୟକ ହେବ ବୋଲି ଜଣାପଡ଼ିଛି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି(ସିଏମ୍‌ଆଇଇ) ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ନିବେଶ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ ମହାରାଷ୍ଟ୍ର ଲଢ଼େଇ
# ସରକାରଙ୍କୁ ୨୨ ଘଣ୍ଟିଆ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୪।୧୧**

**ଆଜି ପୁଣି ହେବ ଶୁଣାଣି**
- ତୁରନ୍ତ ଆସ୍ଥାଭୋଟ କରାଇବା ପାଇଁ ହୋଇଥିବା ଆବେଦନ ଅଗ୍ରାହ୍ୟ
- ସୋମବାର ପୂର୍ବାହ୍ନ ୧୦ଟା ୩୦ ସୁଦ୍ଧା ରାଜ୍ୟପାଳଙ୍କ ଅର୍ଡର ଓ ଫଡ଼ନବିସ-ଅଜିତଙ୍କ ସମର୍ଥନପତ୍ର ଦାଖଲ ନିର୍ଦ୍ଦେଶ
- ବିନା କ୍ୟାବିନେଟ ବୈଠକରେ ହଟାଯାଇଛି ରାଷ୍ଟ୍ରପତି ଶାସନ: ସିବଲ
- କେଉଁ ଆଧାରରେ ସରକାର ଗଠନ ହୋଇଛି: ସିଂଘଭି
- ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା କରାଯାଇ ପାରିବନି: ରୋହତଗୀ

ମହାରାଷ୍ଟ୍ରର କ୍ଷମତାଯୁଦ୍ଧ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ରବିବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ୨୨ ଘଣ୍ଟା ପାଇଁ ଆଶ୍ୱସ୍ତି ମିଳିଛି। ଭାଜପା ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକମାନଙ୍କ ଯେଉଁ ସମର୍ଥନପତ୍ର ଆଧାରରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ସରକାର ଗଠନ ପାଇଁ ଭାଜପା ବିଧାୟକ ଦଳ ନେତା ଦେବେନ୍ଦ୍ର ଫଡ଼ନବିସଙ୍କୁ ଆମନ୍ତ୍ରଣ କରିଥିଲେ, ତାଙ୍କୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ସୁଦ୍ଧା ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କେନ୍ଦ୍ର , ମହାରାଷ୍ଟ୍ର ସରକାର, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଏବଂ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ତୁରନ୍ତ ଆସ୍ଥାଭୋଟ କରାଇବା ପାଇଁ ଶିବସେନା-ଏନ୍‌ସିପି-କଂଗ୍ରେସ ପକ୍ଷରୁ ହୋଇଥିବା ଆବେଦନକୁ ଜଷ୍ଟିସ୍ ଏନ୍.ଭି. ରମାନ୍ନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଅଶୋକ ଭୂଷଣ ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି।

ମହାରାଷ୍ଟ୍ର ରାଜ୍ୟପାଳ କୋଶିୟାରୀ ଶନିବାର ଭୋର ସମୟରେ ରାଜ୍ୟରୁ ରାଷ୍ଟ୍ରପତି ଶାସନ ହଟାଇ ଦେଇଥିଲେ। ଏହାସହ ଅତି ତରବରିଆ ଭାବେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଇଥିଲେ। ରାଜ୍ୟପାଳଙ୍କ ଏହି ନିଷ୍ପତ୍ତିକୁ ଶିବସେନା, ଏନ୍‌ସିପି ଏବଂ ☞ପୃଷ୍ଠା-୪

## ଝିଲ୍ଲୀଙ୍କୁ ଏକଲବ୍ୟ ପୁରସ୍କାର



ଭୁବନେଶ୍ୱର,୨୪।୧୧(ସ୍ପୋର୍ଟସ୍ ବ୍ୟୁରୋ)- ମହିଳା ତାରକା ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଇମ୍ପା ଗ୍ରୁପ୍ ତରଫରୁ ଏକଲବ୍ୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ୨୦୧୯ ବର୍ଷ ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇବେ ବୋଲି ଘୋଷଣା କରାଯାଇଛି। ଗତ ଦୁଇବର୍ଷ ମଧ୍ୟରେ ସେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତାଙ୍କୁ ୫ ଲକ୍ଷ ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯିବ। ଉପବିଜେତା ଭାବେ ମହିଳା ଫୁଟବଲର ଯବାମଣୀ ଟୁଡୁ ଓ ମହିଳା ହକି ଖେଳାଳି ନମିତା ଟୋପ୍ପୋଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

**ଆଜିର ସମ୍ପାଦକୀୟ**

**ଅନେକ ବାଟ**

**ଆଜିର ମନ୍ତବ୍ୟ**

"ସୁପ୍ରିମକୋର୍ଟଙ୍କ ଐତିହାସିକ ଅଯୋଧ୍ୟା ରାୟ ପରେ ଦେଶ ନୂଆ ସଂକଳ୍ପ ନେଇ ଅଗ୍ରସର ହେଉଛି।

— ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ





Vencobb Fresh Chicken — Taste the difference!

24.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 84 | 137 | 147 |

*Conditions Apply

Issued in the Interest of Consumers


# ବଢ଼ିଲାଣି ଆମଦାନୀ, କମିବ ଦର

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

- ଭୁବନେଶ୍ୱରକୁ ଆସିଲା ୨୨୦ ଟନ୍ ପିଆଜ
- ପିଆଜ ଜ୍ୱାଳାରେ ଲୋକେ ଛଟପଟ
- ଦର ଛୁଇଁଲାଣି ୧୦୦ ଟଙ୍କା



ଗତ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ପିଆଜ ଦର ବୃଦ୍ଧି ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରି ରଖିଛି। ଗତ ସପ୍ତାହେ ହେଲା କିଲୋ ପିଛା ଦର ୯୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ତେବେ ଇତିମଧ୍ୟରେ ରାଜ୍ୟର ପିଆଜ ଆମଦାନୀରେ ବୃଦ୍ଧି ଘଟିଛି । ଖୁବ୍‌ଶୀଘ୍ର ସାଧାରଣ ଲୋକଙ୍କୁ ଦରବୃଦ୍ଧି କଷ୍ଟରୁ ଆଶ୍ୱସ୍ତି ମିଳିବା ନେଇ ଆଶା କରାଯାଉଛି । ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଦର ତଳକୁ ଖସିବ। ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରରୁ ନୂଆ ପିଆଜ ଓଡ଼ିଶା ଆସିବା ଆରମ୍ଭ ହୋଇଗଲାଣି। ଗତ ୧୫ ଦିନ ହେବ ଭୁବନେଶ୍ୱରକୁ ମାତ୍ର ୧୦୦ରୁ ୧୨୦ ଟନ୍ ପିଆଜ ଆମଦାନୀ ହେଉଥିଲା। ତେବେ ରବିବାର ୨୨୦ ଟନ୍ ପିଆଜ ଆସି ପହଞ୍ଚିଛି। ରବିବାର ନୂଆ ପିଆଜର ହୋଲ୍‌ସେଲ୍ ଦର ୬୫ରୁ ୭୦ ଟଙ୍କା ମଧ୍ୟରେ ରହିଥିବା ବେଳେ ପୁରୁଣା ପିଆଜ ୮୦ରୁ ୮୫ ଟଙ୍କା ରହିଛି। ତେବେ ନୂଆ ପିଆଜ ଆସିବା ଆରମ୍ଭ ହୋଇଥିବାରୁ ଦର ତଳକୁ ଖସିବ ବୋଲି ଆଇଗିଣିଆ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ଶକ୍ତିଶଙ୍କର ମିଶ୍ର କହିଛନ୍ତି। ତେବେ ଡିସେମ୍ବର ପ୍ରଥମ ସପ୍ତାହରେ ୫ରୁ ୧୦ ଟଙ୍କା କିଲୋ ପିଛା କମିବ। ଅଧିକ ପିଆଜ ଆମଦାନୀ ଆରମ୍ଭ ହୋଇଗଲେ ଧୀରେ ଧୀରେ ପିଆଜ ଦର ତଳକୁ ଖସିଯିବ ବୋଲି ସେ ଆଶା ରଖିଛନ୍ତି।

ଅତ୍ୟାବଶ୍ୟକ ସାମଗ୍ରୀ ପିଆଜ ଦର ବୃଦ୍ଧି ଗରିବ, ନିମ୍ନମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡ଼କ ପକାଇଛି। ପ୍ରତ୍ୟେକ ଦିନ ଦର ବଢ଼ି ବଢ଼ି ଚାଲିଛି। ବଜାରରେ ଏହାର ଖୁଚୁରା ଦର ୯୦ରୁ ୧୦୦ ଟଙ୍କା ଛୁଇଁଲାଣି। ଘରଖର୍ଚ୍ଚ ପାଇଁ କିଲୋ ଜାଗାରେ ଅଢ଼େଇଶ କିମ୍ବା ଅଧା କେଜିରେ କାମ ଚଳାଇବାକୁ ପଡୁଛି। ଏହି ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। ଖୁଚୁରା ବ୍ୟବସାୟୀଙ୍କ ଉପରେ ନିୟନ୍ତ୍ରଣ ନ ଥିବାରୁ ସେମାନେ ମନଇଚ୍ଛା ଦର ବଢ଼ାଇ ଗ୍ରାହକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଗତ ଦୁଇମାସ ହେବ ପିଆଜ ଦର ବଢ଼ି ଚାଲିଛି। ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକ୍‌ରୁ ପିଆଜ ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ର ଏବଂ କର୍ନାଟକର ବାଙ୍ଗାଲୋରରୁ ମଧ୍ୟ ପିଆଜ ରାଜ୍ୟକୁ ଆସିଥାଏ। ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିଯୋଗୁ ନାସିକରେ ପିଆଜ ଉତ୍ପାଦନ ଗୁରୁତର ଭାବେ ବାଧା ପ୍ରାପ୍ତ ହୋଇଛି। ଏହାର ପ୍ରଭାବ ଓଡିଶା ଉପରେ ପଡିଛି। ଉତ୍ପାଦନ କମିବା ଯୋଗୁ ମହାରାଷ୍ଟ୍ରରୁ ରାଜ୍ୟକୁ ଆମଦାନୀ ମଧ୍ୟ ହ୍ରାସ ପାଇଛି। ଏଥିଯୋଗୁ ବଜାରରେ ପିଆଜ ଦର ଅହେତୁକ ଭାବେ ବୃଦ୍ଧି ପାଇଛି । ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ପିଆଜ ଦର ହ୍ରାସ ଓ ବୃଦ୍ଧି ସେଠାକାର ଉତ୍ପାଦନ ଉପରେ ନିର୍ଭର କରେ। ଜୁଲାଇରୁ ନଭେମ୍ବର ମଧ୍ୟରେ ଆଳୁ ଓ ପିଆଜ ଉତ୍ପାଦନ ହେଉ ନ ଥିବାରୁ ଦର ବୃଦ୍ଧିର ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍‌ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ଅଂଶଧନ ବହନ କରିବା ବ୍ୟବସ୍ଥା ରହିଛି। ଦର ବୃଦ୍ଧିକୁ ନେଇ ଚଳିତ ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଥିଲେ ଯେ, ପିଏସ୍‌ଏଫ୍‌ରେ ୧୦୦ କୋଟି ଟଙ୍କା ରହିଛି। ଜରୁରୀ ଆବଶ୍ୟକତାକୁ ଦେଖି ସେହି ପାଣ୍ଠିରୁ ଖର୍ଚ୍ଚ କରାଯିବ। ☞ପୃଷ୍ଠା-୪




# ପ୍ରାକୃତିକ ବିପତ୍ତି: ୪ ବର୍ଷରେ ଗଲାଣି ୬୨୨୮ ଜୀବନ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ବିଭିନ୍ନ ସମୟରେ ପ୍ରାକୃତିକ ବିପତ୍ତି ଯୋଗୁ ବହୁମୂଲ୍ୟ ଜୀବନ ହରାଇବାକୁ ପଡୁଛି। ଗତ ୪ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା, ଭୂସ୍ଖଳନ ଓ ପାଣିରେ ବୁଡ଼ି ୬୨୨୮ ଜଣଙ୍କ ଜୀବନ ଯାଇଛି। ଏଥିଯୋଗୁ କେବଳ ୨୦୧୯-୨୦ରେ ୧୨୬୫ ଜଣଙ୍କର ଜୀବନ ହାନି ହୋଇଛି। ରାଜସ୍ୱ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବର୍ଷ ସର୍ପାଘାତରେ ୪୯୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଘଡ଼ଘଡ଼ି ଯୋଗୁ ୨୪୪, ଅଗ୍ନିକାଣ୍ଡ ୨୪, ବାତ୍ୟାରେ ୫୩, ପାଣିରେ ବୁଡ଼ି ୪୧୨, ବନ୍ୟା ୧୩, ଅଂଶୁଘାତ ୧୨, ଭୂସ୍ଖଳନ ୩ ଏବଂ ଘୂର୍ଣ୍ଣିଝଡ଼ ଯୋଗୁ ୮ ଜଣଙ୍କର ପ୍ରାଣହାନି ଘଟିଛି। ତେବେ ଗତ କିଛିବର୍ଷ ହେବ ରାଜ୍ୟ ପାଇଁ ବଜ୍ରପାତ ମଧ୍ୟ ଏକ ମହାପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖାଦେଇଛି। ୨୦୧୬ରୁ ଏପର୍ଯ୍ୟନ୍ତ କେବଳ ବଜ୍ରପାତ ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ୧୪୨୬ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୬-୧୭ରେ ବଜ୍ରପାତରେ ୪୦୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୭-୧୮ରେ ୪୬୪, ୨୦୧୮-୧୯ରେ ୩୧୮ ଏବଂ ୨୦୧୯-୨୦ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ୨୪୪ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ବଜ୍ରପାତରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବାଲେଶ୍ୱରରେ ୯୪, ଗଞ୍ଜାମରେ ୮୯, କେନ୍ଦୁଝରରେ ୮୮ ଜଣଙ୍କର ମୃତ୍ୟୁ ହୋଇଛି।

**ଚଳିତ ବର୍ଷ କେବଳ ୧୨୬୫**

# ୮ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆସିବେ ରାଷ୍ଟ୍ରପତି



ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହ ଉପଲକ୍ଷେ ଡିସେମ୍ବର ୮ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହିବେ। ରବିବାର ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହି ସୂଚନା ଦେଇଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଯୋଗଦେବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ରବିବାର ଅନୁଷ୍ଠିତ ଆଲୁମ୍ନି ମିଟ୍‌ରେ ସମ୍ମାନିତ ଅତିଥିଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଛାତ୍ର ଜୀବନର ଅନୁଭୂତିକୁ ବଖାଣିବା ସହ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଆସିଲେ ବୟସ କମେ ଓ ହାର୍ଟ ବିଟ୍ ବଢ଼େ ବୋଲି କହିଥିଲେ। ସେହିଭଳି ସମ୍ମାନିତ ଅତିଥିଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ପିସିସି ସଭାପତି ପ୍ରସାଦ କୁମାର ହରିଚନ୍ଦନ, ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରେଜିଷ୍ଟ୍ରାର ଦୟାନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୫ ଦିନ ଧରି ଚାଲିଥିବା ଏହି ପ୍ଲାଟିନମ ଜୁବିଲି ପାଳନର ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇଥିଲେ। ନିଜ ନିଜ ବିଭାଗରେ ପ୍ରଥମେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସରେ ମିଳିତ ସଭାର ଆୟୋଜନ ହୋଇଥିଲା। ଏଥିରେ ବହୁସଂଖ୍ୟାରେ ନେତା, ମନ୍ତ୍ରୀ, ପ୍ରଶାସକ ଯେଉଁମାନେ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର ଥିଲେ ଯୋଗଦେଇଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


କସ୍ତୁରୀ
ପରିବାରବର୍ଗ


ରାଜଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲ-ଅକ୍ଟୋବର ସମୟରେ ଭାରତର ସୁନା ଆମଦାନୀ ୯% ହ୍ରାସ ଘଟି ୧୭.୬୩ ବିଲିୟନ ଡଲାର (୧.୨୫ ଲକ୍ଷ କୋଟି) ରହିଛି।

**– ବାଣିଜ୍ୟ ମନ୍ତ୍ରଣାଳୟ**

## ପ୍ରଥମ ପୃଷ୍ଠାରୁ...

# ସରକାରଙ୍କୁ...

କଂଗ୍ରେସ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତିନିଜଣିଆ ଖଣ୍ଡପୀଠ ରବିବାର ପୂର୍ବାହ୍ନ ୧୧ଟା ୩୦ରେ ଉକ୍ତ ଆବେଦନର ଶୁଣାଣି କରିଥିଲେ। କହିଥିଲେ, ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱରେ ନିର୍ବାଚନ ପରବର୍ତ୍ତୀ 'ମେଣ୍ଟ ମହାବିକାଶ ଅଘାଡ଼ି'କୁ ସରକାର ଗଠନ ନିମନ୍ତେ ନିମନ୍ତ୍ରଣ କରିବା ଲାଗି ରାଜ୍ୟପାଳଙ୍କୁ ବର୍ତ୍ତମାନ ନିର୍ଦ୍ଦେଶ ଦେବା କଥା ବିଚାର କରାଯାଇପାରିବ ନାହିଁ। ରାଜ୍ୟପାଳଙ୍କ ନିର୍ଦ୍ଦେଶନାମା ଓ ତାଙ୍କ ନିକଟରେ ଫଡ଼ନବିସ ଦାଖଲ କରିଥିବା ସମର୍ଥନପତ୍ରକୁ ଅନୁଧ୍ୟାନ କରିବା ପରେ ଯାଇ ୨୪ ଘଣ୍ଟା ମଧ୍ୟରେ ଆସ୍ଥାଭୋଟ ପାଇଁ ବିଚାର କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ କେହି କୋର୍ଟରେ ଉପସ୍ଥିତ ନ ଥିବାରୁ ସଲିସିଟର ଜେନେରାଲ ତୁଷାର ମେହେଟା ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ସୁଦ୍ଧା ଦୁଇ ଦସ୍ତାବିଜ ଦାଖଲ କରିବେ। ତା' ପରେ ଉପଯୁକ୍ତ ରାୟ ପ୍ରକାଶ ପାଇବ ବୋଲି ଖଣ୍ଡପୀଠ କହିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ସଲିସିଟର ଜେନେରାଲ ମେହେଟା କହିଥିଲେ, ଶୀର୍ଷ ଅଦାଲତ ଯଦି ଜରୁରୀ ମନେକରୁଛନ୍ତି ତେବେ ସେ ପ୍ରାସଙ୍ଗିକ ରେକର୍ଡ ଓ ରାଜ୍ୟପାଳଙ୍କ ଅର୍ଡର ଦାଖଲ ପାଇଁ ପ୍ରସ୍ତୁତ।

ଶିବସେନା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ, କୌଣସି କ୍ୟାବିନେଟ ବୈଠକ ନ ବସି ଭୋର ୫ଟା ୧୭ରେ ବିଚିତ୍ର ଢଙ୍ଗରେ ରାଷ୍ଟ୍ରପତି ଶାସନ ହଟାଇଦିଆଯାଇଛି। ରାଜ୍ୟପାଳ କେଉଁ ଆଧାରରେ ରାଷ୍ଟ୍ରପତି ଶାସନ ପାଇଁ ସୁପାରିସ କରିଛନ୍ତି। ସେହିପରି ଫଡ଼ନବିସ ଓ ଅଜିତ ସକାଳ ୮ଟାରେ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ରହସ୍ୟ ଘେରରେ ରହିଛି। ସରକାର କିପରି ଗଠନ କରାଗଲା ସେନେଇ ମଧ୍ୟ କୌଣସି ଦସ୍ତାବିଜକୁ ସାର୍ବଜନୀନ କରାଯାଇ ନାହିଁ। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଶିବସେନା ନେତୃତ୍ୱାଧୀନ ମେଣ୍ଟର ସଂଖ୍ୟାଗରିଷ୍ଠତା ଥିବାରୁ ଫଡ଼ନବିସଙ୍କୁ ତୁରନ୍ତ ଆସ୍ଥାଭୋଟର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସିବଲ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ।

ଏନ୍‌ସିପି ଏବଂ କଂଗ୍ରେସ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ, ଏନ୍‌ସିପିର ୫୪ରୁ ୪୧ ବିଧାୟକ ଅଜିତଙ୍କ ସହ ନ ଥିବାରୁ ରାଜ୍ୟପାଳ ସରକାର ଗଠନ ଲାଗି ଫଡ଼ନବିସଙ୍କୁ ନିମନ୍ତ୍ରଣ କରି 'ବିଶ୍ୱାସଘାତ ଓ ଗଣତନ୍ତ୍ରର ବିନାଶ' କରିଛନ୍ତି। ତେଣୁ ଏହା କେବଳ ବିଚିତ୍ର ନୁହେଁ, ବରଂ ରାଜ୍ୟପାଳ କାହା ନିର୍ଦ୍ଦେଶରେ ଏପରି କରିଥିବା ମନେହେଉଛି। ସେ କେଉଁ ଆଧାରରେ ସରକାର ଗଠନ ଲାଗି ଫଡ଼ନବିସଙ୍କୁ ଆମନ୍ତ୍ରଣ କରିଥିଲେ ? ରାଜ୍ୟପାଳଙ୍କ ମନ୍ଦ ଉଦ୍ଦେଶ୍ୟଯୁକ୍ତ ଓ ପକ୍ଷପାତୀ କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ସମସ୍ତ ରାୟର ବିରୁଦ୍ଧାଚରଣ। ସିଂଘଭି ଆହୁରି ଯୁକ୍ତି ବାଢ଼ିଥିଲେ, ୫୪ ଏନ୍‌ସିପି ବିଧାୟକଙ୍କ ମଧ୍ୟରୁ ୪୧ ଜଣଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଅଜିତ ଦଳରେ ଆଉ ନାହାନ୍ତି ଏବଂ ଫଡ଼ନବିସଙ୍କୁ ଦିଆଯାଇଥିବା ସମର୍ଥନପତ୍ର ବେଆଇନ ବୋଲି ସେଥିରେ ସେମାନେ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି। ୪୧ ବିଧାୟକ ଏନ୍‌ସିପି ସହ ଅଛନ୍ତି, ଅଜିତଙ୍କ ସହ ନୁହେଁ ବୋଲି ଉଲ୍ଲେଖ କରିବା ପରେ ଅଜିତ ପାୱାର କିପରି ଉପମୁଖ୍ୟମନ୍ତ୍ରୀ ହୋଇପାରିଲେ ବୋଲି ସିଂଘଭି ପ୍ରଶ୍ନ କରିଥିଲେ।

ସିଂଘଭି ସର୍ବୋଚ୍ଚ ଅଦାଲତଙ୍କ ପୂର୍ବ ରାୟଗୁଡ଼ିକ ସମ୍ପର୍କରେ ଅବତାରଣା କରି ଆସ୍ଥାଭୋଟ ବେଳେ ମୁକ୍ତ ମତଦାନ ପାଇଁ ଯୁକ୍ତି ବାଢ଼ିବାବେଳେ ଖଣ୍ଡପୀଠ କହିଥିଲେ, ଏଥିରେ କେହି ଅରାଜି ନୁହନ୍ତି। ଆସ୍ଥାଭୋଟ ହିଁ ଚୂଡ଼ାନ୍ତ ପରୀକ୍ଷା। ଅନ୍ୟପକ୍ଷରେ ତୁଷାର ମେହେଟା ସେମାନଙ୍କ ଆବେଦନକୁ ବିରୋଧ କରି ସରକାର ଗଠନ କରିବା ହେଉଛି ରାଜନୈତିକ ଦଳଗୁଡ଼ିକର ମୌଳିକ ଅଧିକାର। ତେଣୁ ସେମାନଙ୍କ ପିଟିଶନକୁ ଖାରଜ କରାଯାଉ ବୋଲି ସିଂଘଭି କହିଥିଲେ।

କେତେଜଣ ଭାଜପା ବିଧାୟକ ଓ ଦୁଇ ସ୍ୱାଧୀନ ସଦସ୍ୟଙ୍କ ପକ୍ଷରୁ ଲଢୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଶିବସେନା-ଏନ୍‌ସିପି-କଂଗ୍ରେସର ପିଟିଶନକୁ ବିରୋଧ କରି କହିଥିଲେ, ସେମାନେ ରବିବାର ସୁପ୍ରିମକୋର୍ଟଙ୍କୁ ଡିଷ୍ଟର୍ବ କରିବା ପରିବର୍ତ୍ତେ ପ୍ରଥମେ ବମ୍ବେ ହାଇକୋର୍ଟକୁ ଯିବା ଉଚିତ ଥିଲା। ରାଜନୈତିକ ଦଳକୁ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିମନ୍ତ୍ରଣ ସମ୍ବିଧାନର ଅନୁଚ୍ଛେଦ ୩୬୧ ଅନୁସାରେ ତାଙ୍କର ବିଶେଷାଧିକାର। ତାଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା କରାଯାଇ ପାରିବ ନାହିଁ। ଏହାକୁ ନେଇ ଜଷ୍ଟିସ୍ ରମାନ୍ନା କହିଥିଲେ, କିନ୍ତୁ ରାଜ୍ୟପାଳ ଯାହାକୁ ଇଚ୍ଛା ହେଲା ତାହାକୁ ଡାକି ପାରିବେ ନାହିଁ। ରୋହତଗୀ କହିଲେ, ସରକାର ଚାଲିଥିବାରୁ ସେମାନଙ୍କ ଯୁକ୍ତିକୁ ନ ଶୁଣି ତରବରିଆ ଭାବେ ରାୟ ଦେବା ଅନୁଚିତ। ଉଭୟ ରାଜ୍ୟପାଳ ଓ ଅଦାଲତ ପରସ୍ପରକୁ ସମ୍ମାନ ଦେବା ଜରୁରୀ। ସମସ୍ତଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ମହାରାଷ୍ଟ୍ର ସରକାର, ଫଡ଼ନବିସ ଓ ଅଜିତଙ୍କ ପାଇଁ କିଏ ମାମଲା ଲଢୁଛନ୍ତି ବୋଲି ତୁଷାର ମେହେଟାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସଲିସିଟର ଜେନେରାଲ କହିଥିଲେ, ସେ କେବଳ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ନୁହେଁ।

# ବଢ଼ିଲାଣି...

ତେବେ ଏହା ରାଜ୍ୟର ସମସ୍ୟା ନୁହେଁ, ଜାତୀୟସ୍ତରରେ ମଧ୍ୟ ଦର ବୃଦ୍ଧି ଘଟିଛି। ଖୁଚୁରା ବଜାରରେ ବର୍ଦ୍ଧିତ ଦରକୁ ନିୟନ୍ତ୍ରଣ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟର ୨୨୯ଟି ସରକାରୀ ଖୁଚୁରା ଦୋକାନ ଏବଂ ମୈତ୍ରୀଗୁଡ଼ିକରେ ପିଆଜ 'ନୋ ପ୍ରଫିଟ ନୋ ଲସ୍'ରେ ବିକ୍ରି କରାଯାଉଛି। ରାଜ୍ୟରେ ବ୍ୟବସାୟୀମାନଙ୍କୁ କିମ୍ବା ସରକାର ନିଜେ ପିଆଜ ରଖିବା ପାଇଁ ବ୍ୟବସ୍ଥା କଲେ ଲୋକମାନଙ୍କୁ ଦର ବୃଦ୍ଧିର କଷ୍ଟ ଭୋଗିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି। ରାଜ୍ୟରେ ଯେତିକି ପିଆଜ ଉତ୍ପାଦନ ହେଉଛି ତାହା ସଂରକ୍ଷଣ ଅଭାବରୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛି। ରାଜ୍ୟରେ ପିଆଜ ଚାଷକୁ ପ୍ରୋତ୍ସାହନ ଦେବା ସହ ସଂରକ୍ଷଣ ପାଇଁ ବ୍ୟବସ୍ଥା କଲେ ପ୍ରତିବର୍ଷ ଲୋକଙ୍କୁ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରରେ ପେଷି ହେବାକୁ ପଡ଼ିବ ନାହିଁ ବୋଲି ବ୍ୟବସାୟୀମାନେ ମତ ଦେଉଛନ୍ତି।

# ନୂଆ ନିବେଶ...

କରୁଛନ୍ତି। ନିବେଶକଙ୍କୁ କୌଣସି କାର୍ଯ୍ୟ ପାଇଁ ସରକାରୀ ବ୍ୟବସ୍ଥାରେ ହଇରାଣ ହେବାକୁ ପଡୁନାହିଁ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ନିୟମିତ ବ୍ୟବଧାନରେ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ ବସିବା ସହ ପ୍ରକଳ୍ପ ସମୀକ୍ଷା କରାଯାଉଛି। ଅପରପକ୍ଷରେ ଜାତୀୟସ୍ତରରେ ନୂଆ ନିବେଶ ନେଇ ନକାରାତ୍ମକ ବାତାବରଣ ଥିବା ସମୟରେ ଓଡ଼ିଶାର ଏହି ପ୍ରଦର୍ଶନ ପ୍ରଶାସନକୁ ଉତ୍ସାହିତ କରିଛି। କେୟାର ରେଟିଂ ଦ୍ୱାରା କରାଯାଇଥିବା ଏକ ରିପୋର୍ଟ ଅନୁଯାୟୀ, ଗତ ୫ ବର୍ଷରେ ୧୧.୯ ଟ୍ରିଲିୟନ ମୂଲ୍ୟର ପୁଞ୍ଜିନିବେଶ ହୋଇଥିଲା, ଯାହାକି ୫ ବର୍ଷ ମଧ୍ୟରେ ସର୍ବନିମ୍ନ। ଗତ ୪ ବର୍ଷ ଧରି ନୂଆ ନିବେଶ ହ୍ରାସ ପାଇଥିବାବେଳେ ୨୦୧୮-୧୯ରେ ଏହା ୧୦ % ରହିଥିଲା। ଏହା ପୂର୍ବ ଆର୍ଥିକ ବର୍ଷରେ ଏହା ୨୨ %ରହିଥିଲା। ବିଗତ ୧୫ ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଗତ ଆର୍ଥିକ ବର୍ଷରେ ମାତ୍ର ୧.୯ ଲକ୍ଷ କୋଟିର ନିବେଶ ହୋଇଥିବା ଜଣାପଡିଛି।


ଚାଲ ବୁଲିବା ବ୍ରହ୍ମପୁର (Part- 1)



ଚାଲ ବୁଲିବା ବ୍ରହ୍ମପୁର, ଖାଇବା ସ୍ପେଶାଲ ମଟନ
ଦେଖନ୍ତୁ ଭିଡିଓ
YouTube /dharitrilive


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ଗେହ୍ଲେଇ**
**କେତେ ହଉଥାଉ ନୋଥ ହଲେଇ ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ନୋଥ ଭଳି ସାମାନ୍ୟ ଅଳଙ୍କାର ପିନ୍ଧିଥିବା ମହିଳା ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇ ହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆପେ ଜାଣେ ପାପ,**
**ମାଆ ଜାଣେ ବାପ ।**

କେହି ଜାଣୁ କି ନ ଜାଣୁ ନିଜର ପାପ କଥା କେବଳ ନିଜ ମନ ହିଁ ଜାଣିଥାଏ। ସେହିପରି ସନ୍ତାନର ପ୍ରକୃତ ପିତା କିଏ ତାହା କେବଳ ଜନ୍ମଦାତ୍ରୀ ମା' ହିଁ ଜାଣିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜାମଖନି କୋଇଲା ଖଣି ନିଲାମ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)- ସୁନ୍ଦରଗଡ଼ ଜିଲା ଜାମଖନିସ୍ଥିତ କୋଇଲା ଖଣି ନିଲାମ ପାଇଁ ନିକଟରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହିପରି ଭାବେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଦେଶର ୨୭ କୋଇଲା ଖଣି ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡ଼ିଛି। ଲୁହା ଓ ଇସ୍ପାତ, ସିମେଣ୍ଟ ଏବଂ କ୍ୟାପଟିଭ୍ ପାୱାର ପ୍ଲାଣ୍ଟରେ ଏହି କୋଇଲା ବ୍ୟବହୃତ ହୋଇପାରିବ। ସାରା ଦେଶରେ ମିଳୁଥିବା କୋଇଲାର ପ୍ରାୟ ୨୫ ପ୍ରତିଶତ ଓଡ଼ିଶାରେ ଉପଲବ୍ଧ ହେଉଛି। ସେହିଭଳି କୋଇଲା ଉତ୍ତୋଳନ ସହ ପରିବହନ ସୁବିଧାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଝାରସୁଗୁଡ଼ା-ବରପାଲି-ସର୍‌ଡେଗା ରେଳପଥ ଦ୍ୱାରା ପ୍ରାୟ ୬୦ ନିୟୁତ ଟନ୍ କୋଇଲା ପରିବହନ ହୋଇଥାଏ। ତେଣୁ ଏହି ରେଳପଥର ଦୋହରୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଜାମଖନି କୋଇଲା ଖଣିରେ ପ୍ରାୟ ୧୧୪ ମିଲିୟନ ଟନ୍ କୋଇଲା ରହିଥିବା କୁହାଯାଉଛି। ହେଲେ ବାର୍ଷିକ ଏହି ଖଣିରୁ ୨.୬ ମିଲିୟନ ଟନ୍ ଉତ୍ତୋଳନ ହୋଇପାରିବ। ଜାମଖନିରୁ କୋଇଲା ଉତ୍ତୋଳନ ଯେ କୌଣସି କମ୍ପାନୀ ପାଇଁ ଇନ୍ଧନ ଓ ଶକ୍ତି ଆବଶ୍ୟକତା ପୂରଣ କରିବ। ଯାହା ଆଲୁମିନିୟମ ଉତ୍ପାଦନରେ ସହାୟକ ହେବ ବୋଲି ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ, ଆର୍ଥିକ ଉନ୍ନତି ଓ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଭାଇ, ବନ୍ଧୁ ତଥା ପଡ଼ୋଶୀମାନଙ୍କ ସହ ସମତାଳ ଦେଇ ଚଳିବା ପାଇଁ ଚେଷ୍ଟାକଲେ ସୁଫଳ ମିଳିପାରିବ। ସହକର୍ମୀମାନଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନାରେ ସମୟ କଟାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବା କାରଣରୁ ଖୁସି ରହିବେ।

**ବୃଷ** – ଦିନସାରା ହସଖୁସିରେ ବନ୍ଧୁ ଓ ପ୍ରିୟଜନମାନଙ୍କ ସହ ସମୟ ଅତିବାହିତ କରିବେ । ପରିବାରରେ ବିଭିନ୍ନ ପ୍ରକାର ବ୍ୟୟବରାଦର ଭରଣା କରିବା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ । କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇ ନ ପାରନ୍ତି। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ ।

**ମିଥୁନ** – ପ୍ରତ୍ୟେକ ଦିଗଟି ଅନୁକୂଳ ରହିବ, ଫଳରେ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ପାଇବେ । ମାତ୍ର ଆକସ୍ମିକ ଭାବରେ ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବ୍ୟବସାୟୀମାନେ କୌଶଳରେ କାର୍ଯ୍ୟ ହାସଲ କରିନେବେ।

**କର୍କଟ** – ଭାବପ୍ରବଣତାବଶତଃ ଅଶ୍ଳେଷା ନକ୍ଷତ୍ର ଅଧିକାଂଶ ସମୟ ତର୍କବିତର୍କ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ମଧ୍ୟରେ ଅଶାନ୍ତ ରହିବେ। ସଭାସମିତିରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶୁଭ ଖବର ଶୁଣି ଖୁସି ହେବେ ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ** – ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କୌଣସି କଥାରେ ତରବର ହୋଇ କାମ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** – ଯାହା ମନକୁ ଆସୁଛି କରି ଚାଲନ୍ତୁ କୌଣସି ପ୍ରକାର ପ୍ରତିରୋଧ କିମ୍ବା ପ୍ରତିବନ୍ଧକ ରହିବ ନାହିଁ। ଅଧିକାଂଶ ସମୟ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ମନରେ ଭାବପ୍ରବଣତା ସୃଷ୍ଟି ହେବ । ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି ।

**ତୁଳା** – ନୂତନ ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତିର ପରିବର୍ତ୍ତନ ମନକୁ ସାମୟିକ ସରସ ସୁନ୍ଦର କରିବାରେ ସମର୍ଥ ହେବ । ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ ଓ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ । ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ।

**ବିଛା** – ଦିନଟି ପ୍ରତ୍ୟେକ ଦୃଷ୍ଟିକୋଣରୁ ଅନୁକୂଳ ରହିବ, ଯାହା ଚାହିଁବେ ତାହା ପାଇବେ ଓ କରିପାରିବେ ମଧ୍ୟ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବା ସହ ଆଲୋଚନା ଫଳପ୍ରଦ ହେବ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ ।

**ଧନୁ** – ପୂର୍ବ ସମସ୍ୟା ଦୂରେଇ ଯାଇ ଥିବାରୁ ମନ ଏକପ୍ରକାର ହାଲୁକା ରହିବ। କିନ୍ତୁ କେତେକ ଘଟଣାରେ ମୂଳା ନକ୍ଷତ୍ର ସମସ୍ୟା ବିଜଡ଼ିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ବହୁତ ଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** – ଆଜି କିଛି ଭଲ ଓ ମନ୍ଦର ମିଶ୍ରିତ ଫଳ ଅନୁଭବ କରି ଦିନଟି ସ୍ୱାଭାବିକ ଭାବରେ ବିତାଇବେ। ଯେ କୌଣସି କ୍ଷେତ୍ର ହେଉ ନା କାହିଁକି ଆପଣ ତରବର ନ ହୋଇ ସତର୍କତାର ସହ କାମ କରନ୍ତୁ , ଏହାର ବ୍ୟତିକ୍ରମ କଲେ ଆକସ୍ମିକ ଭାବେ ନିଜ ଲୋକ ଶତ୍ରୁତା କରିବସିବେ। ଅନ୍ୟମାନଙ୍କ କଥା ରକ୍ଷାକରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବେ।

**କୁମ୍ଭ** – ସକାଳୁ ସକାଳୁ ଭ୍ରମଣ ସକାଶେ ମନ ବଳାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି, ଅବଶ୍ୟ ଚନ୍ଦ୍ରଙ୍କ କୃପାରୁ ଅର୍ଥଲାଭ ଅବଶ୍ୟମ୍ଭାବୀ । ଦୀର୍ଘ ସମୟ ପ୍ରତୀକ୍ଷା କରି କରି ପରିଶେଷରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ । ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ** – ସ୍ୱାସ୍ଥ୍ୟ ଭଲ ରହିବା ସହ କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ରକ୍ଷାକରନ୍ତୁ, ନଚେତ୍ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସାବିରୋଧୀ ଦିବସ, ଦେବ ଦୀପାବଳି ଆରମ୍ଭ, ଶ୍ରୀଜୀଉଙ୍କର ଶ୍ରାଦ୍ଧ ବେଶ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ସକାଳ ଘ୬ ।୩୨ମି. ଗତେ ଘ୯ ।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୫୩ମି. ଗତେ ଘ୧୦ ।୧୫ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




SALE

1430sqft. plot at near DAV School, Pokharipur, Bhubaneswar @ 3,000/- per sqft., BDA Road. Contact: 9861125539, 9040521173. D-67255

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851. D-68428

Ready to move 3/2BHK flats and Duplex near (V2- Showroom) Patrapada, Bhubaneswar. 9861037729, 9040337729. D-63962

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Agriculture land for sale Patrapada Gahir near AIIMS. Broker excuse. 8895549929. D-67728

1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165. D-15406




Single room for Residential/ Office/ Coaching center at Laxmisagar. 7008920669. D-15386

6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509




Rejuvenate and ayurvedic full body massage by smart therapist. 9114402304. D-68145

Sai herbal Spa refresh your body with smart and expert therapist, contact: 7608062524. D-68184

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Ayurvedic full body massage ladies & gents smart therapist, 9668814589. D-68706




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270

LOST

ମୁଁ ଶାଳିନୀ ଭଞ୍ଜ ଜଣାଉଅଛି କି ମୋର କବଲା ନଂ- ୫୨୧୧, ତା. ୨୮।୧୦।୨୦୦୦ ଓ କବଲା ନଂ- ୪୦୦୯, ତା. ୦୨।୦୮।୨୦୦୪ରି ଖରେ ହଜିଯାଇଛି। ବହୁ ଖୋଜାଖୋଜି ପରେ ମଧ୍ୟ ଏହି କବଲା ଦ୍ୱୟ ମିଳୁନାହିଁ। ଏହି କବଲା ଦ୍ୱୟ କୌଣସି ସଂସ୍ଥାରେ ବନ୍ଧକ ନାହିଁ କିମ୍ବା ପୁନଃ ବିକ୍ରୟ କରାଯାଇନାହିଁ। ଦର୍ଶାଯାଇଥିବା କବଲା ଯଦି କେହି ବ୍ୟକ୍ତି ବା ସଂସ୍ଥା ପାଇଥାଆନ୍ତି, ତାହେଲେ ନିମ୍ନ ଠିକଣା ଓ ଫୋନ୍‌ରେ ଯୋଗାଯୋଗ କରିବାକୁ ଅନୁରୋଧ। ଶାଳିନୀ ଭଞ୍ଜ, ସ୍ୱାମୀ- ବିନୋଦ ଭଞ୍ଜ, ସା- ବାଲୁବଜାର, ପୋ- ଚାନ୍ଦିନୀଚୌକ, ଲାଲବାଗ, କଟକ, ମୋ: ୯୮୬୧୦୫୦୯୭୧. D-15403

Happy Birthday



Kasturi Priyambada Sahoo
(Jhua)
I'm so greatful you came into the world, Because you make my world better everyday.
Wishes from:
Maa, Baba, Babuna, Rani, Friends and Relatives
D-68194

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ର୍‌ୟାପ୍ ଦୁନିଆର ନୂଆ ଚେହେରା 'ଜେନେସିସ୍'

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପରେ ଧୀରେ ଧୀରେ ଭାରତରେ ଆଦୃତ ହେଉଛି ର୍‌ୟାପ୍ କଲ୍‌ଚର୍। ହେଲେ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଏହି ଟ୍ରେଣ୍ଡ୍ ସେତେଟା ଲୋକପ୍ରିୟତା ହାସଲ କରିପାରିନି। ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟରେ ହିପ୍‌ହପ୍ ଓ ର୍‌ୟାପ୍ ବହୁଳଭାବେ ଆଦୃତ ହୋଇଥିଲେ ମଧ୍ୟ ଓଡ଼ିଶା ଏହାଠାରୁ ବହୁ ଦୂରରେ ରହିଛି। ତେବେ ଏହି ଦୂରତାକୁ କମ୍ କରି ଓଡ଼ିଶା ଏବଂ ଦେଶର ପ୍ରମୁଖ ସ୍ମାର୍ଟସିଟି ଭୁବନେଶ୍ୱରରେ ର୍‌ୟାପ୍ କଲ୍‌ଚର୍‌କୁ ଲୋକପ୍ରିୟ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଭୁବନେଶ୍ୱରର ସନ୍ତୋଷ ଗୁପ୍ତା। ପ୍ରଥମେ ସମୀର ରିଶୁ ମହାନ୍ତିଙ୍କ ପରେ ଏବେ ସନ୍ତୋଷ ଓଡ଼ିଶାର ର୍‌ୟାପ୍ ଟ୍ରେଣ୍ଡ୍‌କୁ ଆଉପାଦେ ଆଗକୁ ନେବାକୁ ଉଦ୍ୟମ ଜାରି ରଖିଛନ୍ତି। ମୁଣ୍ଡ ଉପରେ ପରିବାର ଚଳାଇବାର ବୋଝ ଥିଲେ ବି ନିଜ ପ୍ୟାଶନକୁ ଅନୁସରଣ କରିବାକୁ ଭୁଲିନାହାନ୍ତି। 'ହସଲ୍ ଜାରି' ଗୀତ ମାଧ୍ୟମରେ ର୍‌ୟାପ୍ ଦୁନିଆରେ ପାଦ ରଖିଥିବା ସନ୍ତୋଷ ଓରଫ୍ ଜେନେସିସ୍ ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ଜଣେ ଚିହ୍ନା ମୁହଁ ପାଲଟିଛନ୍ତି।

ଏମିନେମ୍‌ଙ୍କ 'ନଟ୍ ଆଫ୍ରେଡ୍' ଗୀତ ଶୁଣିବା ପୂର୍ବରୁ ଜେନେସିସ୍ କେବେ ଭାବି ନ ଥିଲେ ନିଜେ ର୍‌ୟାପ୍ ତିଆରି କରିବେ ଓ ନିଜେ ଗାଇବେ। ବଲିଉଡ୍‌ର ରୋମାଣ୍ଟିକ୍ ଗୀତ ଶୁଣି ବଡ଼ ହୋଇଥିବା ଜେନେସିସ୍ ୨୦୧୦ରେ ଯେତେବେଳେ ପ୍ରଖ୍ୟାତ ର୍‌ୟାପର୍ ଏମିନେମ୍‌ଙ୍କ ଗୀତ ଶୁଣିବା ଆରମ୍ଭ କଲେ ସେବେଠାରୁ ର୍‌ୟାପ୍ ମ୍ୟୁଜିକ୍‌ରେ ଥିବା ରିଦିମାନ୍ ପୋଏଟ୍ରୀ ଓ ପ୍ରତି ର୍‌ୟାପ୍‌ରେ ଲୁଚିଥିବା ସଂଘର୍ଷର କାହାଣୀ ତାଙ୍କୁ ଆକର୍ଷିତ କରିଥିଲା। ଜଣେ ମେଧାବୀ ଛାତ୍ର ଭାବେ ସନ୍ତୋଷ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରୁ ସ୍କୁଲିଂ ଶେଷ କରିବା ପରେ ବିଜେବି ଜୁନିୟର କଲେଜରେ ଯୁକ୍ତ ୨ ପଢ଼ିଥିଲେ। ଏହାପରେ ଆଇଜିଆଇଟି ସରାଙ୍ଗରୁ ବି.ଟେକ୍ କରିବା ପରେ ହାଇଦ୍ରାବାଦ ଟିସିଏସ୍‌ରେ ଚାକିରି କରିଥିଲେ। ତେବେ କଲେଜରେ ପଢ଼ିବା ସମୟରେ ୨୦୧୫ରେ ସେ ର୍‌ୟାପିଂ ଆରମ୍ଭ କରିଥିଲେ।

'ହସଲ୍ ଜାରି', 'ଓଡ଼ିଆ ଡ୍ୟୁଡ୍ କିଲ୍‌ସ ଏମିନେମ୍ କିଲ୍ସ ସଟ୍', 'ଆଇ ବିଗିନ୍' ଭଳି ୩ଟି ର୍‌ୟାପ୍ ଭିଡ଼ିଓ କରିଥିବା ଜେନେସିସ୍‌ଙ୍କୁ ୟୁଟ୍ୟୁବ୍‌ରେ ବହୁଳ ଲୋକପ୍ରିୟତା ମିଳିଛି। କେବଳ ଏତିକି ନୁହେଁ, ଭୁବନେଶ୍ୱରର ପ୍ରମୁଖ କାଫେ, ବାର୍‌ରେ ଶୋ' କରିବା ସହ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲାଇଭ୍ ଶୋ' କରୁଛନ୍ତି। ଏହା ଯୁବପିଢ଼ିଙ୍କୁ ର୍‌ୟାପ୍ ଦୁନିଆ ପ୍ରତି ଆକର୍ଷିତ କରିବା ସହ ଲୁକ୍କାୟିତ ପ୍ରତିଭାମାନଙ୍କୁ ଆଗକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ର୍‌ୟାପ୍‌କୁ ଭଲ ପାଉଥିବା ଅନେକ ଲୁକ୍କାୟିତ କଳାକାର ତାଙ୍କସହ କୋଲାବ୍ କରୁଛନ୍ତି। ଏବେ ଇଂଲିଶ, ହିନ୍ଦୀରେ ର୍‌ୟାପ୍ କରୁଥିବା ସନ୍ତୋଷ ଆଗାମୀ ଭବିଷ୍ୟତରେ ଓଡ଼ିଆ ଏବଂ ଓଡ଼ିଶାର ବାସ୍ତବ ଘଟଣା ଉପରେ ର୍‌ୟାପ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏମିନେମ୍, ଡିଭାଇନ୍ ଓ ବ୍ରୋଧା ଭି ଭଳି ର୍‌ୟାପର୍‌ଙ୍କ ପଥ ଅନୁସରଣ କରୁଥିବା ଜେନେସିସ୍ ଆଗକୁ ଭୁବନେଶ୍ୱରରେ ରିୟଲ ହିପ୍‌ହପ୍‌କୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଏବେଠାରୁ କାମ କରୁଛନ୍ତି। ଓଡ଼ିଆ ଫିଲ୍ମରେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଭଲ ର୍‌ୟାପ୍ ତିଆରି ନ ହେବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଲଭ୍, ରୋମାନ୍ସ ବଦଳରେ ସତ ଓ ସଂଘର୍ଷମୟ କାହାଣୀ ଉପରେ ଫିଲ୍ମ ହେଲେ ବାସ୍ତବ ହିପ୍‌ହପ୍‌କୁ ଫିଲ୍ମ ମାଧ୍ୟମରେ ଦେଖାଯାଇପାରିବ ବୋଲି ସେ କହିଛନ୍ତି। ର୍‌ୟାପ୍ ତାଙ୍କ ପାଇଁ ଏକ ଥେରାପୀ ବୋଲି ସେ କହୁଥିବାବେଳେ ବେକରେ ଚେନ୍ କି ମୁଣ୍ଡରେ ଟୋପି ପିନ୍ଧି ଯାହା ବି ଗାଇଦେଲେ ଜଣେ ର୍‌ୟାପର୍ ହୋଇଯିବନି ବୋଲି ସେ ବିଶ୍ୱାସ କରନ୍ତି।



# ମୁକ୍ତ ହେଲେ ୫ କଏଦୀ

**ବାରଙ୍ଗ,୨୪।୧୧(ଡି.ଏନ.ଏ):** ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ତିନିଦିନ ମଧ୍ୟରେ ୫ଜଣ କଏଦୀ ମୁକ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଜେଲରୁ ୨୦୧୦ରେ ଏଠାକୁ ଆସିଥିବା ଦୀପକ କୁମାର ସାହୁ ଓ ଚୌଦ୍ୱାର ସର୍କଲ ଜେଲ୍‌ରୁ ୨୦୧୨ରେ ଆସିଥିବା ଅସଗର୍ ଖାଁଙ୍କୁ ଗୁରୁବାର ଖଲାସ କରାଯାଇଛି। କୋରାପୁଟ ସର୍କଲ ଜେଲରୁ ୨୦୧୨ରେ ଆସିଥିବା ମନୋଜ କୁମାର ପାଢୀ ଓ କେନ୍ଦୁଝର ଜିଲା କାରାଗାରରୁ ୨୦୧୮ରେ ଆସିଥିବା ମଙ୍ଗଳସିଂ ମୁଣ୍ଡାକୁ ଶୁକ୍ରବାର ଖଲାସ କରାଯାଇଛି। ସେହିଭଳି ଶନିବାର ରାଉରକେଲାର ସ୍ୱତନ୍ତ୍ର ଜେଲରୁ ୨୦୧୮ରେ କାରାଶ୍ରମକୁ ଆସିଥିବା ଧାମା ମିଞ୍ଜିଆଙ୍କୁ ଖଲାସ କରାଯାଇଛି। ସେମାନେ ନରହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୧୨ବର୍ଷ ସଜା କାଟିବାପରେ ଚରିତ୍ରରେ ପରିବର୍ତ୍ତନ ଘଟୁଥିବା କଏଦୀମାନଙ୍କୁ ଏହି କାରାଶ୍ରମକୁ ଆସିଥାନ୍ତି। ୫ଜଣ କଏଦୀ ଖଲାସ ପରେ କାରାଶ୍ରମରେ ୭୦ଜଣ ଅନ୍ତେବାସୀ ରହିଛନ୍ତି।




# ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ନେଇ ପ୍ରଶ୍ନୋତ୍ତର



**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଏକ ପ୍ରାକୃତିକ ମନୋରମ ଫଟୋକୁ ଟୁଇଟ୍ କରିଥିଲେ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ସେ ଅନେକ ସ୍ଥାନ ଭ୍ରମଣ କରିଛନ୍ତି। ହେଲେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ତାଙ୍କୁ ଅଧିକ ଆକର୍ଷିତ କରିଥାଏ। ଫଟୋରେ ଦେଖାଯାଉଥିବା ଏହି ରାସ୍ତାଟି କେଉଁଠିକାର ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସେହିପରି ପଚାରିଥିବା ପ୍ରଶ୍ନର ଉତ୍ତର ନେଇ ସାମାନ୍ୟ ସଙ୍କେତ ଦେଇ କହିଥିଲେ ଯେ, ଏହା ଆଦିବାସୀ ଅଞ୍ଚଳର ସାମାଜିକ-ସାଂସ୍କୃତିକ ଏକ ପାହାଡିଆ ଅଞ୍ଚଳର ଏକ ଜୀବନରେଖା। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଶ୍ନ ପରେ ବହୁ ସଂଖ୍ୟକ ଟୁଇଟର ବ୍ୟବହାରକାରୀ ଉତ୍ତର ଦେବା ଆରମ୍ଭ କରିଥିଲେ। ରାତି ୧୦ଟା ୨୦ ସୁଦ୍ଧା ଏହି ପୋଷ୍ଟଟିକୁ ୩୪୦୦ ଲାଇକ୍, ୩୯୧ ରିଟୁଇଟ୍, ୨୬୭ଟି ଉତ୍ତର ଆସିଥିଲା। ପ୍ରଶ୍ନ ପଚାରିବାର କିଛି ଘଣ୍ଟା ପରେ ମୁଖ୍ୟମନ୍ତ୍ରୀ ଟୁଇଟର ଜରିଆରେ ତାହାର ଉତ୍ତର ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଫଟୋଟି ଜୟପୁର-ମାଲକାନଗିରିକୁ ଯୋଗାଯୋଗ କରୁଥିବା ରାସ୍ତାର ଥିଲା ବୋଲି ସେ ନିଜେ ଉଲ୍ଲେଖ କରିଥିଲେ। ତାଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ଭାଗ ନେଇଥିବା ସମସ୍ତ ଟୁଇଟର ବ୍ୟବହାରକାରୀଙ୍କୁ ନବୀନ ଧନ୍ୟବାଦ ଦେଇଥିଲେ।

# ୫୦ ଲକ୍ଷ ଦାବି କରି ୫ ନକଲି ମାଓବାଦୀ ଗିରଫ

**ମାଲକାନଗିରି/କାଲିମେଳା,୨୪।୧୧(ଡି.ଏନ.ଏ)**

ମାଲକାନଗିରି ଜିଲାର ମୋଟୁ ଥାନା ଅନ୍ତର୍ଗତ ପେଟାସ୍ଥିତ ଭି.ଜି. ଗ୍ରାନାଇଟ ଖଣି ମାଲିକ ଓ କର୍ମଚାରୀଙ୍କୁ ମାଓବାଦୀ ପରିଚୟ ଦେଇ ୫୦ ଲକ୍ଷ ଟଙ୍କା ଦାବି କରି ଧମକ ଦେଉଥିବା ୫ ଜଣ ନକଲି ମାଓବାଦୀଙ୍କୁ ରବିବାର ପୋଲିସ ଗିରଫ କରିଛି। ସେମାନେ ହେଲେ ମୋଟୁ ଥାନା ଅନ୍ତର୍ଗତ କୋଣ୍ଡାପାଲି ଗ୍ରାମର ଏଙ୍କା ସୁନାମ(୨୮), କମାରଗୁଡ଼ା ଗ୍ରାମର ବେଟି ବଜି(୩୨), କୋଣ୍ଡାପାଲି ଗ୍ରାମର ନାରାୟଣ ମାର୍କା(୨୪), ତେଲେଙ୍ଗାନା ରାଜ୍ୟ କୋତାଗୁଡମ ଜିଲା ଲାଚ୍ଛିଗୁଡାମ ଗ୍ରାମର କୁ ବାଦ୍ରାୟା(୩୮) ଓ ପୂର୍ବ ଗୋଦାବରୀ ଜିଲା ଗୁଡୁର ଗ୍ରାମର ସୋଡ଼ି ଲେନିନ(୨୯)। ଏଙ୍କାଙ୍କ ମୋବାଇଲରୁ ଖଣି ମାଲିକ ସି.ଏଚ. ବେଣୁଗୋପାଳଙ୍କୁ ଗତ ୫ରୁ ୨୧ ତାରିଖ ମଧ୍ୟରେ ବହୁବାର ମ୍ୟାସେଜ ଓ ଫୋନ କରି ନିଜକୁ ମାଓବାଦୀ ପରିଚୟ ଦେଇ ୫୦ ଲକ୍ଷ ଟଙ୍କା ଦାବି କରି ଆସୁଥିଲେ। ଟଙ୍କା ନ ଦେଲେ ଖଣି କାର୍ଯ୍ୟାଳୟକୁ ବୋମା ଯୋଗେ ଉଡ଼ାଇ ଦେବାକୁ ଧମକ ଦେଇଥିଲେ। ତାଙ୍କ ସହଯୋଗୀ ଗଙ୍ଗାଧର ରାଓ ମଧ୍ୟ ଗତ ୨୦ରୁ ୨୧ ମଧ୍ୟରେ ବହୁବାର ଫୋନ କରି ଅର୍ଥ ଦାବି କରିଥିଲେ। ଅର୍ଥ ନ ଦେଲେ ତାଙ୍କ ଖଣି ମାଲିକ ବେଣୁଗୋପାଳଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ଏ ନେଇ ଖଣି ମାଲିକ ମୋଟୁ ଥାନାରେ ଗତ ୨୨ରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ କେସ ନଂ. ୭୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଯେଉଁ ମୋବାଇଲ ଫୋନ ନଂ.ରୁ କଲ ଓ ମ୍ୟାସେଜ ଆସିଥିଲା ପୋଲିସ ସେହି ନମ୍ବରକୁ ଟ୍ରାକ କରି ଏଙ୍କାକୁ ଗିରଫ କରିଥିଲା। ଅଧିକ ପଚରାଉଚରା ପରେ ଏଥିରେ ସମ୍ପୃକ୍ତ ଅନ୍ୟ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ସେମାନଙ୍କ ନିକଟରୁ ୫ଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ଏସଡିପିଓ ପ୍ରହଲ୍ଲାଦ ସହାଇ ମୀନା କହିଛନ୍ତି।



## ଜିଲା ଚିଠି
## ମାଲକାନଗିରି

# ଧାନ କିଣା

ଚଳିତବର୍ଷ ବିଳମ୍ବରେ ବର୍ଷା ହେଲେ ମଧ୍ୟ ମାଲକାନଗିରି ଜିଲାରେ ଧାନ ଫସଲ ଭଲ ହୋଇଛି। ଢିପ ଜମି ଧାନ ଅମଳ କରି ବିକ୍ରି ପାଇଁ ଚାଷୀମାନେ ପ୍ରସ୍ତୁତ ହୋଇଛନ୍ତି। ଗତ ୧୫ତାରିଖରୁ ଜିଲାରେ ଧାନମଣ୍ଡି ଖୋଲିଛି। ସମୁଦାୟ ୬୨ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ହେଲେ ଚଳିତବର୍ଷ ଚାଷୀଙ୍କ ପାଇଁ ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଅଡୁଆ ହୋଇଛି। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଅନେକ ଚାଷୀ ଅନ୍‌ଲାଇନ କ'ଣ ଜାଣନ୍ତି ନାହିଁ, ରେଜିଷ୍ଟ୍ରେଶନ କିପରି ହୁଏ ଧାରଣା ନାହିଁ। ଏପରି ସ୍ଥଳେ ଜିଲାର ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚାଷୀମାନେ ଟୋକନ ପାଇବେ କେମିତି ଜାଣିପାରୁନାହାନ୍ତି। ଫଳରେ ସେମାନଙ୍କ ଧାନ କିପରି ବିକ୍ରି ହେବ ସେ ନେଇ ସମସ୍ୟା ଉପୁଜିଛି। ଗତବର୍ଷ ଯେଉଁ ଚାଷୀମାନଙ୍କ ନାମ ପଞ୍ଜୀକୃତ ହୋଇପାରି ନ ଥିଲା ସେମାନଙ୍କ ପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ପରେ ସେହି ଚାଷୀଙ୍କ ନାମ ପଞ୍ଜୀକରଣ କରି ଟୋକନ ପ୍ରଦାନ କରାଯାଇଥିଲା। ଏଥର କିନ୍ତୁ ସେହି ବ୍ୟବସ୍ଥା ନାହିଁ। ଯେଉଁ କେତେଜଣ ଚାଷୀ ଟୋକନ ପାଇଛନ୍ତି, ସେମାନେ ମଧ୍ୟ ସମସ୍ୟାରେ ପଡିଛନ୍ତି। ପଞ୍ଜୀକୃତ ଚାଷୀଙ୍କ ପାଇଁ ନିର୍ଦ୍ଦିଷ୍ଟ ମଣ୍ଡିରେ ସପ୍ତାହରେ ଥରେ ମାତ୍ର ୩୦ କୁଇଣ୍ଟାଲ ଧାନ ବିକ୍ରିର ବ୍ୟବସ୍ଥା କରିଛନ୍ତି। ବାକି ବଳକା ଧାନ ଚାଷୀ କ'ଣ କରିବେ ସେନେଇ ଚିନ୍ତାରେ ପଡିଛନ୍ତି। କାରଣ ଚାଷୀଙ୍କ ପାଖରେ ପ୍ରାୟ ୨ରୁ ୫ଶହ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ମହଜୁଦ ଅଛି। ଏଣେ ସମସ୍ତ ମଣ୍ଡିରେ ଏ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହୋଇ ନ ଥିବାରୁ ଏହାର ଫାଇଦା ଦଲାଲମାନେ ନେଉଛନ୍ତି। ସେମାନେ ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣି ଛତିଶଗଡରେ ବିକ୍ରି କରୁଛନ୍ତି। ଓଡ଼ିଶାରେ ଧାନ କୁଇଣ୍ଟାଲ ପ୍ରତି ସରକାରୀ ଦର ୧୭୫୦ ଟଙ୍କା ଥିବାବେଳେ ଛତିଶଗଡରେ ୨୫ଶହ ଟଙ୍କା ରହିଛି। ଓଡ଼ିଶାରୁ କମ୍ ଦରରେ ଧାନ ନେଇ ଛତିଶଗଡରେ ଅଧିକ ଦରରେ ବିକ୍ରି କରିବା ପାଇଁ ଦଲାଲମାନେ ଏବେ ଗାଁକୁ ଗାଁ ବୁଲୁଛନ୍ତି। ଏଇ କିଛିଦିନ ତଳେ ମାଲକାନଗିରିରୁ ଛତିଶଗଡର ସୁକୁମା ଜିଲାକୁ ଯାଇଥିବା ୧୫ ଟ୍ରକ ଧାନ ସେଠାକାର ପ୍ରଶାସନ ଜବତ କରିଥିଲା। ଏପରି ପରିସ୍ଥିତିରେ ମାଲକାନଗିରି ଜିଲାରେ ଧାନ କିଣା କିପରି ସୁରୁଖୁରୁରେ ଶେଷ ହେବ ସେଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଉପରେ ବିଭିନ୍ନ ମହଲରେ ଦାବି ହୋଇଛି।

– ଦୁର୍ଯ୍ୟୋଧନ ପାତ୍ର

# ସମୁଦ୍ରରେ ବୁଡ଼ି ଆଇଟିଆଇ ଛାତ୍ର ମୃତ

**କୋଣାର୍କ, ୨୪।୧୧(ଡି.ଏନ୍.ଏ.)**

ଚନ୍ଦ୍ରଭାଗା ସମୁଦ୍ରରେ ଗାଧୋଉଥିବାବେଳେ ଢେଉ ଯୋଗୁ ଭାସିଯାଇ ରବିବାର ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଧୀନସ୍ଥ କପାସି କୋରକରା ଗ୍ରାମର ସୌରଜିତ୍ ରାଉତ (୧୮)। ସେ ନିମାପଡ଼ାସ୍ଥିତ ଏକ ଘରୋଇ ଆଇଟିଆଇର ହଷ୍ଟେଲରେ ରହି ପାଠ ପଢୁଥିଲେ। ରବିବାର ଛୁଟିଦିନ ଅବସରରେ ୯ ଜଣ ସାଙ୍ଗଙ୍କ ସହ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିସାରି ଚନ୍ଦ୍ରଭାଗା ବଲିବାକୁ ଯାଇଥିଲେ। ସେଠାରେ ସୌରଜିତ୍ ସମୁଦ୍ରରେ ଗାଧୋଉଥିବାଥବେଳେ ଭାସିଯାଇଥିଲେ। ଏହା ଦେଖି ଚନ୍ଦ୍ରଭାଗା ବଜାର କମିଟିର କେତେଜଣ ସଦସ୍ୟ ଓ ତାଙ୍କ ସାଙ୍ଗମାନେ ତାଙ୍କୁ ପାଣିରୁ ଉଦ୍ଧାର କରି କୋଣାର୍କ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଏଏସ୍‌ଆଇ ବନବିହାରୀ ଦାଶ କହିଛନ୍ତି। ଚନ୍ଦ୍ରଭାଗା ସମୁଦ୍ର କୂଳରେ ଲାଇଫ୍ ଗାର୍ଡ ନ ଥିବାରୁ ବାରମ୍ବାର ସମୁଦ୍ରରେ ବୁଡ଼ି ପର୍ଯ୍ୟଟକମାନେ ମୃତ୍ୟୁବରଣ କରୁଥିବାର ନଜିର ରହିଛି। ନିକଟରେ ପୁରୀ ଜିଲାପାଳ ବଲୱନ୍ତ ସିଂହ ଏନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଆସନ୍ତା ଡିସେମ୍ବରରୁ ସବୁଦିନ ପାଇଁ ଏଠାରେ ଲାଇଫ୍ ଗାର୍ଡ ମୁତୟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ତୁରନ୍ତ ଲାଇଫ୍ ଗାର୍ଡ ମୁତୟନ ପାଇଁ ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ଚନ୍ଦ୍ର ବେହେରା ଦାବି କରିଛନ୍ତି।



# ଅନେକ ବାଟ

ଅକ୍ଟୋବର ୨୧ରେ ଶେଷ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଅକ୍ଟୋବର ୨୪ରେ ପ୍ରକାଶ ପାଇଥିଲା। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୧୦୫ ଆସନ ପାଇଥିବା ବେଳେ ନିର୍ବାଚନ ପୂର୍ବର ସହଯୋଗୀ ଏବଂ ହିନ୍ଦୁତ୍ୱ ଚିନ୍ତାଧାରାର ପ୍ରମୁଖ ଅଂଶୀଦାର ଶିବସେନା ପାଇଥିଲା ୫୬ ଆସନ। ଅପରପଟେ ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଆସନ ପାଇଥିବା ବେଳେ ୪୪ ଆସନ ଅକ୍ତିଆର କରିଥିଲା କଂଗ୍ରେସ। ଫଳାଫଳରୁ ସ୍ପଷ୍ଟ ବୁଝାପଡିଲା ଯେ, ସର୍ବାଧିକ ସଂଖ୍ୟା ପାଇଥିବା ସତ୍ତ୍ୱେ ମହାରାଷ୍ଟ୍ରର ଜନସାଧାରଣ ଭାଜପାକୁ ସଂଖ୍ୟାଗରିଷ୍ଠତା ଦେଇ ନ ଥିଲେ। କୁହୁକ ନମ୍ବର ୧୪୫ ଥିବା ବେଳେ ଭାଜପାର ଲୋକପ୍ରିୟତା ପ୍ରବଳ ମାତ୍ରାରେ ହ୍ରାସ ପାଇଥିଲା ବୋଲି ଫଳାଫଳରୁ ଜଣାପଡିଲା। ତା'ପରେ ରାଜନୈତିକ ଖେଳ ଆରମ୍ଭ ହେଲା। ଗଣତନ୍ତ୍ରର ସର୍ବନିମ୍ନ ମର୍ଯ୍ୟାଦା ରକ୍ଷା କରିବା ପାଇଁ କୌଣସି ପକ୍ଷରୁ ତିଳେମାତ୍ର ଉଦ୍ୟମ ହୋଇଥିବା ଭଳି ମନେହେଲା ନାହିଁ। ଗତ ୫ ବର୍ଷ ଶାସନ କରିଥିବା ଭାଜପା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଉହଳବିକଳ ହୋଇ କ୍ଷମତାରେ ରହିବାକୁ ଚେଷ୍ଟା କରୁଥିବା ବେଳେ ଯେତେ ପରିମାଣର ଅସାମ୍ବିଧାନିକ ସହଯୋଗ ହୋଇପାରେ, ତାହାସବୁ ନରେନ୍ଦ୍ର ମୋଦିଙ୍କ କେନ୍ଦ୍ର ସରକାର ଦେବା ପାଇଁ ଆଗେଇ ଆସିଥିଲେ। ଯଦି ଭାଜପା ସରକାର କରିବ ନାହିଁ, ତେବେ ଅନ୍ୟକେହି ଗାଦିରେ ବସିବାର ପ୍ରୟୋଜନ ନାହିଁ। ଏହିଭଳି ବିଶ୍ୱାସ ରଖି ଭାଜପାର କେନ୍ଦ୍ର ନେତୃତ୍ୱ କାର୍ଯ୍ୟ ଆରମ୍ଭ କଲେ। ଉଚ୍ଚସ୍ୱରରେ 'ଜନାଦେଶ'ର ଦୁହାଇ ଦେଉଥିବା ଭାଜପା ଜନକୁ ଆଦେଶ ଦେବାରେ ଆଗେଇ ଆସିଲା। ଭାଜପାର ନିର୍ବାଚନ ପୂର୍ବର ସଙ୍ଗାତ ଶିବସେନା ପ୍ରଥମ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀ ପଦବୀ ଦାବି କରିବସିଲା। ସେହି ଦାବିକୁ ଭାଜପାର ନେତୃବୃନ୍ଦ ସ୍ୱୀକାର ନ କରିବାରୁ ସମସ୍ୟା ବୃଦ୍ଧି ପାଇଲା। ହଠାତ୍ ରାଷ୍ଟ୍ରପତି ଶାସନ ଜାରି କରିଦିଆଗଲା। ତା'ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଆଲୋଚନା କରିବସିଲେ। କଂଗ୍ରେସ ମଧ୍ୟ ସେମାନଙ୍କ ସହ ସାମିଲ ହେଲା। ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟି ନିଜର ଦାବି ଉତ୍‌ଥାପନ କରିବେ ବୋଲି ୩ ଦଳ ନିଷ୍ପତ୍ତି ନେଲେ। ଏହା ଥିଲା ୨୨ ନଭେମ୍ବର ବିଳମ୍ବିତ ରାତି କଥା। ଉଦ୍ଧବ ମୁଖ୍ୟମନ୍ତ୍ରୀ ହେବେ ବୋଲି ମଧ୍ୟ ଘୋଷଣା କରିଦିଆଗଲା। ସବୁ ଛାପା ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ ଏହି ଖବର ଶିରୋନାମା ପାଲଟିଗଲା। କିନ୍ତୁ ୨୩ ନଭେମ୍ବର ସକାଳୁ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ନେଲା। ଏନ୍‌ସିପି ବିଧାୟକ ଦଳ ନେତା ଅଜିତ୍ ପାୱାର ନିଜ ଦଳର ଏକ ଅଂଶ ଭାଙ୍ଗି ନେଇ ଭାଜପା ସହ ମେଣ୍ଟ ଗଢ଼ି ନିଜେ ଉପମୁଖ୍ୟମନ୍ତ୍ରୀ ପଦବୀ ନେଇଗଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦୁର୍ନୀତି ବିରୋଧରେ ଚିତ୍କାର କରିଆସୁଥିବା ଭାଜପା ଆଜି ମହାରାଷ୍ଟ୍ରରେ ଫଡ୍‌ନବିସଙ୍କ ନେତୃତ୍ୱାଧୀନ ସରକାର ଗଠନ କରିବାକୁ ବ୍ୟାକୁଳ ହୋଇପଡ଼ିଥିବା ହେତୁ ପ୍ରବଳ ମାତ୍ରାରେ ଦୁର୍ନୀତିଗ୍ରସ୍ତ ଅଜିତ୍ ପାୱାରଙ୍କ ସହିତ ଉତ୍‌ଫୁଲିତ ହୋଇ ହାତ ମିଳାଇଥିଲା। ଏଠାରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ଅନେକ ଆପରାଧିକ ମାମଲା ସହିତ ରାଜ୍ୟର ଜଳସେଚନ ମନ୍ତ୍ରୀ ରୂପେ ୧୯୯୯ରୁ ୨୦୦୯ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ଅଜିତ୍ ପାୱାର ୭୦ ହଜାର କୋଟି ଟଙ୍କାର ଦୁର୍ନୀତିରେ ମୁଖ୍ୟ ନାୟକ ବୋଲି ଏହି ଭାଜପା ଦେଶବାସୀଙ୍କୁ ବିଶ୍ୱାସ ଦିଆଇଥିଲା। ୨୩ ନଭେମ୍ବର ସକାଳ ୮ଟାରେ ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡ୍‌ନବିସ ଏବଂ ସେହି ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ରୂପେ ଅଜିତ୍ ପାୱାର ଶପଥ ଗ୍ରହଣ କରିବା ପରେ କ୍ଷୁଦ୍ର ବୁଦ୍ଧି ଥିବା ଭାରତୀୟ ବୁଝିପାରିବ ଯେ, ଦୁର୍ନୀତି ବିରୋଧରେ କହିବାର ନୈତିକତା ଭାଜପା ସମ୍ପୂର୍ଣ୍ଣ ଭାବେ ହରାଇଛି। ଏହିଭଳି କ୍ଷମତାଲୋଭ ଯୋଗୁ ଉତ୍ତରପ୍ରଦେଶରେ ୨୦୧୭ ବିଧାନସଭା ନିର୍ବାଚନ ପୂର୍ବରୁ ବିମୁଦ୍ରୀକରଣ ଲାଗୁ କରି ବିରୋଧୀଙ୍କୁ ଅସ୍ତ୍ରହୀନ କରାଇଦେଲେ ମୋଦି। ସେହି କ୍ଷଣକ ଜିତାପଟ ପାଇଁ ଭାରତର ଅର୍ଥନୈତିକ ମେରୁଦଣ୍ଡକୁ ଭାଙ୍ଗି ଚୂର୍‌ମାର୍ କରିଦେବାରେ ଭାଜପାର କୌଣସି ଦ୍ୱିଧା ରହିଲା ନାହିଁ।

ମହାରାଷ୍ଟ୍ର ରାଜନୀତିକୁ ଫେରିବା । କୌତୂହଳର ବିଷୟ ହେଲା ଯେ କେବଳ ଉଦ୍ଧବ, ଶରଦ କିମ୍ବା କଂଗ୍ରେସ ନୁହେଁ, ତାଙ୍କଠାରୁ ବଡ଼ ଶିକାର ହୋଇଗଲା ଗଣମାଧ୍ୟମ। ଦେଶବ୍ୟାପୀ ସବୁ ଖବରକାଗଜର ପ୍ରଥମ ପୃଷ୍ଠାର ଶିରୋନାମାରେ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଖବର ଛାପା ହେବା ସହିତ ଅଧିକାଂଶ ନିରପେକ୍ଷ ଟେଲିଭିଜନ ଚ୍ୟାନେଲ ବ୍ରେକିଂ ନ୍ୟୁଜ୍‌ରେ ମଧ୍ୟ ତାହା ହିଁ ପ୍ରକାଶ କଲେ। ୨୩ ନଭେମ୍ବର ସକାଳେ ଚା' ସହ ଖବରକାଗଜ ପଢୁଥିବା ପାଠିକାପାଠକ ଉଦ୍ଧବଙ୍କ ମୁଖ୍ୟମନ୍ତ୍ରୀ ଆସନ ଗ୍ରହଣ ସମ୍ପର୍କିତ ଖବର ପଢୁଥିବା ବେଳେ ଟେଲିଭିଜନରେ ଦେବେନ୍ଦ୍ର ଫଡନବିସ ଏବଂ ଅଜିତ୍ ପାୱାରଙ୍କ ଶପଥ ଗ୍ରହଣ ଉତ୍ସବର ସିଧା ପ୍ରସାରଣ ଦେଖିପାରୁଥିଲେ। ଭୋର ୫ଟା ୪୭ରେ ରାଷ୍ଟ୍ରପତି ଶାସନ ପ୍ରତ୍ୟାହୃତ ହୋଇ ୮ଟା ବେଳେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନିଜର ବୋକାମିକୁ ସ୍ୱୀକାର କରି ପ୍ରାୟ ଅଧିକାଂଶ ଜାତୀୟ ଛାପା ଗଣମାଧ୍ୟମ ମାନିନେଲେ ଯେ, ରାଜନୈତିକ ଲୋକଙ୍କ ବିଚିତ୍ର ଚରିତ୍ରକୁ ଅନୁମାନ କରିବାରେ ସେମାନେ ବିଫଳ ହୋଇଛନ୍ତି। ଅବଶ୍ୟ ଓଡ଼ିଶାର କୌଣସି ଖବରକାଗଜରେ ଏଭଳି ସ୍ୱୀକାରୋକ୍ତି ଦେଖିବାକୁ ମିଳିନାହିଁ। ଅର୍ଥାତ୍ ଓଡ଼ିଆ ଭାଷାରେ ପ୍ରକାଶିତ ସବୁ ଖବରକାଗଜକୁ ଉଚ୍ଚକୋଟୀର ସାମ୍ବାଦିକତା ହାସଲ କରିବା ପାଇଁ ଅନେକ ବାଟ ବାକି ଅଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ



ଶରତ ଚନ୍ଦ୍ର ମିଶ୍ର

ଅତ୍ୟନ୍ତ ଆନନ୍ଦର କଥା ଯେ, ବାଣୀବିହାରର କେତେଜଣ ପୁରାତନ ଛାତ୍ରୀଛାତ୍ର ସଂଗଠିତ ହୋଇ ଏହାର ହୃତଗୌରବ ଫେରାଇଆଣିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଛନ୍ତି। ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକାଶ ଦିଗରେ ପୁରାତନ ଛାତ୍ରମାନେ ଏକ ବିଶେଷ ଭୂମିକା ପାଳନ କରନ୍ତି ଓ ବିଶ୍ୱବିଦ୍ୟାଳୟକୁ ବହୁ ଅର୍ଥ ପ୍ରଦାନ କରନ୍ତି। ବାଣୀବିହାରର ପୁରାତନ ଛାତ୍ରମାନଙ୍କର ଉଦ୍ୟମ ସଫଳକାମ ହେବ ବୋଲି ଆଶା। ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟର ପୀଠସ୍ଥଳୀ। ଏକଦା ସାରା ଓଡ଼ିଶାର ଏକମାତ୍ର ବିଶ୍ୱବିଦ୍ୟାଳୟ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ବର୍ତ୍ତମାନ ବାଣୀବିହାରରେ ଶିକ୍ଷାଦାନ ଓ କେତୋଟି ଅନୁବନ୍ଧିତ କଲେଜର ପରୀକ୍ଷା ନିୟନ୍ତ୍ରଣରେ ସୀମିତ। ବର୍ତ୍ତମାନ ପ୍ରାୟ ୨୦ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲାଣି ଓ ପ୍ରଧାନ ପ୍ରଧାନ କଲେଜଗୁଡ଼ିକ ସ୍ୱୟଂଶାସିତ କଲେଜର ମାନ୍ୟତା ପ୍ରାପ୍ତ ହେଲେଣି। ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ କିନ୍ତୁ ଗରିମାମୟ। ଏହି ଇତିହାସର କିଛି ସ୍ମୃତିଚାରଣ କରିବାର ପ୍ରୟାସ କରୁଛି।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠିତ ହେଲା ପରେ ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ଶାସନ ଭାର ଗ୍ରହଣ କଲା ୧୯୩୭ ମସିହାରେ। ଏଇ କଂଗ୍ରେସ ସରକାର ଓଡ଼ିଶାରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଏକ କମିଟି ଗଠନ କଲେ। କମିଟି ବିଶ୍ୱବିଦ୍ୟାଳୟ ଗଠନ ସପକ୍ଷରେ ମତପ୍ରଦାନ କରି, କିପରି ଏହା ଗଠିତ ହେବ ସେ ପରାମର୍ଶ ପ୍ରଦାନ କରିଥିଲା। କଂଗ୍ରେସ ମନ୍ତ୍ରିମଣ୍ଡଳ ୧୯୩୯ରେ ଇସ୍ତଫା ପ୍ରଦାନ କରିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ୧୯୪୧ ମସିହାରେ ପାରଳା ମହାରାଜାଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା। ଶିକ୍ଷା ଓ ଅର୍ଥମନ୍ତ୍ରୀ ଥାନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର। ସେ କାଳର ନିୟମ ଅନୁସାରେ ଗଭର୍ଣ୍ଣର ମନ୍ତ୍ରିମଣ୍ଡଳ ବୈଠକରେ ସଭାପତିତ୍ୱ କରୁଥିଲେ ଓ ଯୁଦ୍ଧ ସମୟରେ ସରକାର କୌଣସି ବିକାଶମୂଳକ କାର୍ଯ୍ୟରେ ଅର୍ଥବ୍ୟୟ କରିବାକୁ ଅନୁମତି ଦେଉ ନ ଥିଲେ। ଗଭର୍ଣ୍ଣରଙ୍କ ଅନାଗ୍ରହ ସତ୍ତ୍ୱେ ପଣ୍ଡିତ ଗୋଦାବରୀଶ ତତ୍କାଳୀନ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ସାହାଯ୍ୟରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଉଦ୍ୟମ କଲେ। ସେତେବେଳକୁ ଓଡ଼ିଶାରେ ମାତ୍ର ତିନୋଟି କଲେଜ, ରେଭେନ୍‌ଶା, ଖଲ୍ଲିକୋଟ ଓ ପାରଳାଖେମୁଣ୍ଡି। ତା' ବ୍ୟତୀତ ରେଭେନ୍‌ଶା ଗାର୍ଲସ ସ୍କୁଲରେ ଆଇ.ଏ. ଶ୍ରେଣୀ ଓ ବି.ଏଡ୍ ଡିପ୍ଲୋମା ପ୍ରଦାନକାରୀ ଶିକ୍ଷକ ଟ୍ରେନିଂ କଲେଜ ଥାଏ। ଗୋଦାବରୀଶ ୧୯୪୪ ମସିହାରେ ପୁରୀ, ବାଲେଶ୍ୱର ଓ ସମ୍ବଲପୁର ହାଇସ୍କୁଲରେ ଇଣ୍ଟରମିଡିଏଟ କଲେଜ ଖୋଲିଲେ। କଟକ ମେଡିକାଲ ସ୍କୁଲକୁ କଲେଜ କଲେ। ରେଭେନ୍‌ଶା ଗାର୍ଲସ ସ୍କୁଲର ଆଇ.ଏ. ଶ୍ରେଣୀକୁ କଲେଜ କଲେ ଓ କଟକର ଖ୍ରୀଷ୍ଟିଆନ ନେତାମାନଙ୍କୁ ପ୍ରବର୍ତ୍ତାଇ ଷ୍ଟୁଆର୍ଟ ଓ ଖ୍ରୀଷ୍ଟ କଲେଜରେ ଇଣ୍ଟରମିଡିଏଟ ଶ୍ରେଣୀ ଖୋଲାଇଲେ। ଗଡ଼ଜାତ ରାଜା ମହାରାଜାଙ୍କୁ ଅନୁରୋଧ କରିବାରେ ବଲାଙ୍ଗୀର ଓ ବାରିପଦାରେ କଲେଜ ଖୋଲିଲା। ୧୯୪୩ ମସିହା ଶେଷ ଭାଗରେ ରେଭେନ୍‌ଶା କଲେଜର ପଶ୍ଚିମ ଛାତ୍ରାବାସରେ ୱାର୍ଡେନ ଖାଲି କରିଥିବା କ୍ୱାର୍ଟର୍ସରେ ବିଶ୍ୱବିଦ୍ୟାଳୟ ଅଫିସ ଖୋଲିଲା। ରେଭେନ୍‌ଶା ପ୍ରିନ୍ସିପାଲ ଡ. ପ୍ରାଣକୃଷ୍ଣ ପରିଜା ଓ ଇଂରେଜ ଅଧ୍ୟାପକ ଭି. ଭି. ଜନ୍ ନିଜ ପଦ ସହିତ କୁଳପତି ଓ କୁଳସଚିବ ହେଲେ।

ବିଶ୍ୱବିଦ୍ୟାଳୟ ପ୍ରଥମେ ହାଇସ୍କୁଲ ଶିକ୍ଷାରେ କେତେକ ସୁଦୂରପ୍ରସାରୀ ପରିବର୍ତ୍ତନ ପ୍ରଚଳନ କଲେ। ସେ ପର୍ଯ୍ୟନ୍ତ ସ୍କୁଲ ଶିକ୍ଷାବର୍ଷ ଇଂରେଜ ଆଇସିଏସ୍‌ଇ ଢାଞ୍ଚାରେ ଜାନୁୟାରୀରେ ଆରମ୍ଭ ହୋଇ ଡିସେମ୍ବରରେ ସରୁଥିଲା ଓ ବର୍ଷ ମଝିରେ ଗ୍ରୀଷ୍ମ ଛୁଟି ହେଉଥିଲା। ଛାତ୍ରମାନେ ଡିସେମ୍ବରରେ ମାଟ୍ରିକ ପାସ କରି କଲେଜ ଆଡମିଶନ ନିମନ୍ତେ ଜୁଲାଇ ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ। ବିଶ୍ୱବିଦ୍ୟାଳୟ ସ୍କୁଲ ଶିକ୍ଷାବର୍ଷକୁ କଲେଜ ଶିକ୍ଷାବର୍ଷ ସହ ସମାନ କରି ଜୁଲାଇରୁ ଆରମ୍ଭ କଲେ ଓ ଏକ ଚାରିମାସିଆ କୋର୍ସ ପ୍ରଚଳନ କରି ପିଲାମାନଙ୍କୁ ଜାନୁୟାରୀରୁ ଜୁଲାଇ ମଧ୍ୟରେ ଗୋଟିଏ କ୍ଲାସ୍‌କୁ ପ୍ରମୋଶନ ଦେଲେ। ଦ୍ୱିତୀୟରେ ସ୍କୁଲରେ ଦୁଇଟି ଇଂଲିଶ ପତ୍ର ବ୍ୟତୀତ ବାକି ସମସ୍ତ ବିଷୟ ଓଡ଼ିଆରେ ଶିକ୍ଷାଦାନ ବ୍ୟବସ୍ଥା ପ୍ରଚଳନ ହେଲା। ତା' ପୂର୍ବରୁ ସ୍କୁଲରେ ଅଷ୍ଟମ ଶ୍ରେଣୀଠାରୁ ସମସ୍ତ ବିଷୟ ଇଂଲିଶରେ ଶିକ୍ଷାଦାନ କରାହେଉଥିଲା। ଏଇ ପ୍ରଥାଟି ପରବର୍ତ୍ତୀ କାଳରେ ଇଂଲିଶ ମାଧ୍ୟମ ସ୍କୁଲ ପ୍ରତି ଆଗ୍ରହ ଓ ଇଂଲିଶ ମାଧ୍ୟମ ସ୍କୁଲ ବୃଦ୍ଧିରେ ସହାୟକ ହୋଇଛି।

କଲେଜ ସ୍ତରରେ ଆଇ.ଏ., ଆଇ.ଏସ୍‌ସି. ଓ ବି.ଏ. କ୍ଲାସ୍‌ରେ ଏମ୍‌ଆଇଏଲ୍ ନାମରେ ବାଧ୍ୟତାମୂଳକ ଓଡ଼ିଆ ଶିକ୍ଷାର ପ୍ରବର୍ତ୍ତନ ହେଲା। ସେତେବେଳେ କେବଳ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍.ଏ. କ୍ଲାସ୍ ଥିଲା ଏବଂ ଓଡ଼ିଶାରେ ଓଡ଼ିଆରେ ଏମ.ଏ. ପାସ୍ କରିବା ଲୋକ ହାତଗଣତି ଥିଲେ। ଓଡ଼ିଶାରେ ଗୋଟିଏ ଓଡ଼ିଆ ଅଧ୍ୟାପକ ଶ୍ରେଣୀ ସୃଷ୍ଟି ହେଲା ଓ ସେ ଶ୍ରେଣୀ ପରବର୍ତ୍ତୀ କାଳରେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କଲେ।

ବିଶ୍ୱବିଦ୍ୟାଳୟର ଗୃହ ନ ଥିଲା। ସିନେଟ୍ ବୈଠକ ଓ ସମାବର୍ତ୍ତନ ଉତ୍ସବ ରେଭେନ୍‌ଶା କଲେଜରେ ହେଉଥିଲା। କିଛିକାଳ ପରେ ବର୍ଧମାନ କୋଠି (ବର୍ତ୍ତମାନର ମଧୁସୂଦନ ଆଇନ ବିଦ୍ୟାଳୟ ପରିସର)କୁ ବିଶ୍ୱବିଦ୍ୟାଳୟ ଉଠିଗଲା ଓ ପରେ କଟକର ସେସନ୍ସ ଜଜ୍ କୋଠି (ବର୍ତ୍ତମାନର ବ୍ଲଡ୍ ବ୍ୟାଙ୍କ)କୁ ବିଶ୍ୱବିଦ୍ୟାଳୟ ସ୍ଥାନାନ୍ତର ହୋଇ ବର୍ଧମାନ କୋଠିରେ ବିଶ୍ୱବିଦ୍ୟାଳୟ ଲାଇବ୍ରେରି, ଫୋର୍ଡ ଫାଉଣ୍ଡେଶନ ଗ୍ରାମ୍ୟ ଅର୍ଥନୀତି ବିଭାଗ ଓ ଆଇନ ବିଦ୍ୟାଳୟ ସ୍ଥାପିତ ହେଲା। ଷାଠିଏ ଦଶକ ପ୍ରାରମ୍ଭରେ ବାଣୀବିହାରର ପରିକଳ୍ପନା ହେଲା ଓ ସେଠାରେ କୋଠାବାଡ଼ି ନିର୍ମାଣ ହେଲା ପରେ ବିଶ୍ୱବିଦ୍ୟାଳୟ ସ୍ଥାୟୀ ଭାବରେ ସେଠାକୁ ଉଠିଗଲା। ପଚାଶ ଦଶକରେ ଉତ୍କଳ ବିଶ୍ୱବିଦ୍ୟାଳୟ ରେଭେନ୍‌ଶା କଲେଜ ପରିସରରେ ପଦାର୍ଥ ବିଜ୍ଞାନ ଓ ଭୂତତ୍ତ୍ୱରେ ଏମ୍.ଏସ୍‌ସି. ଓ ନିଜ ପରିଚାଳନାରେ ଗ୍ରାମ୍ୟ ଅର୍ଥନୀତି ଓ ସମାଜ ବିଜ୍ଞାନରେ ଶିକ୍ଷା ଓ ମଧୁସୂଦନ ଆଇନ କଲେଜର ଦାୟିତ୍ୱ ଗ୍ରହଣ କରିଥିଲା। ପ୍ରାରମ୍ଭ କାଳରେ ବିଶ୍ୱବିଦ୍ୟାଳୟର କୁଳପତି ନିର୍ବାଚିତ ହୋଇଥିଲେ। ପ୍ରଥମ ନିର୍ବାଚନରେ ଡ. ପ୍ରାଣକୃଷ୍ଣ ପରିଜା ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ପରାସ୍ତ କରି ଚିନ୍ତାମଣି ଆଚାର୍ଯ୍ୟ କୁଳପତି ହୋଇଥିଲେ ଓ ପୂର୍ଣ୍ଣକାଳୀନ କୁଳସଚିବ ଭାବରେ ଗୋକୁଳ ଚନ୍ଦ୍ର ଶତପଥୀ ନିଯୁକ୍ତ ହେଲେ। ଦ୍ୱିତୀୟ ନିର୍ବାଚନରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ଜଷ୍ଟିସ୍ ବୀରକିଶୋର ରାୟଙ୍କୁ ପରାସ୍ତ କରି ଡ. ପର୍ଶୁରାମ ମିଶ୍ର କୁଳପତି ନିର୍ବାଚିତ ହୋଇଥିଲେ। ନିର୍ବାଚନ ପଦ୍ଧତିରେ ଶିକ୍ଷା ଜଗତରେ ରାଜନୀତି ପ୍ରବେଶ କରୁଛି ବୋଲି ଆଶଙ୍କାକରି ସରକାର ଆଇନ କରି ନିର୍ବାଚନ ପ୍ରଥା ବନ୍ଦ କଲେ। ବର୍ତ୍ତମାନ ଓଡ଼ିଶାରେ ବିଧାନ ପରିଷଦ ଗଠନର ଉଦ୍ୟମ ହେଉଛି ଓ ସେଥିରେ ଶିକ୍ଷା ଜଗତର ରାଜନୀତୀକରଣର ଆଶଙ୍କା ବିଦ୍ୟମାନ। ତା' ପରେ ଓଡ଼ିଶା ଶିକ୍ଷା ବିଭାଗରେ କାମ କରିଥିବା ଅଥବା ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଥିବା ବ୍ୟକ୍ତିଙ୍କୁ କୁଳପତି ନିଯୁକ୍ତ କରାହେଉଥିଲା। ଏବେ କେତେ ବର୍ଷ ହେଲା ଓଡ଼ିଶା ବାହାରୁ ଅଧ୍ୟାପକ ଆସି କୁଳପତି ହେଉଛନ୍ତି। ସେମାନଙ୍କ ପକ୍ଷରେ ମାତ୍ର ତିନିବର୍ଷ ମଧ୍ୟରେ ସମସ୍ତ ସମସ୍ୟା ସହିତ ପରିଚିତ ହୋଇ ତା'ର ମୁକାବିଲା କରିବା କଷ୍ଟସାଧ୍ୟ ହୋଇପଡୁଛି।

ପଚାଶ ଦଶକର ଶେଷ ବେଳକୁ ଉତ୍କଳ ବିଶ୍ୱବିଦ୍ୟାଳୟ ସକ୍ରିୟ ହୋଇଉଠି ସ୍ନାତକୋତ୍ତର ଶ୍ରେଣୀରେ ନୂତନ ବିଭାଗମାନ ଖୋଲିଲା। ରାଜନୀତି ବିଜ୍ଞାନ (୧୯୫୮), ମନୋବିଜ୍ଞାନ (୧୯୫୯), ଦର୍ଶନ (୧୯୫୯), ପରିସଂଖ୍ୟାନ (୧୯୫୯) ବିଭାଗ ଆଦି ଖୋଲିଲା ଓ ରେଭେନ୍‌ଶା କଲେଜର ବହୁ କୃତବିଦ୍ୟ ଅଧ୍ୟାପକ ଯଥା ଶ୍ରୀରାମଚନ୍ଦ୍ର ଦାସ, ରାଧାନାଥ ରଥ, ଗଣେଶ୍ୱର ମିଶ୍ର, ସାଧୁଚରଣ ଦାସ, ମନ୍ମଥନାଥ ଦାସ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ। ରେଭେନ୍‌ଶାର ପ୍ରାଧାନ୍ୟ ହ୍ରାସ ପାଇ ବିଶ୍ୱବିଦ୍ୟାଳୟ ଓ ପରେ ପରେ ବାଣୀବିହାରର ଯୁଗ ଆରମ୍ଭ ହେଲା। ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ନିଜର ବିସ୍ତୀର୍ଣ୍ଣ କ୍ୟାମ୍ପସ ଆଉ ଶିକ୍ଷାଦାନ ବିଶ୍ୱବିଦ୍ୟାଳୟ ଭାବରେ ଏହା ଓଡ଼ିଶାରେ ପ୍ରଥମ। ଅଳ୍ପ କେତେବର୍ଷ ମଧ୍ୟରେ ଏହା ଭାରତବର୍ଷରେ ସୁନାମ ଅର୍ଜନ କଲା ଓ ବହୁ ଅଧ୍ୟାପକ, ଗବେଷକ, ବୈଜ୍ଞାନିକ, ରାଜନୀତିଜ୍ଞ ଏବଂ ପ୍ରଶାସନିକ ଅଧିକାରୀ ଏହିଠାରୁ ଶିକ୍ଷାପ୍ରାପ୍ତ ହୋଇଛନ୍ତି।

ବିଶ୍ୱବିଦ୍ୟାଳୟ କିନ୍ତୁ ବର୍ତ୍ତମାନ ଭାରତର ପ୍ରମୁଖ ୧୦୦ ବିଶ୍ୱବିଦ୍ୟାଳୟରେ ସ୍ଥାନିତ ନୁହେଁ। ଓଡ଼ିଶାର ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟ ଏହାଠାରୁ ଆଗେଇ ଗଲେଣି। କର୍ପୂର ଉଡ଼ିଗଲାଣି, କନା ପଡ଼ିରହିଛି। ଆଶା କରାଯାଏ ପୁରାତନ ଛାତ୍ରମାନେ ସମ୍ମିଳିତ ଉଦ୍ୟମକରି ବାଣୀବିହାରର ପୂର୍ବତନ ଗରିମା ଫେରାଇ ଆଣିବେ ଓ ପୁଣି ଏହାକୁ ଭାରତର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବରେ ସ୍ଥାନିତ କରି ଓଡ଼ିଶାକୁ ଗୌରବାନ୍ୱିତ କରିବେ।

ମୋ-୯୯୩୭୪୨୨୫୨୧

# ଇଲେକ୍ଟୋରାଲ ବଣ୍ଡ: ସରକାର ସତ ମାନିଲେ



ନୀତୀନ ସେଠୀ

ରାଜନୈତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ରକ୍ଷା କରାଗଲେ ପରେ ରାଜନୈତିକ ଆକ୍ରୋଶର ଶିକାର ହେବାକୁ ପଡ଼ିପାରେ ବୋଲି ଆଶଙ୍କା କରି ଦାତାମାନେ ଗୋପନୀୟତାଯୁକ୍ତ ଇଲେକ୍ଟୋରାଲ ବଣ୍ଡ ପାଇଁ ଦାବି କରିଆସୁଥିଲେ ବୋଲି ମୋଦି ସରକାର ବାରମ୍ବାର କହି ଆସୁଥିଲେ। କିନ୍ତୁ ଏକ ଆର୍‌ଟିଆଇ ଆବେଦନ ମାଧ୍ୟମରେ ମିଳିଥିବା ତଥ୍ୟରୁ ଏହା ମିଛ ବୋଲି ଜଣାପଡ଼ିଛି।

୨୦୧୭ରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯେତେବେଳେ ଇଲେକ୍ଟୋରାଲ ବଣ୍ଡ ଉନ୍ମୋଚନ କଲେ, ଯାହାଦ୍ୱାରା ବେନାମୀ ସଂସ୍ଥାଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଇପାରିବେ, ସେତେବେଳେ ସେ କହିଥିଲେ ଯେ, ଦାତାମାନେ ଚେକ୍ ମାଧ୍ୟମରେ ବା ଅନ୍ୟ କୌଣସି ସ୍ୱଚ୍ଛ ମାଧ୍ୟମରେ ଟଙ୍କା ଦେବାକୁ ଚାହୁଁ ନାହାନ୍ତି। କାରଣ ଏହାଦ୍ୱାରା ତାଙ୍କ ପରିଚୟ ଜଣାପଡ଼ିଯିବ ଏବଂ ସେଥିପାଇଁ ପରେ ଦୁଷ୍ପରିଣାମ ଭୋଗିବାକୁ ପଡ଼ିପାରେ। ସେବେଠାରୁ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ଦାତାଙ୍କ ନାମ ଗୋପନ ରଖିବା ସପକ୍ଷରେ ଦାବି କରି ଆସୁଥିଲା। ଗୁରୁବାର କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏକ ଖବରଦାତା ସମ୍ମିଳନୀରେ ସେହି ଯୁକ୍ତି ଉତ୍ଥାପନ କରି କହିଥିଲେ ଯେ, ଦାତାମାନେ ସେମାନଙ୍କ ନାମ ଗୋପନ ରଖିବାକୁ ଚାହୁଁଛନ୍ତି।

ଜେଟ୍‌ଲୀଙ୍କ ବଜେଟ ଭାଷଣର ତିନିବର୍ଷ ଭିତରେ ବେନାମୀ ଦାତାମାନେ ୬,୧୦୮.୪୭ କୋଟି ଟଙ୍କା ରାଜନୈତିକ ଦଳଗୁଡ଼ିକୁ ଦାନ କରିଛନ୍ତି। ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱୀକାର କରାଯାଇଛି ଯେ, କୌଣସି ଦାତା ରାଜନୈତିକ ପାଣ୍ଠି ଯୋଗାଣ ଲାଗି ଏକ ଅସ୍ୱଚ୍ଛ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ସରକାରଙ୍କୁ କହିନାହାନ୍ତି। ଭେଙ୍କଟେଶ ନାୟକଙ୍କ ଦ୍ୱାରା ଆଗତ ଏକ ଆର୍‌ଟିଆଇ ଆବେଦନର ଉତ୍ତର ଦେଇ ମନ୍ତ୍ରଣାଳୟ ସ୍ୱୀକାର କରିଛି ଯେ, ଏପରି ଅସ୍ୱଚ୍ଛ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ କୌଣସି ଦାତା କୌଣସି ରିପ୍ରେଜେଣ୍ଟେସନ ବା ପିଟିଶନ ଦାଖଲ କରି ନ ଥିଲେ ବା କୌଣସି ଚିଠି ଦେଇ ନ ଥିଲେ। ନଭେମ୍ବର ୪ ତାରିଖରେ ଉକ୍ତ ଆର୍‌ଟିଆଇ ଆବେଦନର ଉତ୍ତର ଦେଇ ଅଣ୍ଡର ସେକ୍ରେଟାରୀ ଶୋଭା ବାସିଲ କହିଛନ୍ତି ଯେ, ଆନୁଷ୍ଠାନିକ ଭାବେ ଦାତାଙ୍କ ପକ୍ଷରୁ ଏପରି କୌଣସି ଦାବି ଉତ୍ଥାପନ କରାଯାଇ ନ ଥିଲା। ତେବେ ମନ୍ତ୍ରଣାଳୟ ସ୍ୱଇଚ୍ଛାରେ ଉତ୍ତର ଦେଇ ନ ଥିଲା ବରଂ ଉତ୍ତର ଦେବାକୁ ବାଧ୍ୟ ହୋଇଥିଲା। ଜୁଲାଇ ୨୦୧୭ରେ ନାୟକ ଉକ୍ତ ଆବେଦନ କରିଥିଲେ। ଆଇନ ଅନୁସାରେ ୩୦ ଦିନ ଭିତରେ ମନ୍ତ୍ରଣାଳୟ ତା'ର ଉତ୍ତର ଦେବା କଥା। କିନ୍ତୁ ମାସେ କାଳ ମନ୍ତ୍ରଣାଳୟ ଉତ୍ତର ନ ଦେଇ ଚୁପ୍ ରହିଲା। ଯେତେବେଳେ ନାୟକ ଏହି ବିଳମ୍ବ ବିରୋଧରେ ଅପିଲ କଲେ, ସେତେବେଳେ ମନ୍ତ୍ରଣାଳୟ ଅଧିକ ବିଳମ୍ବ କରିବା ପାଇଁ ଅନ୍ୟ କୌଶଳ ଅବଲମ୍ବନ କଲା। ନାୟକଙ୍କ ଆବେଦନ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ପାଞ୍ଚମାସ ଧରି ବୁଲିଲା। ନାୟକ ଶେଷରେ ଜାନୁୟାରୀ ୨୦୧୮ରେ କେନ୍ଦ୍ରୀୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେଲେ। ଆୟୋଗ ମନ୍ତ୍ରଣାଳୟକୁ ତୁରନ୍ତ ଉତ୍ତର ଦେବାକୁ ଆଦେଶ ଦେଲେ। ଶେଷରେ ନାୟକ ତାଙ୍କ ଆବେଦନର ଉତ୍ତର ପାଇବା ଲାଗି ଆହୁରି ବର୍ଷେ ୧୦ ମାସ ସମୟ ଲାଗିଲା ଏବଂ କୌଣସି ଦାତା ଗୋପନୀୟ ଇଲେକ୍ଟୋରାଲ ବଣ୍ଡ ଲାଗି ଅନୁରୋଧ କରି ନ ଥିଲେ ବୋଲି ମନ୍ତ୍ରଣାଳୟ ଉତ୍ତର ଦେଲା। ସୁତରାଂ ଇଲେକ୍ଟୋରାଲ ବଣ୍ଡକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ଜେଟ୍‌ଲୀ ପାର୍ଲାମେଣ୍ଟରେ ମିଛ କହିଥିଲେ।

ନିର୍ବାଚନୀ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ରକ୍ଷା ପାଇଁ ସରକାର ଇଲେକ୍ଟୋରାଲ ବଣ୍ଡ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି ବୋଲି ଭାଜପା ଯାହା କହିଆସୁଥିଲା, ତାହା ସ୍ୱଚ୍ଛତା କର୍ମୀ କମୋଡୋର ଲୋକେଶ ବାତ୍ରାଙ୍କ ଦ୍ୱାରା ଆର୍‌ଟିଆଇ ଆବେଦନ ମାଧ୍ୟମରେ ପ୍ରାପ୍ତ ଦଲିଲ ତଥା ନାୟକଙ୍କ ଦ୍ୱାରା ପ୍ରାପ୍ତ ଉତ୍ତରରୁ ଜଣାପଡ଼ିଛି।

୨୦୧୩ରେ ସିଆଇସି ସମସ୍ତ ରାଜନୈତିକ ଦଳକୁ ଆର୍‌ଟିଆଇ ଆଇନ ଅଧୀନକୁ ଆଣିବା ପାଇଁ ଆଦେଶ ଦେଇଥିଲେ। ତାହା ଯଦି ସବୁ ଦଳ ଗ୍ରହଣ କରିଥାନ୍ତେ ତା'ହେଲେ ରାଜନୈତିକ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ରକ୍ଷା ହୋଇଥାନ୍ତା ବୋଲି ବାତ୍ରା କହିଛନ୍ତି। ବର୍ତ୍ତମାନ ରାଜନୈତିକ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ରକ୍ଷା ଲାଗି ଅର୍ଥମନ୍ତ୍ରୀଙ୍କ ପ୍ରସ୍ତାବରେ କେତେ ସ୍ୱଚ୍ଛତା ରହିଛି, ତାହା ସ୍ପଷ୍ଟ ହୋଇଯାଇଛି ବୋଲି ସେ କହିଛନ୍ତି।

ବାତ୍ରାଙ୍କ ଆର୍‌ଟିଆଇ ଆବେଦନ ମାଧ୍ୟମରେ ପ୍ରାପ୍ତ ଦଲିଲରୁ ଜଣାପଡ଼ିଛି କିପରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନିର୍ବାଚନ କମିଶନ (ଇସି) ଏବଂ କେତେକ ରାଜନୈତିକ ଦଳ ଇଲେକ୍ଟୋରାଲ ବଣ୍ଡକୁ ବିରୋଧ କରୁଥିଲେ। ଦଲିଲଗୁଡ଼ିକରୁ ଜଣାପଡ଼ିଛି କିପରି ମୋଦି ସରକାର ବଣ୍ଡ ସମ୍ପର୍କରେ ପାର୍ଲାମେଣ୍ଟରେ ମିଛ କହିଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଇଲେକ୍ଟୋରାଲ ବଣ୍ଡ ବିକ୍ରି ପାଇଁ ଅସମୟରେ ସ୍ୱତନ୍ତ୍ର ୱିଣ୍ଡୋ ଖୋଲିବା ପାଇଁ ଅର୍ଥ ମନ୍ତ୍ରଣାଳୟକୁ କହିଥିଲା ଏବଂ ଅର୍ଥ ମନ୍ତ୍ରଣାଳୟ ମିଆଦୋତ୍ତୀର୍ଣ୍ଣ ବଣ୍ଡକୁ ଅନୁମତି ଦେଇ ନିଜ ନିୟମକୁ ଭାଙ୍ଗିଥିଲା। ଏହିସବୁ କାରସାଦି ଧରାପଡ଼ିବା ପରେ ଅନେକ ପ୍ରଶ୍ନ ମନକୁ ଆସୁଛି। ଅର୍ଥ ମନ୍ତ୍ରଣାଳୟର କେଉଁ ବିଭାଗ ମୁଣ୍ଡରେ କିପରି ଇଲେକ୍ଟୋରାଲ ବଣ୍ଡର ଚିନ୍ତାଧାରା ପଶିଥିଲା? ଇଲେକ୍ଟୋରାଲ ବଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଆଇନର ସଂଶୋଧନ ଲାଗି ଆଇନ ମନ୍ତ୍ରଣାଳୟ ସହ ପରାମର୍ଶ କରାଯାଇଥିଲା କି? ଇଲେକ୍ଟୋରାଲ ବଣ୍ଡକୁ ବିରୋଧ କରି ନିର୍ବାଚନ କମିଶନ ଯେଉଁ ଚିଠି ଦେଇଥିଲା ବର୍ଷାଧିକ କାଳ ଧରି ସରକାର ତା'ର ଉତ୍ତର ଦେଇ ନ ଥିବାରୁ ନିର୍ବାଚନ କମିଶନ ସେ ସମ୍ପର୍କରେ ସରକାରଙ୍କୁ ପୁନଃସ୍ମରଣ କରାଇଲା ନାହିଁ କାହିଁକି ଓ କାହିଁକି ଚୁପ୍ ରହିଲା? ସରକାର ନିର୍ବାଚନ କମିଶନ୍‌ର ଚିଠିର ଉତ୍ତର ନ ଦେଇ ତାକୁ ଚାପିଦେଇଥିଲେ କାହିଁକି? (ସୌଜନ୍ୟ: ହଫିଙ୍ଗ୍‌ଟନ ପୋଷ୍ଟ)

moruoak00@gmail.com

## ଏଇ ଭାରତରେ

ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଟ୍ରାଫିକ ପୋଲିସ ଅଫିସରଙ୍କ ସାଧାରଣ ଦାୟିତ୍ୱ। ମାତ୍ର ତେଲେଙ୍ଗାନାରେ ଏମିତି ଜଣେ ପୋଲିସ ଅଫିସର ଅଛନ୍ତି ଯିଏ କି ରାସ୍ତା ମରାମତି କରିବା ସହ ଗୀତ ମାଧ୍ୟମରେ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। ଟ୍ରାଫିକ ଇନ୍‌ସପେକ୍ଟର ଆଞ୍ଜାପାଲି ନାଗାମାଲ୍ଲୁଙ୍କର ଏଭଳି କାର୍ଯ୍ୟ ଲୋକମାନଙ୍କ ହୃଦୟ ଜିତିପାରିଛି। ସେ ନିଜେ ଗୀତ ଲେଖୁଛନ୍ତି ଓ ଲୋକଗୀତ ସ୍ୱରରେ ତାହାକୁ ବୋଲି ଗାଁଗୁଡିକରେ ସଚେତନତା ସୃଷ୍ଟି କରୁଛନ୍ତି। ଆଞ୍ଜାପାଲି ନାଲ୍‌ଗୋଣ୍ଡାରେ ଥିବା ସମୟରେ ଗୁଣିଗାରେଡି ସନ୍ଦେହରେ ଜଣେ ୫୫ ବର୍ଷୀୟା ମହିଳାଙ୍କ ଦେହରେ ନିଆଁ ଲଗାଇ ପାଖ ଗାଁ ଲୋକେ ମାରିଦେବା ପରେ ଏହା ବିରୋଧରେ ସଚେତନତା ଆଣିବା ପାଇଁ ସେ ପ୍ରଥମେ ଗୀତ ବୋଲିବା ଆରମ୍ଭ କରିଥିଲେ। ସଡକ ସୁରକ୍ଷା, ସାଇବର କ୍ରାଇମ୍ ଓ ସମାଜର ବିଭିନ୍ନ ସମସ୍ୟା ବିରୋଧରେ ସଚେତନତା ଆଣିବା ପାଇଁ ଆଞ୍ଜାପାଲି ୧୫ଟି ଗୀତ ଓ ୫୦ଟି ଭିଡିଓ ପ୍ରସ୍ତୁତ କରିସାରିଲେଣି। ଟ୍ରାଫିକ ନିୟମ ଉପରେ ଲୋକମାନଙ୍କୁ ବି ସେ ଗୀତ ମାଧ୍ୟମରେ ସଚେତନ କରାଉଛନ୍ତି। ତେଲୁଗୁ, କନ୍ନଡ ଓ ହିନ୍ଦୀରେ ଏହି ଗୀତ ବୋଲୁଛନ୍ତି। ଆଉ ୧୦ଟି ଭାଷାରେ ସେ ଏହାକୁ ପ୍ରସ୍ତୁତ କରିବା ଲାଗି ଲକ୍ଷ୍ୟ ମଧ୍ୟ ରଖିଛନ୍ତି । ଏହି ଟ୍ରାଫିକ ଅଫିସର ନିଜେ ରାସ୍ତା ମରାମତି କରୁଛନ୍ତି। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ରକ୍ତଦାନ କରି ୮୦ ଜଣଙ୍କ ଜୀବନ ବି ବଞ୍ଚାଇପାରିଛନ୍ତି। ଏହି ସେଲିବ୍ରିଟି ପୋଲିସ ଅଫିସର ତେଲେଙ୍ଗାନାର 'ପୋଲିସ ଆନ୍ନା' ଭାବେ ପରିଚିତ।

## ଚିରନ୍ତନୀ

ପାଇବାକୁ ଫେରି ଯୁଝିଲେ ଧରି ସେ ଜିଦି
ତିଆଗିଲେ ତନୁ କେତେ ଅମୂଲ୍ୟ ନିଧି
ଅସ୍ତ୍ର ବିହୀନ ଶୂନ୍ୟ ହାତରେ
ପତାଇଲେ ଛାତି ଯେହ୍ନୁ ଅକାତରେ
ବତାଇଲେ ଆମେ ବିନା କମାଣରେ ଟାଳିବୁଁ ପ୍ରାଚୀନ ବିଧି
ଢାଳିଦେଲେ ପ୍ରାଣ କେତେ ଅମୂଲ୍ୟ ନିଧି।

(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୧୭- ରାଜସ୍ଥାନ ଜୟପୁରର ଠାକୁର ହରି ସିଂ ଶେଖାୱତ୍ ମଣ୍ଡାୱା ପ୍ରବେଶିକା ସଂସ୍କୃତ ବଦ୍ୟାଳୟରେ ୮୦ ପ୍ରତିଶତ ମୁସଲମାନ ଛାତ୍ର ପଢୁଛନ୍ତି।

* ଶ୍ରୀଲଙ୍କାର ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାବାୟା ରାଜପାକ୍‌ସେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୮- ଭାରତର ୪୭ତମ ପ୍ରଧାନ ବିଚାରପତିଭାବେ ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେ ଶପଥ ଗ୍ରହଣ କରିଛନ୍ତି।

୧୯- ଓଡ଼ିଶାରେ ପ୍ରବାହିତ ନଦୀଗୁଡ଼ିକ ମଧ୍ୟରୁ ୧୯ଟି ନଦୀରେ ସହରାଞ୍ଚଳର ନାଳନର୍ଦ୍ଦମା ପାଣି ମିଶିବା ଯୋଗୁ ଏହା ପ୍ରଦୂଷିତ ହୋଇଥିବା ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି।

୨୦- ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ଆଣବିକ ଯୁଦ୍ଧାସ୍ତ୍ର ପରିବହନକ୍ଷମ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଦୁଇଥର ସଫଳ ପରୀକ୍ଷଣ।

* ଆସାମ ପରେ ଏବେ ସାରା ଦେଶରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ହେବ ବୋଲି ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

୨୧- ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ଭାବେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଶପଥ ଗ୍ରହଣ କରିଛନ୍ତି।

## ଆମ ସମସ୍ୟା

### ପୁରୁଣା ପୋଲର ବିପଦ

ମହାଶୟ,

ତାରିଣୀ ଦର୍ଶନ ଲାଗି ଘଟଗାଁ ଗଲାବେଳେ ହାସନପୁର ନିକଟରେ ଏକ ବହୁ ପୁରୁଣା ପୋଲ ପଡେ, ଏହା ନିକଟରେ ଅନ୍ୟ ଏକ ପୋଲ ସମ୍ପୂର୍ଣ୍ଣ ନ ହୋଇ ରହିଛି। ଏହି ପୁରୁଣା ପୋଲ ଉପରେ ଭାରିଯାନ ଚାଲୁଛି। ଟ୍ରାଫିକ ଜାମ୍ ବିପଦକୁ ଡାକି ଆଣୁଛି। ସଡ଼କ ନିର୍ମାଣ ବିଭାଗ, ବ୍ରିଜ ନିର୍ମାଣ ନିଗମ ଦୃଷ୍ଟି ଦିଅନ୍ତୁ, ନଚେତ୍ ବିପଦ ଘଟିବା ନିଶ୍ଚିତ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ଜାଗମରା-ଡୁମୁଡୁମା ନୂତନ ରାସ୍ତା କେବେ

ରାଜଧାନୀର କେନ୍ଦ୍ରସ୍ଥଳ ଜାଗମରାରୁ ଡୁମୁଡୁମାକୁ ପ୍ରସ୍ତାବିତ ୧୦୦ ଫୁଟିଆ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଫଳଲେ ଡୁମୁଡୁମା ଓ ଏହାର ଆଖପାଖ ଅଞ୍ଚଳରୁ ଦୈନିକ ହଜାର ହଜାର ଲୋକ ରାଜଧାନୀକୁ ଖଣ୍ଡଗିରି ଛକ ଜାତୀୟ ରାଜପଥ ଦେଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ପ୍ରସ୍ତାବିତ ରାସ୍ତା ନିର୍ମାଣ ହେଲେ ଖଣ୍ଡଗିରି ଛକରୁ ବହୁ ପରିମାଣରେ ଟ୍ରାଫିକ ସମସ୍ୟା ଦୂର ହେବ। ତେଣୁ ସରକାର ତୁରନ୍ତ ପ୍ରସ୍ତାବିତ ଜାଗମରା-ଡୁମୁଡୁମା ନୂତନ ରାସ୍ତା ନିର୍ମାଣ ଆରମ୍ଭ କରିବାକୁ ଦାବି ହେଉଛି।

ମହେଶ୍ୱର ମିଶ୍ର, ଡୁମୁଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | | | 7 | 5 | | 6 | 8 | E | 9 | | |
| 9 | | | B | | 4 | | E | | | | | | 7 | 6 |
| | | 7 | | 8 | 6 | 0 | | | | 3 | | | | |
| | 5 | | | | | | | | | 9 | D | A | B | |
| | | B | 9 | | 2 | 1 | | | | | | | | 3 |
| 8 | D | | | 9 | | | | | | | | C | | 5 |
| B | 9 | 4 | | | D | | | | | | 5 | | | |
| | | | | 3 | | | | 5 | | | C | | E | |
| | 3 | | | C | | | 7 | | 8 | | 6 | | D | |
| | 2 | C | | A | B | | | E | 0 | | | | 4 | |
| | | | | 4 | 3 | | 2 | 7 | | A | | | 9 | |
| | 6 | 0 | A | | | 8 | | | | | | | | |
| 7 | | 3 | E | | 5 | C | | | | | 1 | D | | |
| | | | 0 | | | A | | | | | 4 | E | | 2 |
| | C | D | 7 | | | | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | C | D | 1 | 8 | 9 | 3 | A | 4 | B | 7 | 5 | 6 | E |
| 4 | A | 3 | E | 5 | B | 1 | 7 | 8 | D | 0 | 6 | 9 | 2 | C |
| E | 1 | D | C | 9 | 6 | B | 4 | 2 | 5 | 3 | A | 8 | 7 | 0 |
| B | 6 | 7 | 2 | 4 | A | 0 | E | 5 | 9 | C | 8 | 1 | 3 | D |
| 8 | 9 | 5 | 7 | 0 | 3 | C | D | 6 | E | 1 | 2 | 4 | A | B |
| 6 | 7 | A | 5 | 8 | 1 | 2 | C | 3 | 0 | E | 9 | D | B | 4 |
| 9 | 3 | B | 6 | E | D | A | 1 | 4 | C | 8 | 5 | 7 | 0 | 2 |
| 1 | 4 | E | 9 | A | 0 | 7 | 8 | B | 2 | 6 | D | C | 5 | 3 |
| C | 5 | 8 | B | 3 | 2 | E | 0 | D | 7 | 4 | 1 | 6 | 9 | A |
| D | 2 | 0 | 4 | 7 | C | 5 | 6 | 9 | 3 | A | B | E | 8 | 1 |
| 5 | 8 | 9 | 1 | B | 4 | 3 | A | C | 6 | D | 0 | 2 | E | 7 |
| 7 | C | 4 | 8 | 2 | E | D | 9 | 0 | A | 5 | 3 | B | 1 | 6 |
| A | B | 1 | 0 | D | 9 | 6 | 2 | E | 8 | 7 | C | 3 | 4 | 5 |
| 3 | E | 6 | A | C | 5 | 8 | B | 7 | 1 | 2 | 4 | 0 | D | 9 |
| 0 | D | 2 | 3 | 6 | 7 | 4 | 5 | 1 | B | 9 | E | A | C | 8 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ନେମାଳ ନାବାଳିକା ବଳାତ୍କାର ଘଟଣା ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

**କଟକ ଅଫିସ,୨୪।୧୧:** କଟକ ଜିଲା ନେମାଳ ଥାନା ଅଞ୍ଚଳରେ ଗତ ଗୁରୁବାର ରାତିରେ ଘଟିଥିବା ନାବାଳିକା ବଳାତ୍କାର ଘଟଣା ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏହି ଘଟଣାକୁ ନେଇ ଶନିବାର ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିବା ସହ ପୀଡ଼ିତାଙ୍କୁ ଓଡ଼ିଶା ଭିକ୍ଟିମ୍ କମ୍ପେନସେଶନ ସ୍କିମ୍-୨୦୧୮ ଅନୁଯାୟୀ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ। ସେହିପରି ନିର୍ଦ୍ଧାରିତ ସମୟରେ ପୋଲିସ ତଦନ୍ତ ଶେଷ କରି ଚାର୍ଜଶିଟ୍ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ ଦେବା ଲାଗି ଏନ୍‌ଏଚ୍‌ଆରସିଙ୍କ ନିକଟରେ ନିବେଦନ କରିଛନ୍ତି। ସୂଚନାଥାଉ କି, ପ୍ରଥମାଷ୍ଟମୀ ଉପଲକ୍ଷେ ନାବାଳିକାଙ୍କ ଘର ନିକଟରେ ଏକ ଯାତ୍ରାପାର୍ଟି ଅପେରା ପରିବେଷଣ କରୁଥିଲା। ନାବାଳିକା ଜଣଙ୍କ ସେଠାକୁ ନାଚ ଦେଖିବାକୁ ଯାଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ। ଶୁକ୍ରବାର ସକାଳେ ଗାଁ ପାଖ ଏକ ବାଉଁଶବୁଦା ମୂଳରୁ ତାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଡାକ୍ତରଖାନା ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ନାବାଳିକାଙ୍କ ବାପା ନେମାଳ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ଯାତ୍ରାପାର୍ଟିର ଡ୍ୟାନ୍ସ ମାଷ୍ଟରଙ୍କୁ ଗିରଫ କରିଛି।

### ବସ୍-ସ୍କୁଟି ମୁହାଁମୁହିଁ ଧକ୍କା

# ୩ ଫୁଟ୍‌ବଲ ଖେଳାଳି ମୃତ

**ରାଜଗାଙ୍ଗପୁର,୨୪।୧୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ରାଜଗାଙ୍ଗପୁର ଥାନା ଅଧୀନ ଲକ୍ଷ୍ମୀପୋଷଠାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଘରୋଇ ବସ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଦଲକି ଗ୍ରାମର ହେମନ୍ତ ବାଡା, ସଞ୍ଜୀବ ପ୍ରଧାନ, କୃଷ୍ଣ ପ୍ରଧାନ। ଏଥିରେ ଦେବେନ୍ଦ୍ର ରାଉତ ନାମକ ଅନ୍ୟ ଜଣେ ଫୁଟବଲ ଖେଳାଳି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲାସ୍ଥିତ ଆଇଜିଏଚ୍ (ଇସ୍ପାତ ଜେନେରାଲ ହସପିଟାଲ)ରେ ଭର୍ତ୍ତି କରାଯାଇଛି। ମୃତାହତଙ୍କ ବୟସ ୨୦ରୁ ୨୫ବର୍ଷ ମଧ୍ୟରେ ହେବ ବୋଲି ପୋଲିସ କହିଛି।



ଦୁର୍ଘଟଣାଗ୍ରସ୍ତ ବସ୍ ଓ ସ୍କୁଟି।

ମିଳିଥିବା ସୂଚନା ଅନୁଯାୟୀ, ହେମନ୍ତ, ସଞ୍ଜୀବ, କୃଷ୍ଣ ଓ ଦେବେନ୍ଦ୍ର କୁତ୍ରା ବ୍ଲକର ସୁନବର୍ଷା ଗ୍ରାମକୁ ଫୁଟବଲ ଖେଳିବାକୁ ଯାଇଥିଲେ। ଅପରାହ୍ଣ ସାଢେ ୫ଟାରେ ନିଜ ଗ୍ରାମକୁ ଏକ ସ୍କୁଟି (ନଂ. ଓଡି ୧୬ ଏଫ- ୪୫୬୫)ରେ ଫେରୁଥିଲେ। ଲକ୍ଷ୍ମୀପୋଷ ଗ୍ରାମର ଶିବମନ୍ଦିର ପାଖରେ ଥିବା ବୁଲାଣିରେ ଦଲକି ପଟୁ ଆସୁଥିବା ପୱନପୁତ୍ର ନାମକ ଏକ ଘରୋଇ ବସ୍ (ନଂ. ଓଆର୍ ୧୪ ଏଲ- ୧୨୭୯)ସହିତ ତାଙ୍କ ସ୍କୁଟିର ମୁହାଁମୁହିଁ ଧକ୍କା ହେଇଥିଲା। ଫଳରେ ସ୍କୁଟିରେ ଥିବା ହେମନ୍ତ, ସଞ୍ଜୀବ, କୃଷ୍ଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି।

# ଢାବାରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଗୋପାଳପୁର/କନିଷି(ଡି.ଏନ୍.ଏ.),୨୪।୧୧**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଗୋବିନ୍ଦନଗର ଗ୍ରାମସ୍ଥିତ ଶ୍ୟାମା ଢାବା ବାରଣ୍ଡାରୁ ରବିବାର ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ବ୍ରହ୍ମପୁର ମହାନଗର ଗୋଇଲୁଣ୍ଡି ଅଞ୍ଚଳର ନୀଳାଞ୍ଚଳ ମହାନ୍ତି (୩୩)।

ପ୍ରକାଶ ଯେ, ଶ୍ୟାମା ଢ଼ାବାର କର୍ମଚାରୀମାନେ ଶନିବାର ରାତିରେ କାମସାରି ଶୋଇ ପଡ଼ିଥିଲେ। ରବିବାର ସକାଳୁ ଜଣେ କର୍ମଚାରୀ ଉଠିବାପରେ ଢ଼ାବା ବାରଣ୍ଡାରେ ଥିବା ଏକ ଖଟଉପରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିଥିଲେ। ଏନେଇ ଗୋଳନ୍ଥରା ଥାନାକୁ ଖବର ଦିଆଯାଇଥିଲା। ଗୋଳନ୍ଥରା ଥାନା ଅଧିକାରୀ ବାବୁଲି ନାୟକ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ନଂ.୩୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତଦେହର ମୁଣ୍ଡ ଓ ଆଖିରେ ଗଭୀର କ୍ଷତ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି।

ଢ଼ାବାକୁ ନୀଳାଞ୍ଚଳ କିପରି ଆସିଲେ, ସେଠାରେ ତାଙ୍କର କିପରି ମୃତ୍ୟୁ ଘଟିଲା, ଢ଼ାବା କର୍ମଚାରୀମାନେ କିପରି ଘଟଣାସମ୍ପର୍କରେ କିଛି ଜାଣିପାରିଲେ ନାହିଁ ସେ ନେଇ ପୋଲିସ ତଦନ୍ତ ଚଳାଇଛି। ନୀଳାଞ୍ଚଳଙ୍କ ପରିବାର ଲୋକେ କହିବା ଅନୁଯାୟୀ, ସେ ନିଶା ସେବନ କରନ୍ତି ଓ କିଛିଦିନ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ଠିକ୍ କାରଣ ଜଣାପଡିବ ବୋଲି ପୋଲିସ କହିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ।

# ୯ ଗାଡ଼ି ପୋଡ଼ିଲେ ମାଓବାଦୀ

**ମାଲକାନଗିରି/କୋରୁକୋଣ୍ଡା, ୨୪।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

### ରାସ୍ତା ନିର୍ମାଣକୁ ବିରୋଧ

ଲାଲଗଡରେ ପୁଣି ମାଓବାଦୀ ଘଟାଇଛନ୍ତି ତାଣ୍ଡବ। ଛତିଶଗଡ ନାରାୟଣପୁର ଜିଲାରେ ରବିବାର ଅପରାହ୍ଣରେ ସେମାନେ ୯ ଗାଡି ନିଆଁ ଲଗାଇ ପୋଡିଦେଇ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ରାସ୍ତାକାମକୁ ବିରୋଧ କରି ସେମାନେ ଏପରି ଘଟାଇଥିବା ଜଣାପଡିଛି। ପୋଡିଯାଇଥିବା ଗାଡିମଧ୍ୟରେ ୪ଟି ଟ୍ରାକ୍ଟର, ଗୋଟିଏ ଜେସିବି, ଗୋଟିଏ ବାଇକ ରହିଛି। ଦିନ ଦ୍ୱିପ୍ରହରରେ ଶତାଧିକ ମାଓବାଦୀ ସାନଡୋଙ୍ଗର-ମଡୋନାର ରାସ୍ତା ନିର୍ମାଣ ଚାଲିଥିବା ସ୍ଥାନରେ ପହଞ୍ଚି ଗାଡିଗୁଡିକରେ ନିଆଁ ଲଗାଇ ଦେଇଥିଲେ। ଏସାର କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ନାଇଡୁ କନ୍‌ଷ୍ଟ୍ରକଶନ ଏହି ରାସ୍ତା ନିର୍ମାଣ କରୁଥିଲା।

ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ମାଓବାଦୀମାନେ ଚେତାବନୀ ଦେଇଛନ୍ତି। ସେହିପରି ସେମାନେ ଅନ୍ୟ ଏକ ଘଟଣାରେ କିରନ୍ଦୁଲ ଥାନା ଅଞ୍ଚଳରେ ମଧ୍ୟ ଗାଡି ପୋଡିବା ସହ ଜାତୀୟ ଖଣିଜ ବିକାଶ ନିଗମର ଏକ କୋଠାରେ ନିଆଁ ଲଗାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ଘଟଣାସ୍ଥଳକୁ ଡିଆରଜି ବାହିନୀ ପଠାଇଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



କମଳା ଦାସ



ରାଜେଶ କୁମାର ସୁତାର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ବାର୍ଷିକୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।




ତାରା ତାରିଣୀ କାଜୁ ଇଣ୍ଡଷ୍ଟ୍ରି

ଦୈନିକ ଖବରକାଗଜ ଧରିତ୍ରୀ ହେଉଛି ଏକ ନିରପେକ୍ଷ ଖବରକାଗଜ, ତେଣୁ ୪୬ତମ ବାର୍ଷିକୋତ୍ସବ ନିମନ୍ତେ ଶୁଭକାମନା ।



ପର୍ଶୁରାମ ସେଠୀ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଗଞ୍ଜାମ ବ୍ଲକ

ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ବାର୍ଷିକୋତ୍ସବ ଅବସରରେ ସମସ୍ତ ରମ୍ଭା ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ।



କୃଷ୍ଣଚନ୍ଦ୍ର ସେଠୀ
ରମ୍ଭା ଥାନା IIC




'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଶୁଭେଚ୍ଛା
ADMISSION OPEN ନାମଲେଖା ବିଜ୍ଞାପନ

S.A.V. PUBLIC SCHOOL
CLASS L.K.G. TO X (ENGLISH MEDIUM) ପ୍ରାରମ୍ଭଠାରୁ ଦଶମ (ଓଡିଆ ମାଧ୍ୟମ)



THE BEST & MAXIMUM FACILITIES PROVIDED C.B.S.E. SCHOOL IN GANJAM

FACILITIES
Own Building
A/C Class Room
Online Class
Science Lab
A/C Computer Lab & Library
Trained & Efficient Staff
Dance & Song
Stress on English Conversation
A/c & Non A/c School Buses
Large Playground
Online Admission
Digital Information
G.P.R.S
CCTV & Many More

OWN STADIUM GALLERY
BIG CAMPUS
CO-CIRCULAR ACTIVITIES
A/C & NON A/C TRANSPORTATION
BASKET BALL COURT
SCIENCE LAB
TRAINED & EFFICIENCY STAFF
TRAINED & EFFICIENCY STAFF

SASHI VIHAR, MAA MAHURI KALUA ROAD, ANATAI, BRAHMAPUR,
PREM NAGAR, 2ND LANE & TULASI NAGAR, BERHAMPUR GANJAM
Cell Nos. 9437166679, 9938523599, 8480305284 / 85 / 86 / 87




Bringing change through education

Our community initiatives take care that the rural child is not left behind in the nation's march towards prosperity. Ground breaking initatives like Gurudikhya, Samarpan & Manthan engage innovative approach towards taking rural education to the next level, while ensuring lowest dropout rates and improved academic results.

TATA STEEL LONG PRODUCTS LIMITED
(Formerly Tata Sponge Iron Limited)

Joda | Bhubaneswar | Jamshedpur | Ranchi | Kolkata



"ରାମମନ୍ଦିର ନିର୍ମାଣକୁ ବିଶ୍ୱର କୌଣସି ଶକ୍ତି ଅଟକାଇ ପାରିବ ନାହିଁ।
-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ



# ପରବର୍ତ୍ତୀ ଚ୍ୟାଲେଞ୍ଜ୍ ବାଚସ୍ପତି ନିର୍ବାଚନ

**ମୁମ୍ବାଇ,୨୪।୧୧**

ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଯୁଦ୍ଧ ପରିପ୍ରେକ୍ଷୀରେ ଭାଜପା, ଶିବସେନା, ଏନ୍‌ସିପି ଓ କଂଗ୍ରେସ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ବାଚସ୍ପତି ନିର୍ବାଚନ। ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନ ବେଳେ କେଉଁ ଦଳରୁ ବାଚସ୍ପତି ହେବେ ତାକୁ ନେଇ ଆରମ୍ଭ ହୋଇଯାଇଛି କସରତ। ରାଜନୈତିକ ଦୃଷ୍ଟିରୁ ଦେଶର ଦ୍ୱିତୀୟ ବୃହତ୍ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମହାରାଷ୍ଟ୍ରରେ ଘଡ଼ିକେ ଘୋଡ଼ା ଛୁଟୁଛି। ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଶନିବାର ବିଧାୟକ ଦଳ ପଦରୁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଅଜିତ ପାୱାରଙ୍କୁ ହଟାଇ ଦେଇଛି। ତାଙ୍କ ସ୍ଥାନରେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟନ୍ତ ପାଟିଲଙ୍କୁ ଅବସ୍ଥାପିତ କରାଯାଇଛି। ଏନେଇ ରାଜଭବନକୁ ଅବଗତ କରାଯାଇଛି। ଅଜିତ ଏନ୍‌ସିପି ବିଧାୟକ ଦଳ ନେତା ନ ଥିବାରୁ ତାଙ୍କର କୌଣସି ପଦକ୍ଷେପର କିଛି ସୁଫଳ ହେବ ନାହିଁ ବୋଲି ଜଣେ ଆଇନ ବିଶେଷଜ୍ଞ କହିଛନ୍ତି।



ବିଧାୟକ ଦଳ ବୈଠକରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଓ ଭାଜପା ନେତାଙ୍କ ସହ ଦେବେନ୍ଦ୍ର ଫଡ଼ନବିସ

ସାଧାରଣତଃ ବରିଷ୍ଠତମ ବିଧାୟକଙ୍କୁ ପ୍ରୋଟେମ୍ ସ୍ପିକର ବା କାମଚଳା ବାଚସ୍ପତି ଭାବେ ନିଯୁକ୍ତ କରାଯାଇଥାଏ। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ପ୍ରୋଟେମ୍ ସ୍ପିକରଙ୍କୁ ଶପଥପାଠ କରାଇବା ପରେ ସେ ଅବଶିଷ୍ଟ ୨୮୭ ବିଧାୟକଙ୍କୁ ଶପଥ କରାଇବେ। ଏହା ପରେ ଶାସକ ଦଳ ପାଇଁ ଯେଉଁ ବଡ଼ ରାଜନୈତିକ ଓ ସାମ୍ବିଧାନିକ ପରୀକ୍ଷା ବିଧାନସଭାରେ ହେବ ତାହା ହେଉଛି ବାଚସ୍ପତି ନିର୍ବାଚନ। ଏପରି ସ୍ଥଳେ ଭାଜପା ଏବଂ ଅଜିତ ପାୱାର ଦାବି କରୁଥିବା ଏନ୍‌ସିପି ବିଧାୟକମାନେ ସେମାନଙ୍କ ମଧ୍ୟରୁ ବାଚସ୍ପତି ନିର୍ବାଚିତ ହୁଅନ୍ତୁ ବୋଲି ଉଦ୍ୟମ କରିବେ। ସେମାନେ ବିଫଳ ହେଲେ ସରକାର ସ୍ୱତଃ ଭାଙ୍ଗିଯିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏହା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ନେତୃତ୍ୱାଧୀନ ନୂଆ ସରକାରଙ୍କ ପାଇଁ ଆସ୍ଥାଭୋଟ କେବଳ ଏକ ଔପଚାରିକତା ହୋଇଯିବ। କାରଣ ନିଜ ପକ୍ଷରୁ ଜଣକୁ ବାଚସ୍ପତି କରାଇ ନ ପାରିଲେ ଫଡ଼ନବିସ ସରକାର ଚଳାଇବାର ସାମ୍ବିଧାନିକତା ଓ ବୈଧ ଅଧିକାର ହରାଇସାରିଥିବେ। ବର୍ତ୍ତମାନ ଭାଜପା ପାଖରେ ନିଜର ୧୦୫ ବିଧାୟକ ଥିବାବେଳେ ୧୭୦ରୁ ଅଧିକ ବୋଲି ଦଳ ଦାବି କରୁଛି। ଅବଶିଷ୍ଟ ଅଜିତ ପାୱାରଙ୍କ, ସ୍ୱାଧୀନ ଓ ଛୋଟ ଦଳଗୁଡ଼ିକର ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଶିବସେନା-ଏନ୍‌ସିପି-କଂଗ୍ରେସ ମଧ୍ୟ ସେମାନଙ୍କ ନିକଟରେ ୧୬୫ ବିଧାୟକ ଥିବା କହୁଛନ୍ତି। ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ରବିବାର ଏହା ସଙ୍କେତ ଦେଇଛନ୍ତି। ମହାରାଷ୍ଟ୍ର ବିଧାନସଭାରେ ବାଚସ୍ପତିଙ୍କୁ ମିଶାଇ ମୋଟ ସଦସ୍ୟ ସଂଖ୍ୟା ହେଉଛି ୨୮୮। ଉଭୟ ପକ୍ଷଙ୍କ ଦାବିକୁ ହିସାବ କଲେ ନିର୍ବାଚିତ ବିଧାୟକଙ୍କ ସଂଖ୍ୟାଠାରୁ ସମର୍ଥନକାରୀ ସଦସ୍ୟଙ୍କ ସଂଖ୍ୟା ଅଧିକ। ତେଣୁ ଗୋଟିଏ ପକ୍ଷର ଦାବି ମିଛ କିମ୍ବା ବିଭ୍ରାନ୍ତକର। ତେବେ ବାହାରେ ଦୁଇପକ୍ଷ ଯାହା ଦାବି କରନ୍ତୁ ନା କାହିଁକି ବିଧାନସଭା ଭିତରେ ବାଚସ୍ପତି ନିର୍ବାଚନ ବେଳେ ମହାରାଷ୍ଟ୍ର ଓ ସାରା ଦେଶର ଜନସାଧାରଣଙ୍କ ଆଗରେ ମିଛ ଧରାପଡ଼ିବ ବୋଲି ଜଣେ ବିଶ୍ଳେଷକ କହିଛନ୍ତି।

### ବିଧାନସଭାରେ ଧରାପଡ଼ିବ ମିଛ ସଂଖ୍ୟାଖେଳ

## ସଂକ୍ଷେପରେ

### ଛୁଟିଦିନରେ ତୃତୀୟ ଶୁଣାଣି

**ନୂଆଦିଲ୍ଲୀ,୨୪।୧୧(ପି.ଟି.)**

ମହାରାଷ୍ଟ୍ର ରାଜନୀତିକୁ ନେଇ ଶିବସେନା, ଏନ୍‌ସିପି, କଂଗ୍ରେସର ମିଳିତ ପିଟିଶନ ଉପରେ ସୁପ୍ରିମକୋର୍ଟରେ ରବିବାର ଶୁଣାଣି ହୋଇଛି। ଅଣକାର୍ଯ୍ୟଦିବସରେ ସ୍ୱତନ୍ତ୍ର ଶୁଣାଣି ହେବା ଚଳିତ ବର୍ଷର ତୃତୀୟ ଘଟଣା। ଜଣେ ପୂର୍ବତନ ମହିଳା କର୍ମଚାରୀ ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିବାରୁ ଏପ୍ରିଲ ୨୦ ତାରିଖ ଶନିବାର ଶୁଣାଣି ହୋଇଥିଲା। ନଭେମ୍ବର ୯ ଶନିବାର ସୁପ୍ରିମକୋର୍ଟ ରାମ ଜନ୍ମଭୂମି- ବାବ୍ରୀ ମସ୍‌ଜିଦ ଜମି ବିବାଦର ଶୁଣାଣି କରି ଐତିହାସିକ ରାୟ ପ୍ରଦାନ କରିଥିଲେ। ମହାରାଷ୍ଟ୍ର ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ତିନି ଦଳ ଶନିବାର ରାତିରେ ପିଟିଶନ ଦାଖଲ କରିବା ସହ ଘୋଡ଼ାବେପାର ରୋକିବା ଲାଗି ୨୪ ଘଣ୍ଟା ମଧ୍ୟରେ ଆସ୍ଥାଭୋଟ ଲୋଡିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ରବିବାର ଏହାର ଶୁଣାଣି କରାଯାଇଛି।

### ରାଣେଙ୍କୁ ସଂଖ୍ୟା ଯୋଗାଡ଼ ଦାୟିତ୍ୱ



**ମୁମ୍ବାଇ,୨୪।୧୧:** ଦେବେନ୍ଦ୍ର ଫଡ଼ନବିସ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସତ, କିନ୍ତୁ ସରକାରକୁ ତିଷ୍ଠାଇ ରଖିବା ପାଇଁ ଆବଶ୍ୟକ ସଂଖ୍ୟାବଳ ଥିବା ଭଳି ମନେହେଉନାହିଁ। ଶିବସେନା-ଏନ୍‌ସିପି-କଂଗ୍ରେସ ପକ୍ଷରୁ ତୁରନ୍ତ ଆସ୍ଥାଭୋଟ ପାଇଁ ପିଟିଶନ ଦାଏର ହୋଇଥିବାରୁ ସୁପ୍ରିମକୋର୍ଟ ଫଡ଼ନବିସଙ୍କୁ କୌଣସି ସମୟରେ ବହୁମତ ପ୍ରମାଣ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେଙ୍କୁ ଭାଜପା ପକ୍ଷରୁ ସଂଖ୍ୟା ଯୋଗାଡ଼ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭାରେ ଭାଜପା ସଦସ୍ୟ ଥିବା ରାଣେଙ୍କ ଦୁଇ ପୂର୍ବତନ ଦଳର ବିଧାୟକମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟକ୍ତିଗତ ସମ୍ପର୍କ ରହିଛି। ୨୦୧୭ରେ ସେ କଂଗ୍ରେସ ଛାଡ଼ିବାବେଳେ କହିଥିଲେ, ମୋ ବନ୍ଧୁମାନେ ସବୁଠି ଅଛନ୍ତି। ଶିବସେନାରେ ଉଦ୍ଧବ ଠାକ୍‌ରେ ଓ କଂଗ୍ରେସରେ ଅଶୋକ ଚଭନଙ୍କ ବ୍ୟତୀତ ସମସ୍ତେ ମୋର ବନ୍ଧୁ।

### ୭ ଶରଣାର୍ଥୀଙ୍କ ମୃତଦେହ ଉଦ୍ଧାର

**ରୋମ୍,୨୪।୧୧:** ଇଟାଲୀର ସିସିଲିଠାରୁ ଦକ୍ଷିଣରେ ଥିବା ଲାମ୍ପେଡୁସା ଦ୍ୱୀପ ନିକଟରୁ ଇଟାଲୀ ତଟରକ୍ଷୀମାନେ ୭ ଜଣ ଶରଣାର୍ଥୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଅନ୍ୟ ୧୩ ଜଣ ନିଖୋଜ ଥିବାରୁ ତଟରକ୍ଷୀ ବାହିନୀ ଓ ପୋଲିସ ପକ୍ଷରୁ ସମୁଦ୍ରରେ ତଲାସି ଅଭିଯାନ ଜାରି ରହିଛି। ଶନିବାର ୧୬୯ ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୪୯ ଜଣଙ୍କୁ ଉଦ୍ଧାର କରାଯାଇଛି।

### [ଇତିହାସର ଆଇନାରେ]

### ନଭେମ୍ବର ୨୫ର ପ୍ରମୁଖ ଘଟଣା

୧୯୨୬ ନଭେମ୍ବର ୨୫ରେ ଭାରତର ୨୧ତମ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ରଙ୍କ ଜନ୍ମ ଓଡ଼ିଶାର ବାଣପୁରରେ ହୋଇଥିଲା। ସେ ୧୯୯୦ ସେପ୍ଟେମ୍ବର ୨୫ରୁ ୧୯୯୧ ନଭେମ୍ବର ୨୪ ପର୍ଯ୍ୟନ୍ତ ସିଜେଆଇ ରହିଥିଲେ। ସେ ଜାତୀୟ ମାନବାଧିକାର ଆୟୋଗର ପ୍ରଥମ ଅଧକ୍ଷ ଏବଂ ଜାତୀୟ ଧର୍ମୀୟ ତଥା ଭାଷାଭିତ୍ତିକ ସଂଖ୍ୟାଲଘୁ କମିଶନ ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ।

୧୯୮୪ ନଭେମ୍ବର ୨୫ରେ ମହାରାଷ୍ଟ୍ରର ପ୍ରଥମ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ କର୍ମୀ ଯଶୱନ୍ତରାଓ ଚଭନଙ୍କର ପରଲୋକ ହୋଇଥିଲା। ସେ ପିଲାଦିନରୁ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୩୨ରେ ସତାରାଠାରେ ଭାରତୀୟ ପତାକା ଉଡାଇ ସେ ଜେଲ୍ ଯାଇଥିଲେ। ୧୯୬୦ ମେ ୧ରେ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ପାୱାର, ଉଦ୍ଧବଙ୍କୁ ଜଣାଇଲେ ଏନ୍‌ସିପି ବିଧାୟକ

# ମନ୍ତ୍ରୀପଦ ଯାଚୁଛନ୍ତି ଅଜିତ

**ମୁମ୍ବାଇ,୨୪।୧୧**

ଏନ୍‌ସିପି ମୁଖ୍ୟ ଶରଦ ପାୱାର ଓ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ ରବିବାର ଏନ୍‌ସିପି ବିଧାୟକମାନଙ୍କୁ ମୁମ୍ବାଇର ନେରେସାଁ ହୋଟେଲରେ ସାକ୍ଷାତ କରିଛନ୍ତି। ବର୍ତ୍ତମାନର ରାଜନୈତିକ ସ୍ଥିତିରେ ବିଧାୟକମାନେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ବୋଲି ପାୱାର ସେମାନଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଧାୟକମାନେ ଦୁଇନେତାଙ୍କୁ ଜଣାଇଛନ୍ତି ଯେ, ସେମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କଠାରୁ ଫୋନ୍ କଲ୍ ଆସୁଛି। ଅଜିତ ସେମାନଙ୍କୁ ସମର୍ଥନ ପାଇଁ କହିବା ସହ ମନ୍ତ୍ରୀପଦ ଯାଚୁଛନ୍ତି।



ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେଙ୍କ ସହ ଏନ୍‌ସିପି ମୁଖ୍ୟ ଶରଦ ପାୱାର।

ଏହାକୁ ନେଇ ଉଦ୍ଧବ କହିଥିଲେ, ଚିନ୍ତା କରନ୍ତୁ ନାହିଁ। ଏହି ସମ୍ପର୍କ ଦୀର୍ଘ ସମୟ ଧରି ବଜାୟ ରହିବ। ଆମ ମେଣ୍ଟ ବହୁ ଦିନ ତିଷ୍ଠିବ। ବିଧାୟକଙ୍କୁ ଭେଟିବା ପରେ ଉଦ୍ଧବ ଓ ପାୱାର ହୋଟେଲରେ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ।

### ୨୦ ମିନିଟ୍‌ରେ ୨୦ ଟୁଇଟ୍

**ମୁମ୍ବାଇ,୨୪।୧୧:** ଏନ୍‌ସିପି ବିଧାୟକ ଦଳ ନେତା ପଦରୁ ହଟିବା ପରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ରବିବାର ୨୦ ମିନିଟ୍ ମଧ୍ୟରେ ୨୦ଥର ଟୁଇଟ୍ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ମହାରାଷ୍ଟ୍ରରେ ସ୍ଥାୟୀ ସରକାର ପାଇଁ କାର୍ଯ୍ୟ କରିବେ ବୋଲି ଟୁଇଟ୍ ମାଧ୍ୟମରେ ପ୍ରତିଶ୍ରୁତି ଦେଇଛନ୍ତି।



ରବିବାର ସକାଳେ ଏନ୍‌ସିପି ନେତା ଜୟନ୍ତ ପାଟିଲ ଓ ଦିଲୀପ ୱାଲ୍‌ସେ ପାଟିଲ ତାଙ୍କ ପାଖକୁ ଯାଇ ନିଷ୍ପତ୍ତି ବଦଳାଇବା ଲାଗି ମନାଇବାକୁ ଉଦ୍ୟମ କରିଥିଲେ। ତେବେ ଅଜିତ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ। ସେ ଏନ୍‌ସିପିରେ ଅଛନ୍ତି ଏବଂ ଶରଦ ପାୱାର ତାଙ୍କ ନେତା ବୋଲି ଅଜିତ କହିଛନ୍ତି।

# ଅଯୋଧ୍ୟା ରାୟକୁ ନେଇ ପରିପକ୍ୱତା ଦେଖାଇଛି ରାଷ୍ଟ୍ର

**ନୂଆଦିଲ୍ଲୀ,୨୪।୧୧(ପି.ଟି.)**

### ମନ୍ କୀ ବାତ୍



### ରାଜନୀତିକୁ ଆସିବା ଅଭିଳାଷ ନ ଥିଲା: ପ୍ରଧାନମନ୍ତ୍ରୀ

ରାଜନୀତିକୁ ଆସିବା ଲାଗି କଦାପି ଅଭିଳାଷ ନ ଥିଲା, ଏପରିକି ରାଜନୀତି ସମ୍ପର୍କରେ ସେ କେବେ ଭାବି ନ ଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ଆଜି ସେ ରାଜନୀତିର ଅଂଶ ପାଲଟିଯାଇଛନ୍ତି ଓ ଲୋକଙ୍କ କଲ୍ୟାଣ ପାଇଁ କିପରି କାମ କରିବେ ତାହା ଉପରେ ସର୍ବାଧିକ ଧ୍ୟାନ ଦେଉଥିବା କହିଛନ୍ତି।

ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ଦେଶବାସୀ ଧୈର୍ଯ୍ୟ ଓ ପରିପକ୍ୱତା ପ୍ରଦର୍ଶନ କରିଛନ୍ତି। ଜାତୀୟ ସ୍ୱାର୍ଥ ଠାରୁ ଭାରତୀୟଙ୍କ ପାଇଁ ବଡ଼ କିଛି ନାହିଁ, ଏହା ପ୍ରମାଣିତ ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ପରେ ଦେଶ ଏକ ନୂଆ ମାର୍ଗରେ ନୂଆ ସଂକଳ୍ପ ନେଇ ଅଗ୍ରସର ହେଉଥିବା ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଅବସରରେ ସେ ଏନ୍‌ସିସି କ୍ୟାଡେଟମାନଙ୍କ ଗ୍ରୁପ୍ ସହ କଥା ହୋଇ ତାଙ୍କ ସ୍କୁଲ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ। ସେ ଏନ୍‌ସିସି କ୍ୟାଡେଟ ଥିଲେ। ତେବେ ସେ ଶୃଙ୍ଖଳିତ ଥିବାରୁ କେବେ ଦଣ୍ଡ ପାଇ ନ ଥିଲେ। ଏନ୍‌ସିସି କ୍ୟାମ୍ପ୍ ନିକଟରେ ଗୁଡ଼ି ସୂତାରେ ଫସିଯାଇଥିବା ଏକ ପକ୍ଷୀକୁ ଉଦ୍ଧାର କରିବାକୁ ମୋଦି ଗଛରେ ଚଢ଼ିଯାଇଥିଲେ। ଗଛରେ ଚଢ଼ିଥିବାରୁ ସେ ମାଡ଼ ଖାଇବେ ବୋଲି ସବୁ ପିଲା ଭାବିନେଇଥିଲେ। ତେବେ ଯେତେବେଳେ ପ୍ରକୃତ ଘଟଣା ଜଣାପଡିଲା ସେ ତାଙ୍କ କାମ ପାଇଁ ପ୍ରଶଂସିତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗୁଗଲ୍ ପାଇଁ ତାଙ୍କର ପଢ଼ିବା ଅଭ୍ୟାସ ପ୍ରଭାବିତ ହୋଇଥିବା ସେ ସ୍ୱୀକାର କରିଛନ୍ତି। ପିଲାଦିନେ କ'ଣ ହେବା ପାଇଁ ଲକ୍ଷ୍ୟ ଥିଲା ବୋଲି ଜଣେ କ୍ୟାଡେଟଙ୍କ ପ୍ରଶ୍ନରେ ମୋଦି ଉପରୋକ୍ତ ମତ ରଖିଥିଲେ। ତେବେ ସେ ଏବେ ଦେଶ ପାଇଁ ସମର୍ପିତ ଏବଂ ଦେଶର କଲ୍ୟାଣ ଲାଗି କିପରି କାମ କରିପାରିବେ ସର୍ବଦା ସେହିକଥା ଚିନ୍ତା କରୁଛନ୍ତି ବୋଲି କହିଥିଲେ।

ଡିସେମ୍ବର ୭ ସଶସ୍ତ୍ର ବଳର ଧ୍ୱଜା ଦିବସ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିବା ସହ ଯବାନମାନଙ୍କ କଲ୍ୟାଣ ପାଇଁ ଜନସାଧାରଣ ଦାନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଜାନୁୟାରୀରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ମୋଦି ସୂଚନା ଦେଇଥିଲେ।

### ଇମ୍ରାନ୍‌ଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ମାମଲା

**ଲାହୋର,୨୪।୧୧(ପି.ଟି.)**



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଅଦାଲତ ବିରୋଧୀ ମନ୍ତବ୍ୟ ଲାଗି ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ କୋର୍ଟରେ ପିଟିଶନ୍ ଦାଏର ହୋଇଛି। ଇମ୍ରାନଙ୍କ ବିରୋଧରେ ତାହିର ମକ୍‌ସୁଦ୍ ନାମକ ବ୍ୟକ୍ତି ଲାହୋର ହାଇକୋର୍ଟରେ ଏହି ପିଟିଶନ୍ ଦାଏର କରିଥିବା ଜଣାପଡିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଚିକିତ୍ସା ପାଇଁ ଲଣ୍ଡନ ଯିବା ଘଟଣାରେ ଇମ୍ରାନ୍ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତିମାନଙ୍କୁ ସମାଲୋଚନା କରିଥିଲେ। ୨୦୧୩ରେ ମଧ୍ୟ ଇମ୍ରାନଙ୍କ କୋର୍ଟ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରି କରାଯାଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB-9853098838 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
Ujjivan ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତ୍ତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543 8929619951
SCF-14, Aggarwal Estate, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

DHARITRI Career appointment Every Wednesday and Saturday

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଙ୍କା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଙ୍କା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

## ଠିକାଦାରଙ୍କ ଚେତା ପଶିଲା

# ରାସ୍ତାରୁ ହଟିଲା ବାଲି

**ରସୁଲପୁର,୨୪।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ଅଧୀନ ରଣେଶ୍ୱରୀ ନିଲାମ ବାଲିଘାଟରୁ ଦୈନିକ ବାଲି ଚାଲାଣ ହେଉଛି। ମାତ୍ର ବ୍ରାହ୍ମଣୀ ନଦୀରେ ଥିବା ଏହି ଘାଟରୁ ବେପରୁଆ ଭାବେ ବାଲି ପରିବହନ ଯୋଗୁ ଗ୍ରାମ୍ୟରାସ୍ତା ବିପଦସଙ୍କୁଳ ହୋଇପଡ଼ିଥିଲା। ରାସ୍ତାରେ ବାଲି ଜମି ଜନସାଧାରଣଙ୍କ ଗମନାଗମନରେ ବାଧା ଉପୁଜିଥିଲା। ଏ ନେଇ ଶନିବାର 'ଧରିତ୍ରୀରେ' ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ପ୍ରସାରଣ ହେବାପରେ ଠିକାଦାରଙ୍କ ଚେତା ପଶିଛି। ରବିବାର ଘାଟ ନିଲାମଧାରୀ ଓ ବାଲି ପରିବହନରେ ନିୟୋଜିତ ଠିକାସଂସ୍ଥା ରାସ୍ତାରୁ ବାଲି ହଟାଇବା ପାଇଁ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି। ପାଣି ମାରି ରାସ୍ତାରୁ ବାଲି ହଟାଯାଉଛି। ଏଥିସହ ଜନସାଧାରଣଙ୍କ ଗମନା ଗମନରେ ଯେପରି ଅସୁବିଧା ସୃଷ୍ଟି ନ ହେବ ସେନେଇ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ପ୍ରକାଶ ଯେ, ଏହି ଘାଟରୁ ଦୈନିକ ଶହ ଶହ ବାଲି ବୋଝେଇ ହାଇୱା ଗାଡି ଓଭର ଲୋଡିଂ ହୋଇ ୧୬ନଂ ଜାତୀୟ ରାଜପଥକୁ ଯାଉଛି। ଉକ୍ତ ବାଲିକୁ ରାଜପଥ ନିର୍ମାଣରେ ବ୍ୟବହାର କରାଯାଉଛି। ବାଲି ନେବା ସମୟରେ ପରିବହନ ସଂସ୍ଥା ବାଲି


ପାଣିମାରି ରାସ୍ତାରୁ ବାଲି ହଟାଯାଉଛି।

**ଧରିତ୍ରୀର ପ୍ରଭାବ**

ଉପରେ ପାଲ ନ ଘୋଡାଇ ନେଉଛି। ଫଳରେ ବାଲି ରାସ୍ତା ଉପରେ ପଡି ପ୍ରାୟ ୪ ରୁ ୫ ଇଞ୍ଚ ବହଳର ବାଲିସ୍ତର ଜମିଯାଇଥିଲା। ଏନେଇ ଯାତାୟାତରେ ଲୋକଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଭାରିଯାନ ଚଳାଚଳ ଯୋଗୁ ଗାଁ ରାସ୍ତା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏଥିଯୋଗୁ ଗୁରୁବାର ଗାଁ ଲୋକେ ବାଲିବୋଝେଇ ଗାଡିଗୁଡିକୁ ଅଟକାଇ ଥିଲେ। ରାସ୍ତା ସଫେଇ ନ ହେବା ପର୍ଯ୍ୟନ୍ତ ବାଲି ପରିବହନ ବନ୍ଦ ରହିବ ବୋଲି ଲୋକେ ଜିଦ୍ ଧରିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରସାରଣ ପରେ ଠିକାଦାର ରାସ୍ତାରୁ ବାଲି ହଟାଇବା ପାଇଁ ବାଧ୍ୟ ହୋଇଛନ୍ତି। ରାସ୍ତାରୁ ବାଲି ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସମ୍ପୂର୍ଣ୍ଣ ରାସ୍ତା ସଫା ହେବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି। ସଫେଇ ପରେ ମୂଳାପାଳ-ବନ୍ଧଡିହ ପ୍ରଧାନମନ୍ତ୍ରୀ ସଡ଼କରେ ଗମନାଗମନ ସୁଗମ ହୋଇପାରିଛି। ଧରିତ୍ରୀ ଖବରକାଗଜ ଯୋଗୁ ଏହି ସମସ୍ୟା ଦୂର ହୋଇଥିବାରୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ସଞ୍ଜିତ ମେମୋରିଆଲ କ୍ରିକେଟ

# କଟକ ସୋଲାର କ୍ଲବ ଚାମ୍ପିୟନ

**ଚଣ୍ଡିଖୋଲ,୨୪।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୁଲଜାରନଗରପାଟଣା ଖେଳପଡ଼ିଆରେ ଏମ୍‌ଟି ସ୍ପୋର୍ଟିଂ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୬ଷ୍ଠ ବାର୍ଷିକ ସଞ୍ଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ରାଉରକେଲା ୟୁଥ୍ କ୍ଲବକୁ ହରାଇ କଟକ ସୋଲାର କ୍ଲବ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ରାଉରକେଲା ୟୁଥ୍ କ୍ଲବ ବ୍ୟାଟିଂ କରି ୩୦ ଓଭର୍‌ରେ ୯ ଉଇକେଟ୍ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ସୋଲାର କ୍ରିକେଟ କ୍ଲବ ୨୬.୪ ଓଭର୍‌ରେ ୮ ଉଇକେଟ୍ ହରାଇ ୧୪୮ ରନ୍ କରି ଚାମ୍ପିୟନ ହୋଇଥିଲା। ସୋଲାର



ଅତିଥି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

କ୍ଲବର ତନ୍ମୟ ମହାନ୍ତି ସର୍ବାଧିକ ୭୧ ରନ୍ ସଂଗ୍ରହ କରିଥିବାବେଳେ ଅବିନାଶ ନାୟକ ୧୮ ରନ୍ ସଂଗ୍ରହ କରିଥିଲେ। ମନିଷ ରାଉତ ୬ ଓଭର ବୋଲିଂ କରି ୨୪ ରନ ଦେଇ ୩ ଉଇକେଟ୍ ଓ ପ୍ରଦୀପ୍ତ କୁମାର ଦାସ ୬ ଓଭର୍‌ରେ ୩୦ ରନ୍ ଦେଇ ୩ ଉଇକେଟ୍ ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଆ ଭାଷା ସଂସ୍କୃତିର ଉପଦେଷ୍ଟା ଜନ୍ମେଜୟ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନ୍‌ର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ସୋଲାର କ୍ଲବର ତନ୍ମୟ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆଶୁତୋଷ ପାଣି ଓ ସୁମେନ୍ଦ୍ର ପାତ୍ର ଖେଳ ପରିଚାଳନା କରିଥିଲେ। ସ୍କୋର୍‌ରେ ଭାବେ ବିଶ୍ୱରଞ୍ଜନ ଦାସ ଓ ସୁଶୀଲ କୁମାର ସୁନ୍ଦରାୟ ସହଯୋଗ କରିଥିଲେ। କ୍ଲବର ସଭାପତି ଚନ୍ଦ୍ରଶେଖର ଦାସ, ତୁଷାରକାନ୍ତ ପାତ୍ର, କ୍ଷୀତିଶ ବାହାଲିଆଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଧରିତ୍ରୀର ୪୬ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏହାଛଡ଼ା ରସୁଲପୁର ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣ, କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା କମିଟିର କର୍ମକର୍ତ୍ତା, ବଜାରର ଅନ୍ୟ ସମସ୍ତ ଅନୁଷ୍ଠାନର ସମସ୍ତ ସଦସ୍ୟ ଭାଇମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।


ପ୍ରଶାନ୍ତ କୁମାର ଦାସ
ସମାଜସେବୀ
ରସୁଲପୁର ବ୍ଲକ୍, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନ ଦୀର୍ଘାୟୁ ହେବା ସହ ଧରିତ୍ରୀ ସହ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଉ, ଏହା ହିଁ ମୋର କାମନା। ଏହାଛଡ଼ା ଗୋପାଳପୁର ଅଞ୍ଚଳର ବୁଣାକାର ଭଉଣୀଭାଇଗଣ, ବୁଣାକାର ସମିତିର କର୍ମକର୍ତ୍ତାଗଣ, ବ୍ୟବସାୟୀ ବନ୍ଧୁଗଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ସମସ୍ତଙ୍କ ପାଇଁ ଆସନ୍ତା ନବବର୍ଷ-୨୦୨୦ ମଙ୍ଗଳମୟ ହେଉ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।**


ରମେଶ ଚନ୍ଦ୍ର ଦାସ
ସଭାପତି
ଶ୍ରୀ ବିଷ୍ଣୁ ତନ୍ତୁବାୟ ସମିତି ଲିଃ.
ରସୁଲପୁର ବ୍ଲକ୍, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଅଗଣିତ ପାଠିକା ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହାଛଡ଼ା ସବୁଜ ରସୁଲପୁର ବ୍ଲକ୍ ଗଠନ ଦିଗରେ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ। ଫଳ, ଫୁଲ, ପନିପରିବା ଚାଷୀ ଭଉଣୀଭାଇମାନଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ପରିବାରର ସୁଖ, ସମୃଦ୍ଧି, ପ୍ରଗତି କାମନା କରୁଛି।



ପ୍ରୋପ୍ରାଇଟର: ସୁରେନ୍ଦ୍ର କୁମାର ସାହୁ
ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ଦ୍ୱାରା ପୁରସ୍କୃତ
ବଡ଼ଗୋବିନ୍ଦପୁର, ହରିପୁର, ଜିଲ୍ଲା: ଯାଜପୁର


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ।

ଏଥିସହ ଭୋଟକା ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଆସନ୍ତା ନବବର୍ଷ-୨୦୨୦ ଉପଲକ୍ଷେ ଅଗ୍ରୀମ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରୁଛୁ।


ଅକ୍ଷୟ କୁମାର ମଲିକ
ସରପଞ୍ଚ


ବିଜୟ କୁମାର ମଲିକ
ସମିତି ସଭ୍ୟ

ଭୋଟକା ଗ୍ରାମ ପଞ୍ଚାୟତ, ବ୍ଲକ୍: ରସୁଲପୁର, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛୁ। ଏଥିସହ ରସୁଲପୁର କୃଷି ସମବାୟ ସମିତି ଅଧୀନସ୍ଥ ସମସ୍ତ ଚାଷୀ ଭଉଣୀଭାଇଙ୍କୁ ଅଭିନନ୍ଦନ ଜଣାଉଛୁ। ନବବର୍ଷ-୨୦୨୦ରେ କୃଷକମାନଙ୍କର କ୍ଷେତ ଶସ୍ୟଶ୍ୟାମଳା ହୋଇଉଠୁ। ସେମାନଙ୍କ ପରିବାର ଆନନ୍ଦ, ସୁଖ ସମୃଦ୍ଧିରେ ଭରିଯାଉ, ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା।


ଅଭୟ କୁମାର ଦାସ
ସଭାପତି


ନିରଞ୍ଜନ ବାରିକ
ସମ୍ପାଦକ

ରସୁଲପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃ.
ବ୍ଲକ୍: ରସୁଲପୁର, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ସମ୍ପାଦକ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି। ଏଥିସହ ରସୁଲପୁର ବ୍ଲକ୍ ଅଞ୍ଚଳର ବରିଷ୍ଠ ନାଗରିକ, ଅନୁଷ୍ଠାନ ପ୍ରେମୀ, ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସାୟୀ ବନ୍ଧୁଗଣ, ଠିକାସଂସ୍ଥାର ସଦସ୍ୟଗଣ, ବିଶେଷକରି ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଉଛି।

**ଆସନ୍ତା ନବବର୍ଷ-୨୦୨୦ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।**


ଗୋପୀନାଥ ପତି
ସମାଜସେବୀ, ରସୁଲପୁର ବ୍ଲକ୍, ଜିଲ୍ଲା: ଯାଜପୁର



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନଙ୍କୁ ସମ୍ମାନ ଜଣାଉଛି। ଏହାଛଡ଼ା ମୋ ପଞ୍ଚାୟତର ଜନସାଧାରଣମାନଙ୍କୁ ନବବର୍ଷ-୨୦୨୦ର ଶୁଭେଚ୍ଛା ଜ୍ଞାପନ କରିବା ସହ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।


ମାମି ମହାନ୍ତି
ସରପଞ୍ଚ
ବାହାଦଲାପୁର ଗ୍ରାମପଞ୍ଚାୟତ
ବ୍ଲକ୍: ରସୁଲପୁର, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଖବରକାଗଜର ଦୀର୍ଘାୟୁ କାମନା କରୁଛୁ। ଏଥିସହ ଓଡ଼ିଶୋ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କର ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ। ପଞ୍ଚାୟତବାସୀଙ୍କ ନିରବଚ୍ଛିନ୍ନ ସମର୍ଥନ ପାଇଁ ଆନ୍ତରିକ ସମ୍ମାନ ଜଣାଉଛୁ।


ନିଲମ ମଲିକ
ସରପଞ୍ଚ


ରୀନାଲତା ସେଠୀ
ସମିତି ସଭ୍ୟା


ସୁଧୀର କୁମାର ମହାନ୍ତି
ପଞ୍ଚାୟତ ନିର୍ବାହୀ ଅଧିକାରୀ

ଓଡ଼ିଶୋ ଗ୍ରାମ ପଞ୍ଚାୟତ, ବ୍ଲକ୍: ରସୁଲପୁର, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର ମଙ୍ଗଳ ହେଉ।

ରସୁଲପୁର ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି, ପ୍ରଗତି କାମନା କରୁଛି।


ରସୁଲପୁର ବ୍ଲକ୍ ଅଞ୍ଚଳର
ଜନୈକ ଶୁଭେଚ୍ଛୁ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସବୁ ଗ୍ରାହକ ବନ୍ଧୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛୁ।



ଏସ୍.କେ. ଲଜିଂ
ପ୍ରୋପ୍ରାଇଟର: ସୁବୋଧ କୁମାର ସାହୁ
୧୬ନଂ ଏନ୍.ଏଚ୍. ପାର୍ଶ୍ୱ, କୁଆଖିଆ ବଜାର, ଜିଲ୍ଲା: ଯାଜପୁର

ଧରିତ୍ରୀ ଦୀର୍ଘାୟୁ ହେଉ।

ତା'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ କାମନା କରୁଛୁ। ଏଥିସହ ଓଡ଼ିଶା ମେସିନେରୀ ପକ୍ଷରୁ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ଗ୍ରାହକମାନଙ୍କର ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛୁ।

Since 1965 Lubi Pumps • Motors ISO 9001 Company


www.lubipumps.com

ମେସର୍ସ ଓଡ଼ିଶା ମେସିନେରୀ
ପ୍ରୋପ୍ରାଇଟର: ବିନୋଦ ବିହାରୀ କବି
ମୋବାଇଲ ନଂ. ୯୯୩୭୩୧୬୫୯୨
ସାହୁ ମାର୍କେଟ୍, କୁଆଖିଆ ବଜାର, ଜିଲ୍ଲା: ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଉଛି।
ଏଥିସହ ମୋ ବିଦ୍ୟାଳୟର ଅଧକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଗୁରୁଜନ, ପିତାମାତା, ଅଭିଭାବକମାନଙ୍କୁ ପ୍ରଣାମ କରୁଛି। ମୋର ବଡ଼ ଭଉଣୀଭାଇମାନଙ୍କୁ ସମ୍ମାନ ଜଣାଉଛି। କନିଷ୍ଠମାନଙ୍କୁ ଶ୍ରଦ୍ଧା ଓ ସହପାଠୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଛି।
**ନବବର୍ଷ-୨୦୨୦ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା।**


ସାଇ ସ୍ନେହାଙ୍କ ଦାସ
ନର୍ସରୀ କ୍ଲାସ ହାଇଟେକ୍ ପବ୍ଲିକ୍ ସ୍କୁଲ
କୁଆଖିଆ ବଜାର, ଯାଜପୁର



ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସାଧାରଣରେ ପ୍ରାୟତଃ ପ୍ରକାଶ କରୁ ନ ଥିବା ଅଭିନେତା ଆୟୁଷ୍ମାନ ଖୁରାନା ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ଆୟୁଷ୍ମାନଙ୍କ ସହ ସ୍ତ୍ରୀ ତଥା ପ୍ରଯୋଜିକା ତାହିରା କାଶ୍ୟପଙ୍କ ଫଟୋ ରହିଛି। ସେ କ୍ୟାପ୍‌ଶନରେ ଲେଖିଛନ୍ତି, 'ୱିଥ୍ ହାର୍'। ସେ ଏକାକୀ ଥିବା ଦ୍ୱିତୀୟ ଫଟୋରେ ଲେଖିଛନ୍ତି 'ୱିଥ୍‌ଆଉଟ୍ ହାର୍'। ଫ୍ୟାନ୍‌ମାନେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି।

# 'ପାରା'ଙ୍କ ପାଟର୍ନ ରହସ୍ୟ ଖୋଲିଲା

**ବେଜିଂ:** ଆକାଶରେ ଦଳ ଦଳ ହୋଇ ଉଡୁଥିବା ପାରାଙ୍କୁ ତ ନିଶ୍ଚୟ ଦେଖିଥିବେ ? କେବେ ଲକ୍ଷ୍ୟ କରିଛନ୍ତି କି, କେତେବେଳେ ସେମାନେ ଗୋଲାକୃତି ତ ଆଉ କେବେ ଧାଡ଼ିରେ ଉଡ଼ିଥାନ୍ତି। ଏମିତି ଅସଂଖ୍ୟ ପାଟର୍ନ ସେମାନେ ପ୍ରସ୍ତୁତ କରିଥାନ୍ତି ଆକାଶରେ, ହେଲେ ଏହା କେମିତି ହୁଏ କେବେ ଚିନ୍ତା କରିଛନ୍ତି କି ? ଏଥିପାଇଁ ପାରାମାନେ ଉଡ଼ିବା ପୂର୍ବରୁ ହିଁ ନିଜେ କେଉଁ ସ୍ଥାନରେ ରହିବେ ତାହା ସ୍ଥିର କରିଥାନ୍ତି। ପାରା ଦଳ ଉପରେ ସର୍ବେକ୍ଷଣ କରୁଥିବା ଚାଇନାର ବିଶେଷଜ୍ଞ ଦଳ ଏପରି ତଥ୍ୟ ଖୋଜି ବାହାର କରିଛନ୍ତି। ପାରାଙ୍କ ଉଡ଼ିବା ଶୈଳୀର କାରଣ ଜାଣିବାକୁ ଚାଇନାର ଦକ୍ଷିଣ-ପୂର୍ବ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଟିମ୍ ୩ ଗୋଷ୍ଠୀ ପାରାଙ୍କୁ ନେଇ ଅଧ୍ୟୟନ କରିଥିଲା। ସେମାନଙ୍କ କହିବା କଥା, ଭୂମି ଛାଡ଼ି ଆକାଶକୁ ଉଡ଼ିବା ପୂର୍ବରୁ ପାରାମାନେ ନିଜ ନିଜ ଭିତରେ ସାଙ୍କେତିକ ଭାଷା ବିନିମୟ କରିଥାନ୍ତି। ଏଥିରେ କିଏ ଆଗରେ ରହିବ, କିଏ ପଛରେ ରହିବ ଏବଂ କିଏ ମଝିରେ ରହିବ ତାହା ସେମାନେ ନିର୍ଣ୍ଣୟ କରିଥାନ୍ତି। ତେଣୁ ସେମାନେ ଦଳବଦ୍ଧ ଭାବେ ଉଡ଼ିବା ସମୟରେ ନିର୍ଦ୍ଦିଷ୍ଟ ପେଟର୍ନ ସୃଷ୍ଟି କରିଥାଏ। ସ୍ଥାନୀୟ ଜର୍ନାଲରେ ପ୍ରକାଶିତ ତଥ୍ୟରେ କୁହାଯାଇଛି, ରିସର୍ଚ୍ଚରମାନେ ଚିହ୍ନଟ କରିଥିବା ଗୋଷ୍ଠୀରେ ୧୦ଟି ଲେଖାଏଁ ପାରା ରହିଥିଲେ। ସେମାନଙ୍କୁ ଗୋଟିଏ ଥରରେ ଉଡ଼ିବାକୁ ଛଡ଼ାଯାଇଥିଲା। ସେମାନେ ଉଡ଼ିବା ସମୟରେ ନିଜ ନିଜ ସୁବିଧା ଅନୁଯାୟୀ ସ୍ଥାନ ନିର୍ଣ୍ଣୟ କରିଥିଲେ। ବିଶେଷଜ୍ଞମାନେ ପାରାଙ୍କ ଉଡ଼ିବା ଶୈଳୀ, ଗତିକୁ ନେଇ ଡାଟା ପ୍ରସ୍ତୁତ କରିଥିଲେ। ଡାଟା ବିଶ୍ଳେଷଣରୁ ପଦାକୁ ଆସିଥିବା ତଥ୍ୟ



ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେବାଭଳି ଥିଲା। ଏଥିରୁ ଜଣାପଡ଼ିଛି ଯେ, ପାରାମାନେ ନିଜ ନିଜ ଭିତରେ ହୋଇଥିବା ସାଙ୍କେତିକ ଭାଷା ବିନିମୟକୁ ପାଳନ କରିଥାନ୍ତି। ଏହାପରେ ସେମାନେ ବିଧିବଦ୍ଧ ଭାବେ ନେଟ୍‌ୱର୍କ ପ୍ରସ୍ତୁତ କରିଥାନ୍ତି। ଏହାକୁ ସଞ୍ଚାଳନ କରି ସେମାନେ ନିଜର ଗତି ନିର୍ଣ୍ଣୟ କରିଥାନ୍ତି। ଏଥିରୁ ଆହୁରି ମଧ୍ୟ ଜଣାପଡ଼ିଛି, ଦଳର ନେତୃତ୍ୱ ନେଉଥିବା ପାରା ଆବଶ୍ୟକସ୍ଥଳେ ନିଜ ଜାଗାରେ ରହି ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ତାହାର ନିଷ୍ପତ୍ତି ଅନୁଯାୟୀ ଲକ୍ଷ୍ୟସ୍ଥଳ, ପାଟର୍ନ ସବୁ କ୍ଷଣିକ ଭିତରେ ପରିବର୍ତ୍ତନ ହୋଇଯାଏ। ବିଶେଷଜ୍ଞ ଦଳର ନେତୃତ୍ୱ ନେଉଥିବା ଡାକ୍ସିନ ଚେନ୍ କୁହନ୍ତି, ପକ୍ଷୀ ଦଳର କେନ୍ଦ୍ର ଏବଂ ଏହାର ନିକଟବର୍ତ୍ତୀ ସ୍ଥାନରେ ଉଡୁଥିବା ପାରାମାନେ ଅଧିକ ପ୍ରଭାବଶାଳୀ। ସେମାନେ ନେଉଥିବା ନିଷ୍ପତ୍ତିକୁ ଅନ୍ୟମାନେ ପାଳନ କରିଥାନ୍ତି। ଏଥିପୂର୍ବରୁ ପାରାଙ୍କ ଉପରେ ଗବେଷଣା କରାଯାଇଥିଲା। ନିଜ ନିଜ ମଧ୍ୟରେ ଧକ୍କାରୁ ବର୍ତ୍ତିବା, ଉଡ଼ିବା ଦିଗ ନିର୍ଣ୍ଣୟ କରିବା ଏବଂ କେନ୍ଦ୍ରସ୍ଥଳରେ ଥିବା ସଦସ୍ୟଙ୍କ ନିକଟରେ ରହିବାକୁ ନେଇ ପାରାମାନେ ବିଭକ୍ତ ହୋଇଥାନ୍ତି ବୋଲି ଏଥିରୁ ଜଣାପଡ଼ିଥିଲା। ଏହି ପଦ୍ଧତିକୁ ଉପଯୋଗ କରି ଅନ୍ୟ ପକ୍ଷୀଙ୍କ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ଚେନ୍ କହିଛନ୍ତି।

# ଭୂମିଙ୍କ 'ରସ୍‌ଭରି' ଅବତାର



**ମୁମ୍ବାଇ:** ଆଜିକାଲି ଫିଲ୍ମ ପ୍ରମୋଶନ ଆଉ ପୂର୍ବଭଳି ଇଭେଣ୍ଟ ବା ପ୍ରେସ୍ ବିଜ୍ଞପ୍ତିରେ ସୀମିତ ରହିନାହିଁ। ଡିଜିଟାଲ୍ ଯୁଗରେ ସୋସିଆଲ ମିଡିଆ ଫିଲ୍ମ ପ୍ରମୋଶନର ସବୁଠାରୁ ସହଜ ମାଧ୍ୟମ ପାଲଟିଛି। ଏଥିପାଇଁ ବି-ଟାଉନ୍ ତାରକାମାନେ ସୋସିଆଲ ମିଡିଆରେ ନିଜକୁ ସବୁବେଳେ ଆକ୍ଟିଭ୍ ରଖିଥାନ୍ତି ଏବଂ ନିଜ ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇ ବାନ୍ଧିରଖିଥାନ୍ତି। ସେହିଭଳି ଜଣେ ବି-ଟାଉନ୍ ତାରକା ହେଉଛନ୍ତି ଭୂମି ପାଡନେକର। ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଚାଲିଛନ୍ତି ବଲିଉଡ୍ ଭର୍ସାଟାଇଲ୍ ନାୟିକା ଭୂମି। ତାଙ୍କର ଲାଟେଷ୍ଟ ଫିଲ୍ମ 'ବାଲା' ବକ୍ସ-ଅଫିସ୍‌ରେ ସୁପରହିଟ ହୋଇଥିବାବେଳେ ଫିଲ୍ମ 'ଷାଣ୍ଡ୍ କି ଆଖିଁ'ରେ ତାଙ୍କ ଅଭିନୟକୁ ଭୁରି ଭୁରି ପ୍ରଶଂସା ମିଳିଛି। ବର୍ତ୍ତମାନ ଭୂମି ନିଜ ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର ୱ'ର ରିଲିଜ୍‌କୁ ଅପେକ୍ଷା କରିଥିବାବେଳେ ଫିଲ୍ମ ପ୍ରମୋଶନରେ ଲାଗି ପଡ଼ିଛନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆରେ ନିଜ ଫ୍ୟାନ୍‌ମାନଙ୍କ ବିଶେଷ ଭାବରେ ଧ୍ୟାନଆକର୍ଷଣ କରୁଛନ୍ତି। ନିକଟରେ ସେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ଏଥନିକ୍ ଲୁକ୍‌ରେ ଏକ ଫଟୋ ଶେୟାର କରିଛନ୍ତି। ନାରଙ୍ଗୀ ରଙ୍ଗର ଶାଢ଼ୀରେ ଭୂମିଙ୍କୁ ଦେଖିବାକୁ ମିଳିଛି। ଫଟୋ କ୍ୟାପ୍‌ଶନରେ ଭୂମି 'ରସ୍‌ଭରି' ଲେଖିଛନ୍ତି। ତେବେ ଫ୍ୟାନ୍‌ମାନେ ଭୂମିଙ୍କ ଏହି ରସ୍‌ଭରି ଅବତାର୍‌କୁ ବେଶ ପସନ୍ଦ କରିଛନ୍ତି। ଭୂମିଙ୍କ ଏହି ଅବତାର ଫିଲ୍ମ 'ପତି, ପତ୍ନୀ ଔର ୱ'ର ପ୍ରମୋଶନ ପାଇଁ। ସେ କିଛି ଏଭଳି ରୂପରେ ହିଁ ଫିଲ୍ମରେ ନଜରକୁ ଆସିବେ। ଫିଲ୍ମରେ ତାଙ୍କ ସହ ୟଙ୍ଗ୍ ସେନସେଶନ୍ କାର୍ତ୍ତିକ ଆର୍ୟନ, ଅନନ୍ୟା ପାଣ୍ଡେ ଏବଂ ଅପାରଶକ୍ତି ଖୁରାନାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ମୁଦସ୍‌ସର ଅଜିଜ୍‌ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି କମେଡି ଫିଲ୍ମ ଡିସେମ୍ବର ୬ରେ ପରଦାକୁ ଆସିବ।

# ଜୟଲଳିତାଙ୍କ ବାୟୋପିକ୍‌ର ପ୍ରଥମ ପୋଷ୍ଟର ରିଲିଜ

**ମୁମ୍ବାଇ:** କଙ୍ଗନା ରଣାୱତ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଅଭିନେତ୍ରୀ ଜେ.ଜୟଲଳିତାଙ୍କ ବାୟୋପିକ୍‌ରେ ନଜର ଆସିବେ। ଶନିବାର ଏହାର ପ୍ରଥମ ପୋଷ୍ଟର ରିଲିଜ ହୋଇଛି। ପୋଷ୍ଟର ରିଲିଜ ପରେ କଙ୍ଗନାଙ୍କ ଲୁକ୍‌କୁ ଟ୍ରୋଲ କରାଯାଉଛି। ଏହା ସହିତ ଏକ ଟ୍ରିଜର ମଧ୍ୟ ଭାଇରାଲ ହୋଇଛି। ଏଥିରେ କଙ୍ଗନାଙ୍କ ଲୁକ୍‌ର ଝଲକ ଦେଖିବାକୁ ମିଳିଛି। ଟ୍ରେଡ ଆନାଲିଷ୍ଟ ତରଣ ଆଦର୍ଶ ଫିଲ୍ମର ଫାଷ୍ଟ ଲୁକ୍ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯେଉଁଥିରେ ଜୟଲଳିତାଙ୍କ ଭୂମିକାରେ କଙ୍ଗନା ଅଭିନୟ କରୁଛନ୍ତି। ସେ ଜୟଲଳିତାଙ୍କ ପରି ସବୁଜ ରଙ୍ଗର ଏକ ଶାଢ଼ି ପିନ୍ଧିଛନ୍ତି। ଫଟୋ ଶେୟାର କରି ତରଣ ଲେଖିଛନ୍ତି, ଜୟଲଳିତାଙ୍କ ବାୟୋପିକ୍‌ର ପ୍ରଥମ ଝଲକ। ମୁଖ୍ୟ ଭୂମିକାରେ କଙ୍ଗନା ରଣାୱତ। ବିଷ୍ଣୁ ଇନ୍ଦୁରୀ, ଶୈଳେଶ ସିଂହ ଏହାକୁ ନିର୍ମାଣ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିଜୟ। ଫିଲ୍ମଟି ୨୦ ଜୁନ ୨୦୨୦ରେ ରିଲିଜ ହେବ। ତେବେ କିଛି ପ୍ରଶଂସକ କଙ୍ଗନାଙ୍କ ଲୁକ୍ ଦେଖି ଟ୍ରୋଲ ବି କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଆନିମେଶନ ବେକାର ହୋଇଛି। ଆଉ ଜଣେ ଲେଖିଛନ୍ତି, ଯେମିତି ଏକ କଣ୍ଢେଇକୁ ଠିଆ କରି ଦେଇଛନ୍ତି। କିଛି ୟୁଜର କାର୍ଟୁନ କହୁଥିବାବେଳେ ଆଉ କିଛି ଜୟଲଳିଥାଙ୍କୁ ଅପମାନିତ କରାଯାଇଛି ବୋଲି ଲେଖିଛନ୍ତି।



ଟ୍ରୋଲ ହେଉଛି କଙ୍ଗନାଙ୍କ ଲୁକ୍

# ୪୧ ବର୍ଷ ପରେ ମା'ଙ୍କୁ ଭେଟିଲେ ପୁଅ

**ଚେନ୍ନାଇ:** ତାମିଲନାଡୁରେ ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ଦୀର୍ଘ ୪୧ ବର୍ଷ ପରେ ମା'ଙ୍କୁ ଭେଟିଛନ୍ତି ପୁଅ। ଏହି ମିଳନ ପରେ ଉଭୟ ମା' ଏବଂ ପୁଅ ଭାବବିହ୍ୱଳ ହୋଇପଡିଥିଲେ। ତାମିଲନାଡୁରେ ରହୁଥିବା ଧନଲକ୍ଷ୍ମୀ ୧୯୭୬ରେ ଅଭାବ ଅନଟନ ଭିତରେ ନିଜ ୨ ପୁଅଙ୍କ ସହ ଆଶ୍ରାସ୍ଥଳରେ ରହୁଥିଲେ। ସେଠାରେ କିଛିଦିନ ରହିବା ପରେ ତାଙ୍କୁ ତଡି ଦିଆଯାଇଥିଲା। କୌଣସି ଉପାୟ ନ ପାଇ ସେ ନିଜ ୨ ବର୍ଷର ପୁଅ ଡେଭିଡଙ୍କୁ ଏକ ଅନାଥ ଆଶ୍ରମରେ ଛାଡି ଆସିଥିଲେ। କିଛିଦିନ ପରେ ଡେନମାର୍କର ଜଣେ ଦମ୍ପତି ଆସି ଡେଭିଡଙ୍କୁ କୋଳେଇ ନେଇଥିଲେ। ଅନେକ ବର୍ଷ ପରେ ଧନଲକ୍ଷ୍ମୀ ନିଜ ପୁଅକୁ ନେବା ପାଇଁ ଅନାଥ ଆଶ୍ରମ ଆସିଥିଲେ। କିନ୍ତୁ ଅନ୍ୟ ଜଣେ ଦମ୍ପତି ତାଙ୍କ ପୁଅକୁ କୋଳେଇ ନେଇଯାଇଥିବା କଥା ଶୁଣି ମନ ଦୁଃଖ କରିଥିଲେ ମଧ୍ୟ ପୁଅ ଡେନମାର୍କରେ ଭଲରେ ଥିବା ଅନାଥ ଆଶ୍ରମ କର୍ମଚାରୀମାନେ ଧନଲକ୍ଷ୍ମୀଙ୍କୁ କହିଥିଲେ। ଏବଂ ତାଙ୍କ ଫଟୋ ମଧ୍ୟ ଦେଖାଇଥିଲେ। ଏଥିରେ ଖୁସି ହୋଇ ଫେରିଯାଇଥିଲେ ଧନଲକ୍ଷ୍ମୀ। ୨୦୧୩ରେ ଡେଭିଡ ଭାରତ ଆସିଥିଲେ ଏବଂ ଆଶ୍ରମ କର୍ମଚାରୀଙ୍କୁ ନିଜ ମା'ଙ୍କ ବିଷୟରେ ପଚାରିଥିଲେ। କିନ୍ତୁ ସେମାନେ ତାଙ୍କ ଠିକଣା ଜାଣି ନ ଥିବା କହିଥିଲେ। କିନ୍ତୁ ମା'ଙ୍କୁ ଖୋଜିବା ବନ୍ଦ କରି ନ ଥିଲେ ଡେଭିଡ। ପୁଣି ଡେନମର୍କ ପଳାଥିବା ମଧ୍ୟ କିଛି କିଛି ସାମାଜିକ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗରେ ଥିଲେ। ଦୀର୍ଘ ୬ ବର୍ଷ ପରେ ସେ ଗତ ଶନିବାର ଦିନ ନିଜ ମା'ଙ୍କୁ ଭେଟିଛନ୍ତି।



# ଟେକ୍ନୋଲୋଜି ବିପଦ

**ନୂଆଦିଲ୍ଲୀ:** ଟେକ୍ନୋଲୋଜି ବା ପ୍ରଯୁକ୍ତିବିଦ୍ୟା ବିନା ଜୀବନ ପରିକଳ୍ପନା କରିବା ଆଜି ଅସମ୍ଭବ ହୋଇପଡ଼ିଛି। ଘରେ ବସି ବିମାନ, ଟ୍ରେନ୍ ବା ବସ୍‌ର ଟିକେଟ୍ ବୁକିଂ କରିବାଠାରୁ ଆରମ୍ଭ କରି ଇଣ୍ଟରନେଟ୍ ମାଧ୍ୟମରେ ପାଠ ମଧ୍ୟ ପଢ଼ି ହେଉଛି। ଟେକ୍ନୋଲୋଜିର ଯେତିକି ଲାଭ ଆମେ ଉଠାଉଛେ ସେତିକି କ୍ଷତି ମଧ୍ୟ ଘଟୁଛି। ମୋବାଇଲ ବା କମ୍ପ୍ୟୁଟରର ଗୋଟିଏ ସୁଇଚ୍ ଟିପିଲେ ହାତ ପାହାନ୍ତାରେ ସାରା ଦୁନିଆ ସମ୍ପର୍କରେ ସୂଚନା ମିଳୁଛି ସତ, ହେଲେ ଆଗାମୀ ପିଢ଼ି ପାଇଁ ଏହା ଏକ ଭୟର ବାତାବରଣକୁ ଆମନ୍ତ୍ରଣ କରୁଛି। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (WHO) ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ଏବେର ପିଲାମାନଙ୍କୁ ଆବଶ୍ୟକ ଫିଜିକାଲ ଆକ୍ଟିଭିଟି ପାଇଁ ସମୟ ମିଳୁନାହିଁ। ଏଥିସହ ଅଧିକାଂଶ ପିଲା ସ୍କୁଲ ବା ବାହାରେ ହେଉଥିବା ଖେଳୁଦରେ ମଧ୍ୟ ଭାଗ ନେଉନାହାନ୍ତି। ଏ ସମ୍ପର୍କରେ WHO ପକ୍ଷରୁ କୁହାଯାଇଛି ଯେ, ପିଲାଙ୍କର ଉଭୟ ମାନସିକ ଓ ଭୌତିକ ବିକାଶ ହେବା ନିତାନ୍ତ ଆବଶ୍ୟକ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏ ଦିଗରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଉଦ୍ୟମ କରାଯିବା ଆବଶ୍ୟକ ବୋଲି କୋ-ଅଥର ଫୋଇନା ବୁଲ୍ କହିଛନ୍ତି। ଅଦ୍ୟାବଧି ପିଲାମାନଙ୍କୁ ନେଇ ଯେତେବି ସର୍ଭେ କରାଯାଇଛି ସେସବୁ ଉପରେ ନଜର ପକାଇଲେ ଜଣାପଡ଼େ ଯେ, ପିଲାମାନେ ଦିନକୁ ଦିନ ଶାରୀରିକ ଭାବେ ଦୁର୍ବଳ ହୋଇପଡୁଛନ୍ତି। ଏ ଦିଗରେ ସୁଧାର ଆଣିବା ସକାଶେ ସମସ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଗତ ୧୫ ବର୍ଷ ମଧ୍ୟରେ WHO ପକ୍ଷରୁ ୧୫୦ଟି ଦେଶରେ କରାଯାଇଥିବା ଅଧ୍ୟୟନରୁ ଏହି ତଥ୍ୟ ହାସଲ କରାଯାଇଛି।

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ସର୍ଭେ



# ନିଜ ହିଟ୍ ଗୀତର ରିମିକ୍ସରେ ଗୋବିନ୍ଦା ଅସନ୍ତୁଷ୍ଟ

**ମୁମ୍ବାଇ:** ବଲିଉଡ୍‌ରେ ଆଜିକାଲି ରିମେକ୍‌ର ସମୟ ଚାଲିଛି। ପୁରୁଣା ଫିଲ୍ମ ସାଙ୍ଗକୁ ସୁପରହିଟ୍ ଗୀତର ମଧ୍ୟ ରିମେକ୍ ଅଧିକରୁ ଅଧିକ ଦେଖିବାକୁ ମିଳୁଛି। ନୂଆ ସଂଗୀତ ନିର୍ଦ୍ଦେଶନା, ସଂଳାପ ଓ ସଂଯୋଜନା ପରିବର୍ତ୍ତେ ପୁରୁଣା ହିଟ୍ ନମ୍ବରକୁ ନିର୍ମାତାମାନେ ଟିକେ ଛୁଙ୍କ ଦେଇ ଦର୍ଶକଙ୍କୁ ଭେଟି ଦେଉଛନ୍ତି, ଯାହାକୁ ଦର୍ଶକେ ପସନ୍ଦ ମଧ୍ୟ କରୁଛନ୍ତି। ତେବେ ସବୁ ରିମେକ୍ ଓ ରିମିକ୍ସ ଯେ ଉଚ୍ଚକୋଟୀର ହେବ ସେ କଥାର ମଧ୍ୟ କୌଣସି ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ସେହିଭଳି କୌଣସି ହିଟ୍ ଗୀତର ରିମିକ୍ସ ବା ରିମେକ୍ କଲେ ସମ୍ପୃକ୍ତ ତାରକାମାନେ ଅନେକ ସମୟରେ ଏହାକୁ ପସନ୍ଦ କରି ନ ଥାନ୍ତି। ନୂଆ ଗୀତ 'ଆଖିୟୋଁ ସେ ଗୋଲି ମାରେ'କୁ ନେଇ ମଧ୍ୟ କିଛି ଏଭଳି ପ୍ରତିକ୍ରିୟା ଆସିଛି। ଗୋବିନ୍ଦା ଏବଂ ରବୀନା ଟଣ୍ଡନ୍‌ଙ୍କ ୨୦୦୨ର ରିଲିଜ୍ ସୁପରହିଟ୍ ଫିଲ୍ମ 'ଆଖିୟୋଁ ସେ ଗୋଲି ମାରେ'ର ଏଭରଗ୍ରୀନ୍ ଟାଇଟେଲ୍ ଟ୍ରାକ୍‌ର ରିମେକ୍ କରାଯାଇଛି। ଅପ୍‌କମିଂ ଫିଲ୍ମ 'ପତି, ପତ୍ନୀ ଔର ୱ'ରେ ଏହି ଗୀତଟି ରହିଛି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି। ଏପରି କି ଗୀତଟି ୟୁଟ୍ୟୁବ୍‌ରେ ମଧ୍ୟ ଟ୍ରେଣ୍ଡ୍ କରୁଛି। ହେଲେ ନିଜ ଓରିଜିନାଲ୍ ହିଟ୍ ଗୀତର ଏଭଳି ରିମେକ୍ ଗୋବିନ୍ଦାଙ୍କୁ ପସନ୍ଦ ଆସିନାହିଁ। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବାବେଳେ ଗୋବିନ୍ଦା ଏନେଇ ପ୍ରତିକ୍ରିୟା ରଖିଛନ୍ତି। ତେବେ ସେ ଏହି ରିମିକ୍ସ ଗୀତ ବାବଦରେ ଅଧିକ କିଛି କହି ଏହାର ପବ୍ଲିସିଟି କରାଇବାକୁ ଚାହାନ୍ତି ନାହିଁ ବୋଲି କହିଛନ୍ତି। ଫିଲ୍ମର ଲିଡ୍ କ୍ୟାରେକ୍ଟରରେ କାର୍ତ୍ତିକ ଆର୍ୟନ୍, ଅନନ୍ୟା ପାଣ୍ଡେ ଏବଂ ଭୂମି ପାଡନେକର ଅଭିନୟ କରିଛନ୍ତି। କାର୍ତ୍ତିକ-ଭୂମି ଫିଲ୍ମରେ ପତି-ପତ୍ନୀ ହୋଇଥିବାବେଳେ 'ୱ' ଭୂମିକାରେ ଅନନ୍ୟାଙ୍କୁ ଦେଖିବାକୁ ମିଳିବ। ଡିସେମ୍ବର ୬ରେ ଫିଲ୍ମଟି ରିଲିଜ୍ ହେବ।



# ସତ୍ୟସାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ନୂତନ ମନ୍ଦିରରେ ସତ୍ୟସାଇଙ୍କ ପୂଜାର୍ଚ୍ଚନା କରାଯାଉଛି।

**କେନ୍ଦ୍ରାପଡା ଅଫିସ,୨୪।୧୧**

କେନ୍ଦ୍ରାପଡା ବ୍ଲକ ଚଉଦକୁଳାଟସ୍ଥ ସତ୍ୟସାଇ ସେବା ସମିତି ପକ୍ଷରୁ ଆଧ୍ୟାତ୍ମିକ ଗୁରୁ ସତ୍ୟସାଇଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଓ ୯୪ ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠା ପାଇଁ ଗତ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନୀଳକଣ୍ଠପୁର ଗ୍ରାମର ଜୟଦେବ ମହାନ୍ତି ଓ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାର୍ଥନା, ବେଦ ପଠନ, ପୂଜାର୍ଚ୍ଚନା ଓ ଆଲୋଚନାଚକ୍ର ଦିନସାରା ଚାଲିଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବିଧାୟକ ଶଶିଭୂଷଣ ବେହେରା, ସେବା ସମିତି ରାଜ୍ୟ ସମ୍ପାଦକ ବିଷ୍ଣୁ ଚରଣ ସାମଲ, ଚନ୍ଦ୍ରମଣି ସାହୁ, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ବିଶ୍ୱାଳ, ଜୟନ୍ତ ପାତ୍ର, ସରୋଜକାନ୍ତ ଦାଶ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ମନୋରଞ୍ଜନ ଦାସ, ତ୍ରିଲୋଚନ ଅଧିକାରୀ ପ୍ରମୁଖ ପରିଚାଳନା କରିଥିଲେ।

# ମା’ କନ୍ତେଇଙ୍କ ପୀଠରେ ବାଦିପାଲା

**ଡେରାବିଶ,୨୪।୧୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଇସ୍ଥିତ କନ୍ତେଇ ଠାକୁରାଣୀଙ୍କ ପୀଠରେ ମା’ କନ୍ତେଇ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ତ୍ରୟୋଦଶତମ ବାଦିପାଲା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କେବଳ ପାଲା ମାଧ୍ୟମରେ ଓଡିଆ ଭାଷା ସାହିତ୍ୟ ସହ ସଂସ୍କୃତି ଐତିହ୍ୟ ଓ ପରମ୍ପରାର ରକ୍ଷା ହୋଇପାରିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଉର୍ମିଳା ରାଉତ ଓ ସମ୍ମାନିତ ଅତିଥି ଭାବେ ମନୋଜ କୁମାର ଶର୍ମା ଯୋଗ ଦେଇଥିଲେ । ଉତ୍ସବରେ ରାଜକିଶୋର ରାଉତ ସଭାପତିତ୍ୱ କରିଥିଲେ । ବାଦିପାଲା ମଞ୍ଚରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଓ ଗାୟକ ସୁଧାକର ଯୁଧିଷ୍ଠିର ପରିଜା ପାଲା ପରିବେଷଣ କରିଥିଲେ । ଏହି ପାଲା ରବିବାର ଉଦ୍‌ଯାପିତ ହୋଇଯାଇଛି। ପାଲା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ ଜମିଥିଲା।

# ଏକତା ଓ ଶୃଙ୍ଖଳା ଏନ୍‌ସିସି କ୍ୟାଡେଟଙ୍କ ମୂଳଲକ୍ଷ୍ୟ

**କେନ୍ଦ୍ରାପଡ଼ା ଅଫିସ,୨୪।୧୧**

୧୯୬୫ ମସିହା ଭାରତ –ପାକିସ୍ତାନ ଯୁଦ୍ଧ ଓ ୧୯୭୧ ମସିହା ବାଂଲାଦେଶ –ପାକିସ୍ତାନ ଯୁଦ୍ଧ ସମୟରେ ଦେଶର ଏନସିସି କ୍ୟାଡେଟମାନେ ପ୍ରତିରକ୍ଷା ଦାୟିତ୍ୱ କ୍ଷେତ୍ରରେ ଦ୍ୱିତୀୟ ଧାଡିରେ ଥିଲେ । ଅସ୍ତ୍ରଶସ୍ତ୍ର ପହଞ୍ଚାଇବା ଠାରୁ ଆରମ୍ଭ କରି ସୈନିକଙ୍କ ଖାଦ୍ୟପେୟ ଯୋଗାଣ ଦାୟିତ୍ୱ ବହନ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଦେଖାଇଥିଲେ । କ୍ୟାଡେଟମାନଙ୍କ ସେବା ମନୋବୃତ୍ତିକୁ ଦୃଷ୍ଟିରେ ରଖି ବିଭିନ୍ନ ସାମାଜିକ ଓ ଯୁବ ସଂଗଠନକୁ ମଜଭୁତ ପାଇଁ ସ୍କୁଲ କଲେଜରେ ଏନସିସି ଖୋଲା ଯାଇଥିବା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ୭୧ତମ ଏନସିସି ଦିବସରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ରବିବାର ମହାବିଦ୍ୟାଳୟ ପରିସରରେ ଏହି ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ୨୦୦୦ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଏନସିସି ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ ହୋଇଥିଲା । ଉତ୍ସବରେ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ପ୍ରାଧ୍ୟାପକ ପୂର୍ବତନ ମେଜର ପୀତବାସ ମହାନ୍ତି, କ୍ୟାପଟେନ ମନୋରଞ୍ଜନ ମହାନ୍ତି, ଲ୍ୟୁଟନାଣ୍ଟ କ୍ୟାପଟେନ ସୀମା ମହାନ୍ତି, ଅନୁପମା ରାଉତ, କାନନମଞ୍ଜରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ବକ୍ତବ୍ୟରେ କହିଥିଲେ ଯେ, ଏକ ଶୃଙ୍ଖଳିତ ଯୁବ ସମାଜ ପାଇଁ ଏକତାର ଆବଶ୍ୟକତା ଅଛି । ଏହା ଏନସିସିର ମୂଳଲକ୍ଷ୍ୟ । ଏହାଦ୍ୱାରା ଯୁବଶକ୍ତି ଆବଶ୍ୟକ କ୍ଷେତ୍ରରେ ରାଷ୍ଟ୍ରଭକ୍ତିର ସହ ସାମାଜିକ କର୍ମରେ ନିଜକୁ ନିୟୋଜିତ ରଖିଥାନ୍ତି । ସେହିପରି କ୍ୟାଡେଟମାନେ ଦେଶର ସାର୍ବଭୌମ୍ୟ ଉପରେ ଆଞ୍ଚ ନ ଆଣିବା, ସକରାତ୍ମକ ଦୃଷ୍ଟିରେ ଓ ଦାୟିତ୍ୱ ସମ୍ପନ୍ନ ଭାବେ ଦେଶର ହିତ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥାନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବତନ ଓ ବର୍ତ୍ତମାନର କୃତୀ ଏନସିସି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଏନସିସି ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

BERHAMPUR CARDIAC CENTRE
ବ୍ରହ୍ମପୁର କାର୍ଡିଆକ୍ ସେଣ୍ଟର ଆପଣଙ୍କୁ ଶୁଭେଚ୍ଛା ଜଣାଉଛି।

ଏଠାରେ ଅଲଟ୍ରାସାଉଣ୍ଡ (ULTRASOUND), E.C.G., E.E.G ଓ ସମସ୍ତ ପ୍ରକାର ମଳ, ମୂତ୍ର, ରକ୍ତ ସହ ପାଥୋଲୋଜି ପରୀକ୍ଷା ସୁଲଭ ମୂଲ୍ୟରେ କରାଯାଏ।
ସେବାରେ ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା,
ପୁରୁଷୋତ୍ତମପୁର, (ଗଞ୍ଜାମ)

ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର, ଭାବାନଗର ଛକ,
ବ୍ରହ୍ମପୁର, ମୋ: ୯୯୩୭୪୯୭୫୯୩
ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ଆନ୍ତରିକ ଶୁଭେଚ୍ଛା।

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନ ଦାତା ତଥା ଶେରଗଡ଼ ବ୍ଲକର ଜନସାଧାରଣ ବିଜେଡି ନେତା ଓ କର୍ମୀଙ୍କୁ ଶୁଭେଚ୍ଛା
ଶୁଭେଚ୍ଛା ସହ...
ସନ୍ତୋଷ କୁମାର ପଟ୍ଟନାୟକ
ଶେରଗଡ଼ ବ୍ଲକ ଯୁବ ବିଜେଡି, ସଭାପତି
ଶ୍ରୀମତୀ ସାରସ ସ୍ୱାଇଁ
ବ୍ଲକ, ଅଧ୍ୟକ୍ଷା

ଧରିତ୍ରୀ ସତ୍ୟ ନିର୍ଭୀକ ଖବର ଉପରେ ବିଶ୍ୱାସ କରେ ଆସନ୍ତୁ ଧରିତ୍ରୀକୁ ଭଲ ପାଇବା। ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଖବର ଦାତା, ଏଜେଣ୍ଟ ତଥା ବିଜ୍ଞାପନ ଦାତାଙ୍କୁ ଅଭିନନ୍ଦନ।
ଶୁଭେଚ୍ଛା ସହ....
ଅବନୀ ପ୍ରସାଦ ଦାଶ
ଡାକରଡ଼ା, ଗଞ୍ଜାମ, ଶେରଗଡ଼

ଧରିତ୍ରୀ କାଗଜ ଏକ ନିର୍ଭିକ ଖବର କାଗଜ । ଏହି କାଗଜର ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ସମସ୍ତଙ୍କୁ ଅନେକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।
ନିରଞ୍ଜନ ଜେନା
ସୁନାନ୍ତର, ଶେରଗଡ଼, ଗଞ୍ଜାମ

ଧରିତ୍ରୀର ଜନ୍ମ ବାର୍ଷିକ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ
ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ
F.L. Shop, ଶେରଗଡ଼

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
ଦୀପାବଳି ପାଇଁ ଆଗୁଆ ଅଭିନନ୍ଦନ ଧରିତ୍ରୀର ଜନ୍ମ ବାର୍ଷିକ ଅବସରରେ ଆସନ୍ତୁ ଧରିତ୍ରୀକୁ ଭଲ ପାଇବା ମୁଁ ଜଣେ ଧରିତ୍ରୀର ନିୟମିତ ପାଠକ। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ....
योगक्षेमं वहाम्यहम्
ଜୀବନ ବୀମା କରନ୍ତୁ ନିଜର ଜୀବନକୁ ସୁରକ୍ଷିତ କରାନ୍ତୁ
ଗୌତମ ମହାପାତ୍ର
LIC AGENT, ଶେରଗଡ଼

ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା।
ଶ୍ରୀ ବିଦ୍ୟାଧର ବିଶ୍ୱାଳ
ପରିଚାଳକ, ଓଡ଼ିଶା ୱେର ହାଉସ
ଗୋଦାମ, (ଆସିକା)

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ତଥା ଡାକରଡା ପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛୁ।
ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକ
ସମିତିସଭ୍ୟ, ଡାକରଡା ଗ୍ରାମପଞ୍ଚାୟତ
ଶ୍ରୀ କୃଷ୍ଣଚନ୍ଦ୍ର ନାୟକ
ଭୁଷୁଣ୍ଡା

ଧରିତ୍ରୀ କାଗଜର ଲେଖା ଛପା ନିଆରା। ଆସନ୍ତୁ ଧରିତ୍ରୀକୁ ଭଲ ପାଇବା ଜନ୍ମଦିନ ଅବସରରେ ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ଜୟ ଜଗନ୍ନାଥ
ସଚିନ ପାଢ଼ୀ
ଶେରଗଡ଼

ADITYA MOTORS, SHERGADA
WISHES HAPPY PROSPEROUS BIRTH ANNIVERSARY OF DHARITRI, BHUBANESWAR
Hero No.1 ଗାଡିରେ ନଂ. ୱାନ ହିରୋ କମ୍ପାନୀର ସମସ୍ତ ବାଇକ ନିମନ୍ତେ ଯୋଗାଯୋଗ କରନ୍ତୁ।
ପର୍ଶୁରାମ ସ୍ୱାଇଁ
ଆଦିତ୍ୟ ମୋଟର୍ସ, ଶେରଗଡ଼
ମୋ : 9938123139

ମହାବୀର ଫ୍ଲାଏ ଆଶ ପକ୍ଷରୁ ଧରିତ୍ରୀର ଭୁବନେଶ୍ୱର ସଂସ୍କରଣ ଜନ୍ମ ବାର୍ଷିକ ଅବସରରେ ଅନେକ ଅନେକ ଅଭିନନ୍ଦନ। ଉନ୍ନତମାନର ସିମେଣ୍ଟ ଇଟା, ସୁନ୍ଦର ଚଟାଣ ସହିତ ଘରକରଣା ସରଞ୍ଜାମ ମିଳେ।
MAHAVIR FLY ASH FACTORY
SUNANTAR, SHERGADA, GANJAM
Mobile : 9439121641
ପ୍ରୋ–କୃଷ୍ଣଚନ୍ଦ୍ର ସାହୁ
ସୁନାନ୍ତର, ଶେରଗଡ଼, ଗଞ୍ଜାମ

ହୃଷୀକେଶ ଟିଭିଏସ୍ ଓ ଓମ୍ ହୋଣ୍ଡା ସୋରୁମ ପକ୍ଷରୁ ଅଭିନନ୍ଦନ ଟିଭିଏସ ଓ ହୋଣ୍ଡା କମ୍ପାନୀର ଗାଡି ନିମନ୍ତେ ଯୋଗାଯୋଗ କରନ୍ତୁ
ହୃଷିକେଶ ପାଢୀ
ବାସୁଦେବ ପାଢୀ
ଶେରଗଡ଼

ଧରିତ୍ରୀର ନିୟମିତ ପାଠକ ଅଟେ। ମୁ ଧରିତ୍ରୀକୁ ଭଲପାଏ। ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ ଆନ୍ତରିକ ଅଭିନନ୍ଦନ ।
Er. ଦେବୀ ପ୍ରସାଦ ଦାଶ
ଉପସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଗଞ୍ଜାମ ଜିଲ୍ଲା, ଧବଳେଶ୍ୱର, ଶେରଗଡ଼

ଜନ୍ମ ଦିନର ଶୁଭେଚ୍ଛା
ଓଡ଼ିଶାର ଅଗ୍ରଣୀ ଲୋକପ୍ରିୟ ତଥା ସଂସ୍କାର ଧର୍ମୀ କାଗଜ ହେଉଛି ଧରିତ୍ରୀ। ସମାଜରେ ସଂସ୍କାର ଶିକ୍ଷା ଓ ସଚେତନତା ଆଣିବାରେ ଏକ ପ୍ରମୁଖ ଆୟୁଧ। ମତାମତ ଭିତ୍ତିକ ଯୋଗୁଁ ଜନମାନସରେ ବିଶେଷ ଆଦୃତ ହୋଇଛି ଧରିତ୍ରୀ। ଧରିତ୍ରୀ ଭୁବନେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ମୋର ଆନ୍ତରିକ ଶୁଭେଚ୍ଛା
ଜଣେ ଶୁଭେଚ୍ଛୁ....
ଶେରଗଡ଼ ତହସିଲ, ଶେରଗଡ଼

BIJU PATTNAIK GROUP OF INSTITUTION
SHERGADA WELCOMES YOU
BIJU PATTNAIK JUNIOR COLLEGE, SHERGADA, GANJAM
Good Wishes on the occasion of Birth Anniversary of Dharitri, BBSR Edition. Biju Pattnaik Higher Secondary School, Shergada, Ganjam
ଆମ୍ଭ ଅନୁଷ୍ଠାନର ଯୁକ୍ତ ଦୁଇ କଳା ପାଠ୍ୟକ୍ରମ ଉନ୍ନତ ପ୍ରଣାଳୀ ସହ ଅଭିଜ୍ଞ ଅଧ୍ୟାପକ ଅଧ୍ୟାପିକାଙ୍କ ମାଧ୍ୟମରେ ପଢାଯାଏ।
ଶ୍ରୀ ଗୌରହରି ବିଷୋୟୀ
ଅଧ୍ୟକ୍ଷ, ମୋ -9937082829

ଆସନ୍ତୁ ଧରିତ୍ରୀ ସଭିଏଁ ପଢିବା ସତ୍ୟଖବର ମତାମତ ଭିତ୍ତିକ ଖବର ପଢି ଖୁସି ହେବା ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମଦିନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।
କବିନ୍ଦ୍ର ନାଥ ପଣ୍ଡା
ସମାଜ ସେବୀ, ଶେରଗଡ଼

ଧରିତ୍ରୀର ଲେଖାଛପା ଉଚ୍ଚକୋଟୀର । ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା
E. ଚିନ୍ମୟ ପାତ୍ର
(ସମାଜସେବୀ), ୱାର୍ଡସଭ୍ୟ, ଶେରଗଡ଼

SAVE ENERGY
ଶକ୍ତି ବଞ୍ଚାନ୍ତୁ, ବିଦ୍ୟୁତ୍ ଶକ୍ତି ଅପଚୟ ରୋକନ୍ତୁ ଘରେଘରେ ବିଦ୍ୟୁତ୍ ଶକ୍ତି ପହଁଞ୍ଚିଛି। ଧରିତ୍ରୀର ଭୁବନେଶ୍ୱର ସଂସ୍କରଣ ଜନ୍ମ ବାର୍ଷିକ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ।
ଶୁଭେଚ୍ଛା ସହ.....
K. ଦିଲେଶ୍ୱର ଆଚାରୀ
ସହକାରୀ ଯନ୍ତ୍ରୀ, ଶେରଗଡ଼, ବିଜୁଳି ସେକ୍‌ଶନ୍

ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନ ଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଉଛି।
ଶୁଭେଚ୍ଛା ସହ....
ପ୍ରୋ– ବଳରାମ ସାହୁ
ପଥରଗଡ କ୍ରସର ୟୁନିଟ
ଶେରଗଡ଼

इंडियनऑयल
IndianOil
ହୃଷୀକେଶ କୃଷି ସେବା କେନ୍ଦ୍ର ଓ ପେଟ୍ରୋଲ, ଡିଜେଲ ଫିଲିଙ୍ଗ ଷ୍ଟେସନ ପକ୍ଷରୁ ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ଆନ୍ତରିକ ଶୁଭେଚ୍ଛା ଏଠାରେ ପେଟ୍ରୋଲ, ଡିଜେଲ, ମୋବିଲ୍ ସୁଲଭ ମୂଲ୍ୟରେ ମିଳେ।
ପ୍ରୋ-ଶ୍ରୀଯୁକ୍ତ ସନ୍ତୋଷ କୁମାର ପାଢ଼ୀ
ପେଟ୍ରୋଲ ପମ୍ପ, ଶେରଗଡ଼
ମୋ – 9439152994

ଧରିତ୍ରୀ କାଗଜର ସ୍ୱତନ୍ତ୍ରତା ରହିଛି। ଆସନ୍ତୁ ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମ ବାର୍ଷିକ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା।
ଶରତ ଚନ୍ଦ୍ର ପାତ୍ର
ବିଜେଡି, ସଭାପତି, ଶେରଗଡ଼, ବ୍ଲକ୍

## ସଂକ୍ଷେପରେ

### ନବନିର୍ମାଣ କୃଷକ ସଙ୍ଗଠନର ସମାବେଶ

ବିରିଡି, ୨୪।୧୧ (ଡି.ଏନ.ଏ): ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରୁ ଆରମ୍ଭ ହୋଇଥିବା ଚାଷୀ ସୁରକ୍ଷା ଯାତ୍ରା ରବିବାର ୨ୟ ଦିନରେ ପହଞ୍ଚିଛି। ଏହିକ୍ରମରେ ବିରିଡ଼ି ବ୍ଲକ ଶଙ୍ଖାରାସାହି ଗ୍ରାମରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଛି। ବିଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ବର୍ତ୍ତମାନ ସରକାରଙ୍କ ଅବିଚାର ବିରୋଧରେ ତଳସ୍ତରରେ ସୁରକ୍ଷା ଅଭିଯାନ ହେଉଛି। କୃଷି ପ୍ରଧାନ ଦେଶରେ କୃଷକ କାହିଁକି ଆତ୍ମହତ୍ୟା କରୁଛି ଏ ନେଇ ବୁଦ୍ଧିଜୀବୀ ଚୁପ ରହିବା ଅନୁଚିତ୍। ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ ବକ୍ତବ୍ୟରେ କହିଥିଲେ, ତୃଣମୂଳସ୍ତରରେ ଲୋକମାନେ ନିଜ ଆଡୁ ଏକଜୁଟ୍ ହୋଇ ସଂଗଠନ କଲେ ଶାସକ ଦଳ ଭୟ କରିବେ। ସମାବେଶରେ ଗୁଣନିଧି ସ୍ୱାଇଁ, ନାରାୟଣ ଚନ୍ଦ୍ର ମୁଦୁଲି, ପ୍ରଭାକର ବାରିକ, ଲିଙ୍ଗରାଜ ରାଉତରାୟ, ବିଜୟ ପରିଡା, ନରେନ୍ଦ୍ର ସେଠୀ, ମିତା ଭୋଇ, ତପସ୍ୱିନୀ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

### ଶିଶୁ ଅନନ୍ତ ଆଶ୍ରମରେ ପତିହରା ମାତୃ ସମ୍ମିଳନୀ

ତିର୍ତ୍ତୋଲ,୨୪।୧୧(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ପତିହରା ମାତୃ ସମ୍ମିଳନୀ ପୂଜ୍ୟପୂଜକ ବାବା ବାଳିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ପତିହରା ମହିଳାଙ୍କ ସାମାଜିକ ଓ ସାଂସ୍କୃତିକ ଅଧିକାର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ, ସାମାଜିକ କର୍ମୀ, ରାଜନେତା ପ୍ରମୁଖ ଯୋଗଦେଇ ନିଜ ମତ ପ୍ରକାଶ କରିଥିଲେ। ବାବା ବଳିଆ ତାଙ୍କର ବକ୍ତବ୍ୟରେ ବିଧବା ଆଦୌ ଅଶୁଭ ନୁହେଁ। ମାଆ ହିଁ ମାଆ, ସେ ସର୍ବଦା ମମତା ମୟୀ ଓ ମଙ୍ଗଳମୟୀ ବୋଲି କହିଥିଲେ। ଜଗତ୍ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ, ଶିକ୍ଷାବିତ ବସନ୍ତ ରାଉତ, ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ପ୍ରମୁଖ ଆଲୋଚନାଚକ୍ରରେ ଭାଗନେଇ ସେମାନଙ୍କ ମତ ପୋଷଣ କରିଥିଲେ।

### ବାଳିକା ଶିକ୍ଷା କର୍ମଶାଳା

ଜଗତ୍ସିଂହପୁର ଅଫିସ,୨୪।୧୧: ସ୍ଥାନୀୟ ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତ୍ରିସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଛି। ଏହାକୁ ଅଧାପିକା ଉର୍ମିଳା ମହାରଣା ଉଦ୍ଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରାନ୍ତ ବାଳିକା ଶିକ୍ଷା ସଂଯୋଜକ କ୍ଷେତ୍ରମୋହନ ଦାସ, ପରିଚାଳନା ସମିତି ସଭାପତି ଅଧାପକ ଭଗବାନ ଦାଶ, ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଷଡ଼ଙ୍ଗୀ, କୋଷାଧକ୍ଷ ରମାକାନ୍ତ ସାହୁ ଓ ସଂକୁଳ ପ୍ରମୁଖ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୨ୟ ଅଧିବେଶନରେ ଶିକ୍ଷା ବକାଶ ସମିତିର ପ୍ରାନ୍ତ ଶିଶୁ ବାଟିକା ସଂଯୋଜକ ପ୍ରଦୀପ କୁମାର ମଲ୍ଲିକ ଯୋଗଦେଇ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ବିଭାଗ ପ୍ରମୁଖ ରଶ୍ମିକାନ୍ତ ସାହୁ ଯୋଗ ଦେଇଥିଲେ। ୩ୟ ଅଧିବେଶନରେ ବାଳିକାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଏହାର ନିରାକରଣ ସମ୍ବନ୍ଧରେ ଡ. ସୌଭାଗ୍ୟଲକ୍ଷ୍ମୀ ପଣ୍ଡା ବକ୍ତବ୍ୟ ରଖିଥିଲେ। ଶିଶୁ ବାଟିକା ମାତୃ କର୍ମଶାଳାରେ ସହ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା, ଶିଶୁ ବାଟିକା ପ୍ରମୁଖ ସୌଭାଗ୍ୟ ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ନିଭାଇଥିଲେ।

# ଅଚଳ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ

**ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଭାଙ୍ଗିଗଲାଣି ଡୋର୍ କାଚ
- ଚାଲୁନି ଏସି
- ଝରକାରେ ଲାଗିଛି କାଗଜ ପଟି

ନାଉଗାଁ,୨୪।୧୧(ସ୍ୱ.ପ୍ର.)



ରୋଗୀଙ୍କୁ ବିନାମୂଲ୍ୟରେ ହସ୍ପିଟାଲରେ ପହଞ୍ଚାଇବା ପାଇଁ ସରକାର ୧୦୮ ପରି ଜରୁରି ଆମ୍ବୁଲାନ୍ସ ସେବା ଆରମ୍ଭ କରିଛନ୍ତି। ଏହି ଆମ୍ବୁଲାନ୍ସ ସେବା ନାଉଗାଁ ବ୍ଲକରେ ୨୦୧୫ରୁ କାର୍ଯ୍ୟକାରୀ ହେଉଛି। ହେଲେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ ଏବେ ଅଚଳ ଅବସ୍ଥାରେ ରହିଥିବା କୁହାଯାଉଛି। ଦୀର୍ଘ ଦିନ ଧରି ଆମ୍ବୁଲାନ୍ସ ମରାମତି ହୋଇ ନ ଥିବାବେଳେ ଏହାର ରକ୍ଷଣାବେକ୍ଷଣ ମଧ୍ୟ କରାଯାଉ ନାହିଁ। ଆମ୍ବୁଲାନ୍ସ ଡୋର କାଚ ପଡ଼ିଲାଣି। ତେଣୁ ଝରକାରେ କାଗଜ ପଟି ଲଗାଯାଇଛି। ସେହିପରି ଭିତରେ ଥିବା ସିଟ୍ ମଧ୍ୟ ଭାଙ୍ଗିଯାଇଛି। ଆମ୍ବୁଲାନ୍ସରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ଥିଲେ ବି ତାହା ଅଚଳ ହୋଇପଡ଼ିଛି। ନାମକୁ ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ରିହିଛି। ଗାଁଗହଳିକୁ ଉକ୍ତ ଆମ୍ବୁଲାନ୍ସ ରୋଗୀ ଆଣିବା ପାଇଁ ଗଲେ ବିଭିନ୍ନ ସମୟରେ ଷ୍ଟାର୍ଟ ହେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଆମ୍ବୁଲାନ୍ସକୁ ଅଧିକାଂଶ ସମୟରେ ଠେଲି ଷ୍ଟାଟ କରିବାକୁ ପଡୁଛି। ସାଧାରଣତଃ କୋଣସି ରୋଗୀକୁ ସେବା ଯୋଗାଇ ଦେବା ପାଇଁ ଏହି ଆମ୍ବୁଲାନ୍ସ ଠିକ ସମୟରେ ପହଞ୍ଚି ପାରୁନାହିଁ। ଅନେକ ସମୟରେ ଆମ୍ବୁଲାନ୍ସ ଉପରେ ଲୋକେ ଭରସା ନ କରି ନିଜେ ଗାଡି ଖର୍ଚ୍ଚ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀକୁ ନେଇ ଯାଇଥାନ୍ତି। ବ୍ଲକରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବେଳେ ଅନେକ ଦାରିଦ୍ର୍ୟ ସୀମା ରେଖା ତଳେ ରହିଛନ୍ତି। ଫଳରେ ସେମାନେ ଏହି ଆମ୍ବୁଲାନ୍ସ ଉପରେ ନିର୍ଭର କରିଥାନ୍ତି। ତେଣୁ ଆମ୍ବୁଲାନ୍ସକୁ ଶୀଘ୍ର ମରାମତି କରି ରୋଗୀ ସେବାରେ ଲଗାଇବାକୁ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ସୁନନ୍ଦନ ମହାନ୍ତିଙ୍କୁ ପଚାରିବାରେ ଆମ୍ବୁଲାନ୍ସ ମରାମତି ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖୁବ୍ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଥିଲେ।

## ଜିଲାସ୍ତରୀୟ ନବକୃଷ୍ଣ ଚୌଧୁରୀ ଜୟନ୍ତୀ

**ଜଗତ୍ସିଂହପୁର ଅଫିସ, ୨୪।୧୧:** ଓଡ଼ିଶା ସରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହାକି ଜଗତ୍ସିଂହପୁର ଜିଲା ପାଇଁ ଗୌରବର କଥା। କାରଣ ଚୌଧୁରୀଙ୍କ ଜନ୍ମ ମାଟି ହେଉଛି ଜଗତ୍ସିଂହପୁର। ରାଜନୀତିରେ ରହିଥିଲେ ସୁଦ୍ଧା ତାଙ୍କ ଦେହରେ କଳଙ୍କ ଲାଗିବାକୁ ଦେଇ ନ ଥିଲେ। ଋଷି ପ୍ରତିମ ଏହି ଆଦର୍ଶ ମୁଖ୍ୟମନ୍ତ୍ରୀ ରାଜନେତାଙ୍କ ପାଇଁ ଆଦର୍ଶ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍ଭାବନା ସଭାଗୃହରେ ଚୌଧୁରୀଙ୍କ ଜୟନ୍ତୀ ପାଳନ ଅବସରରେ ଏଭଳି ମତ ପ୍ରକାଶ ପାଇଥିଲା। ଅତିଥି କହିଥିଲେ, ୧୯୧୭ରେ ହୋଇଥିବା ଋଷ ବିପ୍ଲବ ଓ ଶ୍ରମିକ ବିଦ୍ରୋହ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। କୃଷି ଓ କୃଷକର ଉନ୍ନତି ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଗଠନ କରିଥିଲେ। ସେ ଅନୁଗୋଳଠାରେ ପ୍ରତିଷ୍ଠା କରିଥିବା ବାଜୀ ରାଉତ ଛାତ୍ରାବାସକୁ ସେଖ୍ ଅବଦୁଲ୍ଲା, ସର୍ଦ୍ଦାର ପଟେଲଙ୍କ ଭଳି ରାଜନୈତିଜ୍ଞ ଯାଉଥିଲେ। ସେ ପ୍ରଥମେ ଏରସମା-ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ଯାଇଥିଲେ। ଓଡ଼ିଶା ପାଇଁ ତାଙ୍କ ଅବଦାନ ସବୁବେଳେ ସ୍ମରଣୀୟ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍ପି ପ୍ରକାଶ ଆର୍, ଡିଆର୍ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଓ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ପ୍ରମୁଖ କହିଥିଲେ। ଚୌଧୁରୀଙ୍କ ଜୟନ୍ତୀ ନେଇ ହୋଇଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଚୌଧୁରୀଙ୍କ ଜନ୍ମ ଗାଁ ଖେରସଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ ମାଲ୍ୟାର୍ପଣ କରିଥିଲେ। ଚୌଧୁରୀଙ୍କ ଏକ ପୂର୍ଣ୍ଣ ଅବୟମ ମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ଜିଲାପାଳ ଘୋଷଣା କରିଥିଲେ।

## କାଠଯୋଡ଼ି ସାହିତ୍ୟ ସଂସଦର ଶିଶିର ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବିରିଡ଼ି,୨୪।୧୧(ଡି.ଏନ.ଏ.):** ବୈଦ୍ୟୁତିକ ଗଣମାଧ୍ୟମର ଯେତେ ବିକାଶ ହେଲେ ବି ମୁଦ୍ରଣ ଜନିତ ପୁସ୍ତକର ମୃତ୍ୟୁ ସମ୍ଭବ ନୁହେଁ। ଉତ୍ତରପିଢ଼ିର ଦାୟାଦମାନେ ନିଶ୍ଚିତ ଆସିବେ, ପୁସ୍ତକ ପ୍ରକାଶିତ ହେବ ଏବଂ ଏହାର ବହୁଳ ପ୍ରସାର ଘଟିବ ବୋଲି କାଠଯୋଡି ସାହିତ୍ୟ ସଂସଦର ଶିଶିର ଉତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କାଠଯୋଡି ସାହିତ୍ୟ ସଂସଦ ସଭାପତି ଶାନ୍ତ୍ୱନା କୁମାରୀ ମହାନ୍ତିଙ୍କ ସଭାପତିତ୍ୱରେ ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଧାନକୁଦ ପୀଠରେ ରବିବାର ଆୟୋଜିତ ଏହି ଉତ୍ସବରେ ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବରେଣ୍ୟ ବକ୍ତା ବରିଷ୍ଠ ଖବରଦାତା ନୀଳମଣି ସାହୁ, କବି ପୀତାମ୍ବର ମହାପାତ୍ର, କବି ମହିଜା ଦଳବେହେରା, ଡା. ସୁନୀଲ କୁମାର ରାଉତ ପ୍ରମୁଖ ଯୋଗଦେଇ ଆଜିର ଫେସବୁକ ଓ ହ୍ୱାଟସ୍ଅପ୍ ପୁସ୍ତକ ପଠନରେ ଅନ୍ତରାୟ ହେବ ନାହିଁ ବୋଲି କହିଥିଲେ। ଏହି ଅବସରରେ ନଟବର ରାଉତଙ୍କ 'ମୋ ଅନୁଭବରେ ଗୁରୁ ଜ୍ଞାନ', ଶାନ୍ତ୍ୱନା କୁମାରୀ ମହାନ୍ତିଙ୍କ 'କୃଷ୍ଣଚୂଡାର ହସ' ଓ ସୁଦର୍ଶନ ପ୍ରଧାନଙ୍କ 'ପଳାଶର ବହ୍ନି' ଏବଂ 'ଶ୍ରଦ୍ଧାସୁମନ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପିଠାଧିଶ ବାବା ଅରକ୍ଷିତ ଦାସ, ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା, ଶିଶୁ ସାହିତ୍ୟିକ ନିରଞ୍ଜନ ଖଟୁଆ ଓ ସୁରଥ କୁମାର ରାଉତଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ବୈଜୟନ୍ତୀ ବାରିକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଗୀତିକବି ବାମଦେବ ସ୍ୱାଇଁ ଯୋଗ ଦେଇଥିବାବେଳେ କବି କାଦମ୍ବିନୀ ପରିଜା, ସୌମେନ୍ଦ୍ର ମହାପାତ୍ର ଓ ମୈତ୍ରିଭୂଷଣ ଖୁଣ୍ଟିଆ ସଂଯୋଜନା କରିଥିଲେ। ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ, ସଂସଦର ସମ୍ପାଦକ ବାବାଜୀ ଚରଣ ଜେନା ସ୍ୱାଗତ ଭାଷଣ ଓ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ଇଂ. ଶେଷଦେବ ଜେନା ଓ ବିଜୟ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବାଲିଆ,୨୪।୧୧:** ବିରିଡି ବ୍ଲକ୍ ପାଇକରାବାଟିସ୍ଥିତ ମହିମା ଯୁବକ ସଂଘ ଆନୁକୂଲ୍ୟରେ କାର୍ତ୍ତିକେଶ୍ୱର ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ କଳାକେନ୍ଦ୍ର ଅଯୋଧ୍ୟାପୁରର କୁନି କଳା କାରଙ୍କୁ ନେଇ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରତାପ ପାତ୍ର, ବିଶ୍ୱନାଥ ମହାନ୍ତି, ଅଞ୍ଜନ ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ଗଣେଶ ମଲ୍ଲିକ, ଅଶୋକ ମଲ୍ଲିକ, ବିଶ୍ୱଜିତ ରାଉତ, ରଞ୍ଜିତ ବାରିକ, ସତ୍ୟଜିତ ରାଉତ, ଗୋପୀନାଥ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଉଦ୍ଯାପନୀ ଉତ୍ସବରେ ଅତିଥିଭାବେ ଖବରଦାତା ରଞ୍ଜିତ ଖଣ୍ଟୁଆଳ, ମହିମା ଯୁବକ ସଂଘ ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଚିନ୍ମୟ ମହାପାତ୍ର ଯୋଗ ଦେଇଥିଲେ। ପ୍ରଥମେ ଯୁବକ ସଂଘର ସକ୍ରିୟ ସଭ୍ୟ ଦିବଂଗତ ଅକ୍ଷୟ ମହାନ୍ତିଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କୃତୀ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ମଦ ବିରୋଧୀ ବୈଠକରେ ଉତ୍ପାତ ମହଙ୍ଗା ପଡ଼ିଲା

## ଯୁବକଙ୍କୁ ଛେଚି ପୋଲିସ ଜିମା ଦେଲେ ମହିଳା

**ଜଗତ୍ସିଂହପୁର ଅଫିସ, ୨୪।୧୧:** ଜଗତ୍ସିଂହପୁର ଥାନା ସାଁପୁର ପଞ୍ଚାୟତ ଅନ୍ତର୍ଗତ ମଜୁରାଇ ନିକଟରେ ୩ଟି ଗାଁର ମହିଳାମାନେ ରବିବାର ମଦ ବିରୋଧୀ ବୈଠକ କରୁଥିବା ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମଜୁରାଇ ଗାଁର ବିନୋଦ ଦାସ ନାମକ ଯୁବକ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ମଦ ପିଇବେ ବୋଲି କହି ଗାଳିଗୁଲଜ କରିଥିଲେ। ଏପରି କି ଜଣେ ମହିଳାଙ୍କ ତଣ୍ଟିକୁ ଚିପି ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଘଟଣାସ୍ଥଳରେ ଯୁବକଙ୍କ ଆଚରଣରେ କ୍ଷୁବ୍ଧ ହୋଇ ମହିଳାମାନେ ସମ୍ପୃକ୍ତ ଯୁବକଙ୍କୁ ଛେଚିଥିଲେ। ଏଥିସହ ବାନ୍ଧି ପକାଇ ପୋଲିସ ଜିମା ଦେଇଥିଲେ। ପରିନା ବିବି ଓ ଅନ୍ୟ କେତେଜଣଙ୍କ ଅଭିଯୋଗକ୍ରମେ ଜଗତ୍ସିଂହପୁର ପୋଲିସ ମାମଲା ରୁଜୁ କରି ବିନୋଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ସାଁପୁର ପଞ୍ଚାୟତର ମଜୁରାଇ ଓଲମାଟି ନିକଟରେ ସାଁପୁର, ତରଡ଼ାପଡ଼ା ଓ ମଜୁରାଇ ଗାଁର ମହିଳାମାନେ ଏକାଠି ହୋଇ ମଦ ବିରୋଧୀ ଆନ୍ଦୋଳନ ନେଇ ଆଲୋଚନା କରୁଥିଲେ। ମହିଳାଙ୍କ ଯୁକ୍ତି ଥିଲା ସେ ଅଞ୍ଚଳର ବହୁ ସଂଖ୍ୟକ ଲୋକ ମଦ, ବ୍ରାଉନ ସୁଗାର, ଗଞ୍ଜେଇ ଆଦି ସେବନ କରି ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏପରି କି ମହିଳାଙ୍କୁ ନିର୍ଯାତନା ଦେଉଛନ୍ତି। ଯୁବକମାନେ ମଧ୍ୟ ନିଶା କବଳରେ କବଳିତ ହେବାରେ ଲାଗିଛନ୍ତି। ନିଶା ଯୋଗୁ ପରିବାରରେ ସୁଖ ହଜି ଗଲାଣି। ତେଣୁ ମଦ ବିରୋଧୀ ଆନ୍ଦୋଳନ ନ କଲେ ପରିସ୍ଥିତି ଅଧିକ ଜଟିଳ ହେବ। ଏହି ସମୟରେ ହାତରେ ଏକ ମଦ ବୋତଲ ଧରି ଯୁବକଜଣକ ସେଠାରେ ପହଞ୍ଚି ଗାଳିଗୁଲଜ କରିଥିବା ମହିଳା ମାନେ ଅଭିଯୋଗରେ ଦର୍ଶାଇଛନ୍ତି।

# ହଜାରରୁ ଊର୍ଦ୍ଧ୍ୱ ଲୋକ ଦେଖିଲେ ଯୁଦ୍ଧ ଜାହାଜ



ପାରାଦୀପରେ ଲାଗିଥିବା ଯୁଦ୍ଧ ଜାହାଜ ରାଣା।

ପାରାଦୀପ,୨୪।୧୧(ସ୍ୱ.ପ୍ର.)

ପ୍ରତିବର୍ଷ ପରି ଚଳିତବର୍ଷ ରବିବାର ପାରାଦୀପ ବନ୍ଦରରେ ସର୍ବଧାରଣଙ୍କ ପାଇଁ ଲାଗିଛି ଭାରତୀୟ ନୌସେନାର ୨ଟି ଯୁଦ୍ଧ ଜାହାଜ ଆଇଏନ୍ଏସ୍ ଘଡ଼ିଆଳ ଓ ରାଣା। ଏହାକୁ ହଜାରରୁ ଊର୍ଦ୍ଧ୍ୱ ଲୋକ ଦେଖିବାର ସୁଯୋଗ ପାଇଛନ୍ତି। ବନ୍ଦରାଞ୍ଚଳର ଜୟଦେବସଦନଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ଲୋକମାନେ ବନ୍ଦର ଭିତରକୁ ଯାଇ ଜାହାଜରେ ଚଢ଼ିଥିଲେ। ସେମାନଙ୍କୁ ନୌସେନାର ଯବାନମାନେ ଶୃଙ୍ଖଳିତ ଭାବେ ଜାହାଜ ସମ୍ପର୍କରେ ବୁଝାଇଥିଲେ। ବିଶେଷକରି ଛାତ୍ରୀଛାତ୍ର ଓ ଏନ୍ସିସି କ୍ୟାଡରଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ରାଣାର କ୍ୟାପେଟନ୍ ଅତୁଲ ଦେଶୱାଲା ଓ ଘଡ଼ିଆଳର କମାଣ୍ଡର ରୋହିତ କାର୍ଚ୍ଚାକୁ ଗଣମାଧ୍ୟମକୁ ଏ ବିଷୟରେ ସୂଚନା ଦେଇ କହିଛନ୍ତି, ଏହି ଜାହାଜ ୨ଟିକୁ ଓଡ଼ିଶା ନୌସେନା ଅଧିକାରୀ ରିତୁରାଜ ସାହୁ ଶନିବାର ସ୍ୱାଗତ କରିଥିଲେ। ୧୯୭୧ ଡିସେମ୍ବର ୪ରେ ନୌସେନା କରାଚି ସହର ଉପରେ ଆକ୍ରମଣ କରି ବିଜୟ ଲାଭ କରିଥିଲା। ସେହି ଦିନକୁ ନୌସେନା ବିଜୟ ଦିବସ ଭାବେ ପାଳନ କରୁଛି। ତେଣୁ ବଜୟ ଦିବସ ଅବ୍ୟବହିତ ପୂର୍ବରୁ ଏଭଳି ଦେଶର ସବୁ ପୋର୍ଟରେ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ସହ ନୌସେନା ଯୋଡ଼ି ହେଉଛି। ଏହାଦ୍ୱରା ଛାତ୍ରୀଛାତ୍ର ଭବିଷ୍ୟତରେ ନୌସେନାରେ ସାମିଲ ହେବା ପାଇଁ ଆଗ୍ରହ ପ୍ରକାଶ କରିବେ ବୋଲି କୁହାଯାଇଛି। ପୂର୍ବବର୍ଷଗୁଡ଼ିକରେ ଗୋଟିଏ ଦିନ ଜନସାଧାରଣଙ୍କ ଦର୍ଶନ ପାଇଁ ଓ ଅନ୍ୟଦିନ ଡେ ଆର୍ଟସି (ସମୁଦ୍ରରେ ଦିନେ) କାର୍ଯ୍ୟକ୍ରମ କରାଯାଏ। ଚଳିତ ବର୍ଷ ସମୁଦ୍ରରେ ଦିନେ କାର୍ଯ୍ୟକ୍ରମ ହେବନାହିଁ। ସୋମବାର କେବଳ ଦର୍ଶକମାନେ ଜାହାଜ ଦେଖିବାର ସୁଯୋଗ ପାଇବେ।

## କର୍ମଚାରୀ ଅଭାବରୁ ଆଦାୟ ହୋଇପାରୁନି ଋଣ ଟଙ୍କା

ବାଲିକୁଦା,୨୪।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଳାଭର ସେବା ସମବାୟ ସମିତି ପରିଚାଳନା କମିଟି ବୈଠକ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଭାପତି କେଳୁଚରଣ ସାହୁଙ୍କ ଅଧକ୍ଷତାରେ ସମିତିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସମିତି ବାଲିକୁଦା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ଅଧୀନରେ ଥାଇ ଅଳାଭର ପଞ୍ଚାୟତର ୯ ଓ ଥାଇଲୋ ପଞ୍ଚାୟତର ୨ ରାଜସ୍ୱ ଗ୍ରାମର ୧ ହଜାର ଚାଷୀଙ୍କ ଭରସା ସହ ଯୋଡି ହୋଇଥିବାରୁ କର୍ମକର୍ତ୍ତାଙ୍କୁ ପ୍ରଶଂସା କରାଯାଇଥିଲା। ଖରିପ ଋତୁରେ ସମିତି ୧୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିଥାଏ ବୋଲି ସମ୍ପାଦକ ପତିତପାବନ ଶତପଥୀ ସୂଚନା ଦେଇଥିଲେ। ସମିତିର ନିଜସ୍ୱ ଘର ନ ଥିବାରୁ ସରକାର ଯୋଗାଇ ଦେଇଥିବା ଜାଗା ଓ ଅର୍ଥରେ ଖୁବ୍ଶୀଘ୍ର ଗୃହ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଥିଲା। ସମିତିର ୪୦ ଲକ୍ଷ ଋଣ ଟଙ୍କା ପଡି ରହିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ କର୍ମଚାରୀ ଅଭାବରୁ ଏହା ଆଦାୟ କରାଯିବା ସମ୍ଭବ ହୋଇ ପାରୁ ନାହିଁ ବୋଲି ସୂଚନା ଦିଆଯାଇଥିଲା। ସମିତିରେ ପୂର୍ବରୁ କାର୍ଯ୍ୟ କରୁଥିବା ପିଅନ ସତ୍ୟାନନ୍ଦ ଦାସଙ୍କୁ ୪ ବର୍ଷ ତଳୁ ସହସମ୍ପାଦକ ପାଇଁ ରେଗୁଲେସନ କରାଯାଇଥିଲା। ହେଲେ ସେ ଅଦ୍ୟାବଧି ପଦୋନ୍ନତି ନେଇ ପାରି ନ ଥିବାରୁ ରେଗୁଲେସନ ମୁତାବକ ତାଙ୍କୁ ସହକାରୀ ସମ୍ପାଦକ ପଦବୀରେ ନିଯୁକ୍ତି କରାଯିବାକୁ ସଭାପତି ସାହୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଶରତ କାନୁନ୍ଗୋ, ନିତ୍ୟାନନ୍ଦ ଚୌଧୁରୀ, ଉତ୍ତମ ଶତପଥୀ, ସଞ୍ଜୟ ସ୍ୱାଇଁ, କାବୁଲି ସେଠୀ, ପ୍ରତିମା ମହାନ୍ତି, ପଗଳ ଦାସ ଓ ବନିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପିଇଓଙ୍କ ବଦଳିକୁ ନେଇ ଅସନ୍ତୋଷ

**ବାଲିକୁଦା ବ୍ଲକ ସରପଞ୍ଚ ସଂଘ ବୈଠକ**

ବାଲିକୁଦା,୨୪।୧୧(ସ୍ୱ.ପ୍ର.)


ବୈଠକରେ ଯୋଗଦେଇଥିବା ସରପଞ୍ଚ ସଂଘ କର୍ମକର୍ତ୍ତା।

ବାଲିକୁଦା ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ମରିଚିପୁର ପଞ୍ଚାୟତର ମା' ବନ୍ଦରେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତଥା ବରମୁଣ୍ଡଳି ସରପଞ୍ଚ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସରପଞ୍ଚଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ସରପଞ୍ଚମାନଙ୍କ ଅଗୋଚରରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଅନ୍ୟତ୍ରବଦଳି କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ସଂଘ କର୍ମକର୍ତ୍ତା ବିଡିଓଙ୍କୁ ଅଭିଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଆଦି ଭତ୍ତା ପ୍ରଦାନ ପିଇଓଙ୍କ ବଦଳି, ଖାଉଟି ସାମଗ୍ରୀ ବଣ୍ଟନ ଏବଂ ବିଭିନ୍ନ ଛକରେ ଉଜ୍ଜ୍ୱଳ ଆଲୋକ ସେବାର ବ୍ୟବସ୍ଥା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ(ସିଏଫ୍ସି) ଓ ଚତୁର୍ଦ୍ଦଶ ରାଜ୍ୟ ଅର୍ଥ ଆୟୋଗ ଅଂଶ ଅର୍ଥ ବିନିଯୋଗ କରାଯାଇ କୌଣସି ରାସ୍ତା ନିର୍ମାଣ ହୋଇ ପାରିବ ନାହିଁ ବୋଲି ସରକାର ଯେଉଁ ନିୟମ ପ୍ରଣୟନ କରିଛନ୍ତି ତାହାକୁ ନେଇ ସରପଞ୍ଚଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ନିୟମରେ ପରିବର୍ତ୍ତନ ଅଣା ନଗଲେ ପ୍ରଥମତଃ ପଞ୍ଚାୟତର ସମୂହ ସ୍ୱାର୍ଥ ହାନୀ ହେବାର ଆଶଙ୍କା ଥିବାରୁ ସରପଞ୍ଚମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ସମ୍ପାଦକ ରମେଶ ପାଇଟାଳ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଅନୁସୂୟା ସାହୁ ଆୟବ୍ୟୟ ଚିଠା ଉପସ୍ଥାପନ କରିଥିଲେ। ଉପସଭାପତି ସାଧୁ ଚରଣ ସାହୁ ବିଧାୟକ ଓ ମନ୍ତ୍ରୀଙ୍କ ଭଳି ସରପଞ୍ଚମାନଙ୍କୁ ପେନସନ ପ୍ରଦାନ କରାଯିବାକୁ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ କହିଥିଲେ। ମାଛଗାଁ ସରପଞ୍ଚ ପର୍ଶୁରାମ ସେଠୀ, ତିିତିରା ସରପଞ୍ଚ ଅଜୟ ମହାନ୍ତି, ବାହାରଣା ସରପଞ୍ଚ ବନ୍ଦିତା ପଟ୍ଟାୟତ, ଅଡଙ୍ଗା ସରପଞ୍ଚ ଚିନ୍ମୟୀ ସ୍ୱାଇଁ, ଅରିଲୋ ସରପଞ୍ଚ ଜ୍ୟୋସ୍ନାରାଣୀ ବାରିକ, ନାଗପୁର ସରପଞ୍ଚ ନିକୁଞ୍ଜ ବିଶ୍ୱାଳ, ଥାଇଲୋ ସରପଞ୍ଚ ଯତୀନ ପରିଡା, କାଳିଓ ସରପଞ୍ଚ ସସ୍ମିତା ମଲିକ, ଖାଲଗାଁ ସରପଞ୍ଚ ଗୋବିନ୍ଦ ସେଠୀ, ବଡଗାଁ ନାୟବ ସରପଞ୍ଚ ବିଶ୍ୱନାଥ ଦାସ ପ୍ରମୁଖ ଅଂଶଗ୍ରହଣ କରି ସଂଘୀୟ ବ୍ୟବସ୍ଥା ଉପରେ ମତ ପ୍ରଦାନ କରିଥିଲେ। ରାଜକିଶୋର ସାହୁ, ଉମେଶ ସ୍ୱାଇଁ, ମନୋଜ ସ୍ୱାଇଁ, ଦୀପକ ସାମଲ, ଶିବପ୍ରସାଦ ରାଉତ, ନରେଶ ସ୍ୱାଇଁ, ପତିତପାବନ ଦାସ, ଆଶିଷ ସ୍ୱାଇଁ, ଦିଲୀପ ବେହେରା, ମାନସ ମହାନ୍ତି, ଜୟରାମ ସ୍ୱାଇଁ, ଦିଲୀପ ଜେନା, ବାବୁରାମ ବିଶ୍ୱାଳ, ଘନଶ୍ୟାମ ବେହେରା ବଂଶୀଧର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍: ହିନ୍ଦୁସ୍ତାନ ସ୍ପୋର୍ଟିଂ ବିଜୟୀ

ଜଗତ୍ସିଂହପୁର ଅଫିସ, ୨୪।୧୧


ମ୍ୟାଚ୍ରେ ଭାଗ ନେଇଥିବା କ୍ରୀଡ଼ାବିତ୍ ଓ ଅନ୍ୟମାନେ।

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ ଖେଳ ପଡିଆ ପରିସରରେ ରବିବାର ହିନ୍ଦୁସ୍ତାନ ସ୍ପୋର୍ଟିଂ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସେକ୍ରେଟେରିଏଟ୍ କ୍ରିକେଟ୍ ଦଳକୁ ୪୪ ରନ୍ରେ ହରାଇ ହିନ୍ଦୁସ୍ତାନ ସ୍ପୋର୍ଟିଂ ବିଜୟୀ ହୋଇଛି। ହିନ୍ଦୁସ୍ତାନ ସ୍ପୋର୍ଟିଂର ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା ସେକ୍ରେଟେରିଏଟ୍ ଦଳ ଜଗତ୍ସିଂହପୁରରେ ପହଞ୍ଚିଥିଲା। ୨ ଦଳକୁ ଉତ୍ସାହିତ କରିବା ପାଇଁ ଜଗତ୍ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହି ପ୍ରଥମେ ନିଜେ ଖେଳିଥିଲେ। ମ୍ୟାଚ୍ରେ ଓଡ଼ିଶା କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ମଧ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟସ୍ ଜିତି ହିନ୍ଦୁସ୍ତାନ ସ୍ପୋର୍ଟିଂ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୨୦ ଓଭରରେ ପବିତ୍ର ବିଶୋୟୀଙ୍କ ସର୍ବାଧିକ ୬୫ ରନ ସହାୟତାରେ ୧୬୧ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଜବାବରେ ଓଡ଼ିଶା ସେକ୍ରେଟେରିଏଟ୍ କ୍ରିକେଟ୍ ଦଳ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୭ ରନ୍ରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ମୃତି ମିଶ୍ର ସର୍ବାଧିକ ୩୧ ରନ୍ ସଂଗ୍ରହ କରିଥିଲେ। ହିନ୍ଦୁସ୍ତାନ ସ୍ପୋର୍ଟିଂର ସମ୍ପାଦକ ଅରୁଣ ମହାନ୍ତି, ଉପସଭାପତି ଗଗନ ଚନ୍ଦ୍ର ଦାସ ଓ କୋଷାଧକ୍ଷ ବିଦ୍ୟୁଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଇସ୍କନ ମନ୍ଦିର ପରିସରରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

- ମୃତକ ଜଣକ ଗୋବିନ୍ଦ ଭୋଜନାଳୟରେ କାର୍ଯ୍ୟ କରୁଥିଲେ
- ପୋଲିସ କହୁଛି ଆତ୍ମହତ୍ୟା ସନ୍ଦେହ

ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିର ପରିସର ବାଥ୍‌ରୁମ୍‌ରୁ ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି ପୋଲିସ। ମୃତ ବ୍ୟକ୍ତି ଜଣକ ହେଲେ ଗଞ୍ଜାମ ଜିଲା ସେରଗଡ଼ ବାଲିସାହିର ବାବୁ ସାହୁ(୫୦)। ସେ ଇସ୍କନ ମନ୍ଦିରର ଗୋବିନ୍ଦ ଭୋଜନାଳୟରେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୧୩/୧୯) ରୁଜୁ କରି ଘଟଣାର ତଦନ୍ତ କରିଛି।

ସୂଚନା ଅନୁଯାୟୀ, ବାବୁ ନୟାପଲ୍ଲୀ ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟ ମାମୁଙ୍କ ଘରେ ରହି ଇସ୍କନ ମନ୍ଦିର ଭୋଜନାଳୟରେ ବାସନ ମାଜିବାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ କରୁଥିଲେ। ଶନିବାର ଅପରାହ୍ନ ୩ଟାରେ ସେ ମନ୍ଦିରକୁ କାମ କରିବାକୁ ସାଇକେଲରେ ଆସିଥିବା ଜଣେ କର୍ମଚାରୀ ଦେଖିଥିଲେ। କିନ୍ତୁ ତା'ପରେ ତାଙ୍କୁ ଆଉ କେହି ଦେଖିବାକୁ ପାଇ ନ ଥିଲେ। ରବିବାର ସକାଳେ ଜଣେ କର୍ମଚାରୀ ଉକ୍ତ ବାଥ୍‌ରୁମ୍‌କୁ ଯାଇଥିବାବେଳେ ତାଙ୍କର ମୃତଦେହ ଏକ ଗାମୁଛାରେ ବନ୍ଧାହେବା ଅବସ୍ଥାରେ ଛାତ ରଡ୍‌ରେ ଝୁଲୁଥିବା ଦେଖିଥିଲେ। ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ୍ ଓ ଡାକ୍ତରୀ ଟିମ୍ ଯାଞ୍ଚ କରିବା ସହ ଏକାଧିକ ନମୁନା ସଂଗ୍ରହ କରିଥିଲା। ମୃତଦେହର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେ ଯେଉଁ ରଡ୍‌ରେ ଝୁଲୁଥିଲେ ତାହା ଚଟାଣଠାରୁ ମାତ୍ର ୪ ଫୁଟ ଉଚ୍ଚତାରେ ରହିଛି। ପୁଣି ବାବୁଙ୍କ ଗୋଡ଼ ଓ ଆଣ୍ଠୁ ତଳେ ଲାଗିଥିଲା। ଏ ପରିସ୍ଥିତିରେ ତାଙ୍କର ଆତ୍ମହତ୍ୟାକୁ ନେଇ ସନ୍ଦେହ ଘନୀଭୂତ ହେଉଛି।

ଏନେଇ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିରୁ ପୂରା ଆତ୍ମହତ୍ୟା ପରି ଲାଗୁଛି। କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ ପ୍ରକାଶ କରିଛନ୍ତି।

# ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ସେବା ଆଶା ମଉଳିଲା

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ସେବାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଚଳିତ ମାସ ତୃତୀୟ ସପ୍ତାହରେ ବିମାନ ଉଡ଼ାଣ କରିବ ବୋଲି ଯେଉଁ ଆଶା ରହିଥିଲା ତାହା ମଉଳି ଯାଇଛି। ବର୍ତ୍ତମାନ ଏହି ସେବାକୁ ନେଇ କୌଣସି ବି ସୂଚନା ମିଳିପାରୁନି। ସୂଚନାଯୋଗ୍ୟ, ରାଜ୍ୟରେ ଉଡ଼ାନ ଯୋଜନାର ସମୀକ୍ଷାବେଳେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଝାରସୁଗୁଡ଼ାରୁ ବେଙ୍ଗାଲୁରୁକୁ ବିମାନ ଚଳାଚଳ ନେଇ ସୂଚନା ଦେଇଥିଲେ। ସ୍ୱାଇସ୍ ଜେଟ୍ ଏହି ସେବା ଯୋଗାଇବା ପାଇଁ ରାଜି ହୋଇଥିବା ଶୁଣିବା ପରେ ପଶ୍ଚିମ ଓଡ଼ିଶାବାସୀ ଖୁବ୍ ଉତ୍ସାହିତ ହୋଇପଡ଼ିଥିଲେ। କିନ୍ତୁ ଅକ୍ଟୋବରରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ପ୍ରକାଶ ପାଇଥିବା ଶୀତକାଳୀନ ଉଡାଣ ତାଲିକାରେ ଝାରସୁଗୁଡ଼ା-ବେଙ୍ଗାଲୁରୁ ବିମାନ ସେବା ସ୍ଥାନ ପାଇ ନ ଥିଲା। ଏଥିରୁ ଏହିବିମାନ ସେବାକୁନେଇ ଆଶଙ୍କା ପ୍ରକାଶ ପାଇଥିଲା।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
# 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

ମୂଲ୍ୟ: ଟ ୮୦/-

**ଯୋଗାଯୋଗ: ଯାଜପୁର/ନୟାଗଡ଼:** ଅଜୟ ଯାଦବ(୭୬୦୮୯୯୮୬୦୧), **କେନ୍ଦ୍ରାପଡ଼ା:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ଜଗତ୍‌ସିଂହପୁର:** ଦେବରାଜ ସାମଲ(୯୩୩୭୩୫୫୦୫୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨



## ଘୁ.ଉଦୟଗିରି ଲ୍ୟାମ୍ପ ସମବାୟ ସମିତି ଲିଃ., ଘୁ.ଉଦୟଗିରି

ଘୁ.ଉୟଦଗିରି ଲ୍ୟାମ୍ପ ସମବାୟ ସମିତି ଲିଃ ତରଫରୁ ସମସ୍ତ ସଭ୍ୟ ଓ ସଭ୍ୟାଙ୍କ ସମବାୟ ସପ୍ତାହର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି। ଘୁ.ଉଦୟଗିରି ଲ୍ୟାମ୍ପର ସମସ୍ତ ଚାଷୀ ଭାଇମାନଙ୍କ ଉନ୍ନତି ନିମନ୍ତେ ଉନ୍ନତ ମାନର ବିହନ, ସାର ସହିତ କୃଷି ଋଣ ଓ ଆନୁଷଙ୍ଗିକ କୃଷି ଋଣ ପ୍ରଦାନ କରି ଆସୁଅଛି। ତତ୍ ସଙ୍ଗେ ସଙ୍ଗେ କୃଷକମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାରେ ବିଭିନ୍ନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରୁଅଛି। କୃଷକଙ୍କ ଧାନକୁ ସମିତି ମଣ୍ଡି ମାଧ୍ୟମରେ କ୍ରୟ କରୁଅଛି। ସମିତିର ସଭ୍ୟମାନଙ୍କଠାରୁ ସଞ୍ଚୟ ଜମା ରଖୁଅଛି। ଘୁ.ଉଦୟଗିରି ଲ୍ୟାମ୍ପ ଘୁ.ଉଦୟଗିରି ସହରର ୨୨୦ଜଣ ଛୋଟ ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରି ସେମାନଙ୍କ ସହାୟକ ରୂପେ କାର୍ଯ୍ୟ କରି ଆସୁଅଛି।

ପରିଚାଳନା ନିର୍ଦ୍ଦେଶକ
ଲ୍ୟାମ୍ପ ସମବାୟ ସମିତି, ଘୁ.ଉଦୟଗିରି

'ଧରିତ୍ରୀ'ର ୪୬ତମ ଜୟନ୍ତୀ ଅବସରରେ ଏହାର ଖବରଦାତା, ପାଠକ/ପାଠିକା ତଥା ସମସ୍ତ କର୍ମଚାରୀମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଓ ଅଭିନନ୍ଦନ।

## ଉମା ଚରଣ ପଣ୍ଡା
ପ୍ରଧାନଶିକ୍ଷକ, ଦେଉଳା ବିଦ୍ୟାଳୟ
ଗୋସାଣି ବ୍ଲକ୍



ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଜି.ଉଦୟଗିରି ଏନ୍.ଏ.ସି.ର ସମସ୍ତ ଭାଇ ଭଉଣୀ ଓ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

## ଶ୍ରୀ ପି. ସଞ୍ଜୀବ କୁମାର ପାତ୍ର
ପୂର୍ବତନ ଅଧକ୍ଷ, (ଜି.ଉଦୟଗିରି ଏନ୍.ଏ.ସି.), ଜି.ଉଦୟଗିରି

'ଧରିତ୍ରୀ'ର ୪୬ତମ ଜୟନ୍ତୀ ଅବସରରେ ଏହାର ଉତ୍ତରୋତ୍ତର କାମନା କରୁଛି।



## ବି.ଟି.ଆର. ପଟ୍ଟନାୟକ
ପ୍ରଧାନଶିକ୍ଷକ, ଗାରାବନ୍ଧା ହାଇସ୍କୁଲ
ଗୋସାଣୀ ବ୍ଲକ୍

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।



ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ସୁଖ ସମୃଦ୍ଧି କରାନ୍ତୁ। ଏତିକି କାମନା।

## କୁମୁଦ ସାହୁ

## ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର
ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ: "କୃଷି ଏବଂ ମହିଳାଙ୍କ ଉନ୍ନତି"

୧. କୃଷିଋଣ ଟ୫୦,୦୦୦ଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ୧ ପ୍ରତିଶତ ସୁଧ ଦେବାକୁ ହେବ।
୨. କୃଷିଋଣ ଟ୫୦,୦୦୦ଙ୍କାରୁ ତଦୂର୍ଦ୍ଧ୍ୱ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ୨ ପ୍ରତିଶତ ସୁଧ ଦେବାକୁ ହେବ।
୩. ପ୍ରକାଶଥାଉକି ଖରିଫ ଋତୁ ପାଇଁ ଋଣ ପରିଶୋଧର ଧାର୍ଯ୍ୟ ସମୟସୀମା ମାର୍ଚ୍ଚ ତା୨୫ରିଖ ଏବଂ ରବି ଋତୁ ପାଇଁ ଋଣ ପରିଶୋଧର ଧାର୍ଯ୍ୟ ସମୟସୀମା ଜୁନ ତା୩୦ରିଖ ଅଟେ।
୪. ଉପରୋକ୍ତ ଧାର୍ଯ୍ୟ ତାରିଖ ମଧ୍ୟରେ ଚାଷୀ ଋଣଟଙ୍କା ପରିଶୋଧ ନ କଲେ ଖିଲାପି ଋଣ ବାବଦକୁ ଦଣ୍ଡସୁଧ ସହ ବାର୍ଷିକ ଶତକଡ଼ା ଟ୧୩.୭୫ଙ୍କା ହାରରେ ପଇଠ କରିବାକୁ ପଡ଼ିବ।
୫. ମହିଳା କୃଷିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ ପ୍ରଦାନର ସୁବିଧା ଓ ସୁଯୋଗ।
୬. ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି) ଏବଂ (ଜେ.ଏଲ୍.ଜି) ମାଧ୍ୟମରେ ସ୍ୱଳ୍ପ ମିଆଦି କୃଷି ଓ ଆନୁଷଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା।
୭. କୃଷି, ଅଣକୃଷି ଓ ଆନୁଷଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା।
୮. କୃଷକମାନଙ୍କ ପାଇଁ କୃଷି ବୀମା ଯୋଜନାର ପ୍ରଚଳନ।
୯. ବ୍ୟାଙ୍କର ଅମାନତକାରୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର ପ୍ରଚଳନ।
୧୦. ଜିରୋ ବାଲାନ୍ସରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା।
୧୧. ବରିଷ୍ଠନାଗରିକମାନଙ୍କୁ ସେମାନଙ୍କ ଜମା ଅମାନତ ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା।
୧୨. ବ୍ୟାଙ୍କର ପ୍ରତ୍ୟେକ ଶାଖାରେ NEFT/RTGS/IMPS ମାଧ୍ୟମରେ ଟଙ୍କା ଦେଣନେଣର ସୁବିଧା ଉପଲବ୍ଧ।
୧୩. ବ୍ୟାଙ୍କର IFSC Code- UTIB0SKOCBL

"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"



ଶ୍ରୀ ଅନନ୍ତ କୁମାର ସାମଲ, ସମ୍ପାଦକ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



ଡକ୍ଟର ଶ୍ରୀମତୀ ଇନ୍ଦିରା ନନ୍ଦ, ସଭାପତି
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

"ଧରିତ୍ରୀ"ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ "ସମନ୍ୱିତ" ଜି. ଉଦୟଗିରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି।

## Samanwita Gramya Unnayan Samiti
Estd. 1978
G.UDAYAGIRI, DIST.: KANDHAMAL
A DEVELOPMENT ORGANIZATION
Sponsored by SBI & Supported
By Govt. of Odisha & Nabard

## SANJIB HERO
Hero




INFRONT OF RAM-KRISHNA MISSION, PURI
Ph.: 06752 - 255881, Mob.: 8448389695
5 YEAR WARRANTY
Hero WORLD'S NO. 1

एन बी सी सी NBCC
A Navratna CPSE

## NATIONAL BUILDINGS CONSTRUCTION CORPORATION (INDIA) LIMITED PMGSY WORKS, KORAPUT

With best Wishes of DHARITRI Oriya Dailys successful 46th years And Anniversary.

## Mr. D.L. Yadav
Project Manager (Civil)
NBCC PIU-In-Charge
PMGSY, Works Koraput
And Rayagada.

## VYASANAGAR (AUTO.) COLLEGE
Estd.: 1966
(Accredited by NAAC)

IMPARTING P.G. STUDIES IN HISTORY, COMMERCE & POLITICAL SCIENCE

At/P.O.: Jajpur Road, Jajpur, Odisha - 755019
Tel.: 06726-220296, Fax: 06726-220295

Dr. Major Sk. Abu Taher
Principal-cum-Secretary

E-mail: vyasanagarautocollege@gmail.com

www.imperial.edu.in




Setup more than a decade ago, Imperial College was the first private college in Bargarh and its neighbouring districts to offer university affiliated professional undergraduate and postgraduate programs. Imperial College, through its early years, has concentrated on providing the student populace an out-of-the-box alternative to the run of the mill private run colleges. Imperial has emerged as a thought leader among all colleges in Bargarh and its neighbouring districts and its innovations are today emulated by its competition.

- Spread over 9 acres, Vidya Vihar - Imperial's Academic and Residential Campus is located in the immediate outskirts, away from the noise of the busy city. Surrounded by greenery, Vidya Vihar, has the best hostel in the area, while following the latest in construction methods cutting down on its carbon footprint.
- 'Different by Design, Thought and Values', Imperial's value lies in mentoring and developing students beyond academics and sensitizing students' towards their immediate socio-economic and cultural environment.
- Imperial has, in a short span of time, ensured academic excellence and has produced six (6) University Gold Medallists and over thirty seven (37+) University Top 10 Rank holders.
- Imperial is also the first college of its kind in Odisha to enter into an agreement with BARC (Bhabha Atomic Research Centre) for the Akruti Tech Pack Programme

IMPERIAL COLLEGE
facebook.com/imperialbargarh
info@imperial.edu.in

Vidya Vihar, Chadeigaon, Bargarh, Odisha
Engage with us: +91 95835 94835

# ବ୍ଲଡ୍ କ୍ୟାନ୍ସର



'କ୍ୟାନ୍ସର : ନୋ ଆନ୍ସର' ବୋଲି ଅନେକଙ୍କ ମନରେ ଧାରଣା ରହିଛି। ହେଲେ ପ୍ରାରମ୍ଭିକ ସ୍ତରରେ ଏହା ଚିହ୍ନଟ ହୋଇ ଉପଯୁକ୍ତ ଚିକିତ୍ସା କରାଯାଇପାରିଲେ କେତେକ କ୍ଷେତ୍ରରେ କ୍ୟାନ୍ସରରୁଆରୋଗ୍ୟ ମିଳିବାର ଉଦାହରଣ ରହିଛି। ହେଲେ ଏହା ଯଦି ଗୁରୁତର ଅବସ୍ଥାରେ ଚିହ୍ନଟ କରାଯାଏ, ତେବେ ତାହା ଅକାଳ ମୃତ୍ୟୁକୁ ଡାକିଆଣିଥାଏ। ଆଜିକାଲି ବ୍ଲଡ୍ କ୍ୟାନ୍ସର (ରକ୍ତ କର୍କଟ) ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏହାର କାରଣ ସମ୍ପର୍କରେ ଆମେ ନିଶ୍ଚୟ ଅବଗତ ହେବା ଦରକାର। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ପ୍ରଥମେ ଜ୍ୱର ଲାଗି ରହିଥାଏ। ଆନେମିଆ ସମସ୍ୟା ମଧ୍ୟ ଦେଖାଦିଏ। ଅଳ୍ପ କାମ କରିବା ପରେ ହାଲିଆ ଲାଗେ। ଅଧିକାଂଶ ସମୟ ଶରୀରରେ ଦୁର୍ବଳତା ଅନୁଭବ ହୋଇଥାଏ। ଗଳା କିମ୍ବା କାଖ ତଳେ ହାଲୁକା ଦରଜ ଅନୁଭୂତ ହୋଇଥାଏ। ଛାତିରେ ଜ୍ୱଳନ ହୁଏ। ଶରୀରରେ ହାଲକା ଆଘାତ ଲାଗିବା ମାତ୍ରେ ରକ୍ତ କ୍ଷରଣ ହୁଏ। କେବଳ ନାକରୁ ନୁହେଁ ପରସ୍ରା କରିବା ସମୟରେ ରକ୍ତ ପଡ଼ିଥାଏ। ଭୋକ କମ୍ ଲାଗେ। ତା'ସହ ହଠାତ୍ ଓଜନ କମି କମି ଯାଏ। ଏପରି କ୍ୟାନ୍ସରର ଅନ୍ୟ ପ୍ରମୁଖ ଲକ୍ଷଣ ହେଲା, ଶରୀରରେ ଇନ୍‌ଫେକଶନ ଲାଗି ରହିଥାଏ। ଯଦି ଆପଣଙ୍କ ଶରୀରରେ ବାରମ୍ବାର ଇନ୍‌ଫେକଶନ ଲାଗି ରହୁଛି, ତେବେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅସ୍ଥିରେ ଏବଂ ଗଳଗଣ୍ଠିରେ ଦରଜ ଅନୁଭୂତ ହୁଏ। ତେବେ ଏପରି ଲକ୍ଷଣ ଦେଖାଦେବା ମାତ୍ରେ ଅଭିଜ୍ଞ କ୍ୟାନ୍ସର ବିଶେଷଜ୍ଞଙ୍କ ନିକଟକୁ ଯାଇ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



# ଦୃଷ୍ଟିଶକ୍ତି ପ୍ରଖର କରେ ମର୍ନିଂ ୱାକ୍

ଆଜିକାଲି ଅନେକେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରୁଛନ୍ତି। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିଲେ ତାହାର କେତେ ସୁଫଳ ମିଳେ ତାହା ଅନୁଭବୀ ହିଁ ଜାଣେ। ନିୟମିତ ମର୍ନିଂ ୱାକ୍ କରିବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ ବୋଲି ମତ ଦେଇଛନ୍ତି ଚାଇନା ବିଶେଷଜ୍ଞମାନେ। ପ୍ରତିଦିନ ମର୍ନିଂ ୱାକ୍ କରୁଥିବା ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷାକରି ସେମାନେ ଏପରି ମତ ରଖିଛନ୍ତି। ସଦ୍ୟ ପ୍ରକାଶିତ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି ଯେ, ପ୍ରତିଦିନ ମର୍ନିଂ ୱାକ୍ କଲେ ସ୍ନାୟୁଗୁଡ଼ିକ ଆହୁରି ସକ୍ରିୟ ରହିଥାଆନ୍ତି। କେବଳ ସେତିକି ନୁହେଁ, ଏହାଦ୍ୱାରା ଦୃଷ୍ଟି ଶକ୍ତି ମଧ୍ୟ ଆହୁରି ପ୍ରଖର ହୋଇଥାଏ। ତେବେ ଆପଣଙ୍କର ଯଦି ଦୃଷ୍ଟିଶକ୍ତିଜନିତ କିଛି ସମସ୍ୟା ରହିଛି ପ୍ରଥମେ ତାହାର ଚିକିତ୍ସା କରାଇନେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ଅଳ୍ପ ଶୋଇବା ଅସ୍ଥିକୁ ପ୍ରଭାବିତ କରେ

ଆମେ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ବିଶ୍ରାମ ନେବା ଆବଶ୍ୟକ। ନ ହେଲେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ବିଶେଷଭାବରେ ବୟସ ବଢ଼ିବା ସହ ଏଥିପ୍ରତି ଅଧିକ ଦୃଷ୍ଟିଦେବା ଦରକାର। ଯଦି ଜଣେ ବୟସ୍କ ବ୍ୟକ୍ତି ରାତିରେ ଅଳ୍ପ ସମୟ ଶୁଅନ୍ତି, ତେବେ ଏହାଦ୍ୱାରା ତାଙ୍କର ଅସ୍ଥି ଧୀରେ ଧୀରେ ଦୁର୍ବଳ ହୋଇଥାଏ। ରାତିରେ ଅଳ୍ପ ସମୟ ଶୋଉଥିବା କେତେଜଣ ବ୍ୟକ୍ତିଙ୍କର ଅସ୍ଥି କିପରି ରହୁଛି ତାହା ପରୀକ୍ଷାକରି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ତଥ୍ୟ ଜାଣିପାରିଛନ୍ତି। ଏପରି କି ରାତିରେ ଶୋଇବା ପରିମାଣ କମ୍ ହେଲେ ଅସ୍ଥି ଏପରି ଦୁର୍ବଳ ହୋଇଯାଏ ଯେ, ଅଳ୍ପ ଆଘାତରେ ତାହା ଭାଙ୍ଗିଯିବା ଆଶଙ୍କା ରହିଛି। ତେଣୁ ବୟସ୍କ ବ୍ୟକ୍ତି ରାତିରେ ଅତି କମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



# ସ୍ୱାସ୍ଥ୍ୟସେବାର ପରିପ୍ରକାଶ



ଡା. ରାମଚନ୍ଦ୍ର ରାଉତ

'ସ୍ୱାସ୍ଥ୍ୟ ସାଧାରଣତଃ ଶାରୀରିକ, ମାନସିକ ଓ ସାମାଜିକ ସ୍ତରର ସୁସ୍ଥତାକୁ ବୁଝାଇଥାଏ। ଏହା ସହ ମଧ୍ୟ 'ଆଧ୍ୟାତ୍ମିକ' ସ୍ୱାସ୍ଥ୍ୟକୁ ଅଣାଯାଇପାରିବ। ସୁସ୍ଥ ନାଗରିକମାନେ ଦେଶର ମୂଳଧନ ଓ ସମ୍ବଳ। ସେମାନେ କାର୍ଯ୍ୟକ୍ଷମ ହେଲେ ଦେଶର ଆର୍ଥିକ ମାନଦଣ୍ଡ ମଜଭୁତ ହେବ। କୃଷି, ଶିଳ୍ପ, କଳକାରଖାନା ଉତ୍ପାଦନ, କର୍ମସଂସ୍ଥାନର ପ୍ରଗତି ହୋଇପାରିବ।

ଦେହ ଖରାପ ହେଲେ, ଅସୁସ୍ଥ ରହିଲେ, କର୍ମକ୍ଷମ ନ ହେଲେ ବ୍ୟକ୍ତିଗତ ଭାବେ ପୀଡ଼ିତର କ୍ଷତି ହୁଏ। ପରିବାରର ମଧ୍ୟ ଓ ଏହା ସହ ପ୍ରଦେଶ ଓ ଦେଶର। ଏଣୁ ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯିବା ସର୍ବୋତ ଭାବେ ଠିକ୍। 'ଏ ଦେହ ଥିଲେ ସର୍ବ ପାଇ, ଜଳେ ଯେସନେ ଚନ୍ଦ୍ର ଛାଇ' ବୋଲି ଭାଗବତରେ କୁହାଯାଇଛି। ମାତ୍ର ସ୍ୱାସ୍ଥ୍ୟ ଓ ପ୍ରତିକାରର କଥା ସେତେବେଳକୁ ମନକୁ ଆସେ ଯେତେବେଳେ ଆମେ ରୋଗରେ ପଡୁ ଏଥିପାଇଁ କୁହାଯାଇଛି– "Health is remembered when it is lost."

ସ୍ୱାସ୍ଥ୍ୟସେବା ଏକ ସାମାଜିକ ଓ ସାମୂହିକ ପ୍ରଚେଷ୍ଟା। ଏହା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭରକରେ। ସୁସ୍ଥ ରହିବାର ଦାୟିତ୍ୱ ନିଜର, ବ୍ୟକ୍ତିବିଶେଷର। ପରିବାର ମଧ୍ୟ ଏଥିପାଇଁ ଦାୟୀ। ସମାଜ ଓ ପ୍ରାଦେଶିକ, କେନ୍ଦ୍ର ସରକାରଙ୍କ ସହ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି। କିନ୍ତୁ ରାଜ୍ୟର ସ୍ୱାସ୍ଥ୍ୟସେବା ମୁଖ୍ୟତଃ ରାଜ୍ୟ ସରକାରଙ୍କ କାର୍ଯ୍ୟ ଉପରେ ପର୍ଯ୍ୟବସିତ।

ଡାକ୍ତରଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ପରିଚାଳନା, ଡାକ୍ତର, ନର୍ସ ଓ କର୍ମଚାରୀ ନିଯୁକ୍ତି, ଔଷଧ ଯୋଗାଣ, ପରୀକ୍ଷଣର ସୁବିଧା, ଡାକ୍ତରଖାନାକୁ ଜରୁରୀ ରୋଗୀମାନଙ୍କୁ ଆଣିବା, ଚିକିତ୍ସା ସେବା ଯୋଗାଇବା, ଆର୍ଥିକ ସାହାଯ୍ୟ ଦେବା, ଜଟିଳ ରୋଗ ନିମନ୍ତେ ସାହାଯ୍ୟ ଓ ସୁବ୍ୟବସ୍ଥା କରିବା ଇତ୍ୟାଦି ମୁଖ୍ୟ। ଏହା ସହ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଗର୍ଭବତୀମାନଙ୍କର ଆନୁଷ୍ଠାନିକ ପ୍ରସବ ସୁବିଧା, ନିୟମିତ ଯାଞ୍ଚ, ମା' ଓ ଶିଶୁର ସମୟାନୁଯାୟୀ ଟିକାକରଣ, ଆର୍ଥିକ ସହାୟତା ପ୍ରଦାନ ଇତ୍ୟାଦି ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟ ଏସବୁ କ୍ଷେତ୍ରରେ ଦେଶ ତଥା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଆଦର୍ଶ ପାଲଟିଛି। ଆପତ୍‌କାଳୀନ ସଂକ୍ରାମକ ରୋଗ, ବନ୍ୟା, ବାତ୍ୟା ସମୟରେ ସ୍ୱାସ୍ଥ୍ୟସେବା ପରିଚାଳନାରେ ମଧ୍ୟ ଆମ ରାଜ୍ୟ ସଦାସର୍ବଦା ପ୍ରଶଂସାଯୋଗ୍ୟ କାର୍ଯ୍ୟ କରିଛି।

ସରକାରୀ ମେଡିକାଲ କଲେଜ ଓ ସରକାରୀ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅତ୍ୟନ୍ତ ଯୋଗ୍ୟ ଓ ନିଷ୍ଠାବାନ୍ ଡାକ୍ତର କାର୍ଯ୍ୟରତ। ମାତ୍ର ରୋଗୀମାନଙ୍କ ସଂଖ୍ୟା କ୍ରମଶଃ ଆଶାତୀତ ଭାବେ ବୃଦ୍ଧି ପାଉଥିବାରୁ ଓ ଚିକିତ୍ସା ସେବାକୁ ବ୍ୟାପକ କରାଯାଇଥିବାରୁ ସୀମିତ ସଂଖ୍ୟକ ଡାକ୍ତର ଓ କର୍ମଚାରୀମାନଙ୍କୁ ନେଇ ଏତେ ପରିମାଣ କାର୍ଯ୍ୟ କରିବା ଅତ୍ୟନ୍ତ କଠିନ ହୋଇପଡ଼ିଛି। ଚାହିଁଲେ ମଧ୍ୟ ଜଣେ ଡାକ୍ତର ଏକାଦିକ୍ରମେ ୨୪ କିମ୍ବା ୪୮ଘଣ୍ଟା କାମ କରିପାରିବେ ନାହିଁ, ଯାହାକି କେତେକ କ୍ଷେତ୍ରରେ ଦେଖାଦେଉଛି।

ସଂଖ୍ୟାଧିକ ରୋଗୀ ଆଡମିଶନ ହେଉଥିଲେ ମଧ୍ୟ ସମସ୍ତଙ୍କୁ ଶଯ୍ୟା ଯୋଗାଇବା ସମ୍ଭବ ହୋଇପାରୁନାହିଁ। ତେଣୁ ମେଡିକାଲ କଲେଜ ଓ ବଡ଼ ବଡ଼ ଡାକ୍ତରଖାନାରେ ଅଧିକାଂଶ ସମୟ ବାଧ ହୋଇ ରୋଗୀମାନଙ୍କୁ ଚଟାଣରେ ଓ ତଳେ ରଖି ଚିକିତ୍ସା କରାଯାଉଛି, ଯେଉଁଥିପାଇଁ କି ସ୍ୱାସ୍ଥ୍ୟସେବା ସମାଲୋଚନାର ଶରବ୍ୟ ହେଉଛି। ରୋଗ ପ୍ରତିଷେଧକ କ୍ଷେତ୍ରରେ ରାଜ୍ୟ ଯଥେଷ୍ଟ କାର୍ଯ୍ୟ କରିଥିଲେ ମଧ୍ୟ ଚିକିତ୍ସା ସେବା କ୍ଷେତ୍ରରେ ଅନେକ ପଦକ୍ଷେପ ନିଆଯିବା ପରେ ମଧ୍ୟ ଏହାକୁ ଦରକାର ମୁତାବକ ସ୍ତରକୁ ଅଣାଯାଇ ପାରିନାହିଁ।



> "ସ୍ୱାସ୍ଥ୍ୟସେବା ଏକ ସାମାଜିକ ଓ ସାମୂହିକ ପ୍ରଚେଷ୍ଟା। ଏହା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭରକରେ। ସୁସ୍ଥ ରହିବାର ଦାୟିତ୍ୱ ନିଜର, ବ୍ୟକ୍ତିବିଶେଷ। ପରିବାର ମଧ୍ୟ ଏଥିପାଇଁ ଦାୟୀ। ସମାଜ ଓ ପ୍ରାଦେଶିକ, କେନ୍ଦ୍ର ସରକାରଙ୍କ ସହ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି କିନ୍ତୁ ରାଜ୍ୟର ସ୍ୱାସ୍ଥ୍ୟସେବା ମୁଖ୍ୟତଃ ରାଜ୍ୟ ସରକାରଙ୍କ କାର୍ଯ୍ୟ ଉପରେ ପର୍ଯ୍ୟବସିତ।"



ଏଥିପାଇଁ ମୁଖ୍ୟ ପ୍ରତିବନ୍ଧକ ହେଉଛି ମାନବ ସମ୍ବଳ। ରାଜ୍ୟରେ ପ୍ରାୟତଃ ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନା ପାଇଁ ପଦପଦବୀ ଘୋଷଣା ଓ ସ୍ଥିର କରାଯାଇଥିଲେ ମଧ୍ୟ ପାଖାପାଖି ଅଧା ଓ କେତେକ କ୍ଷେତ୍ର ଅର୍ଦ୍ଧାଧିକ ସ୍ଥାନରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପଦବୀ ଖାଲିପଡ଼ିଛି। ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀମାନେ ଥିଲେ ମଧ୍ୟ ସେମାନଙ୍କୁ ସୁଚିନ୍ତିତ ନିଯୁକ୍ତି ମିଳିପାରୁ ନାହିଁ। ତେଣୁ ରାଜ୍ୟସ୍ତରରେ ସ୍ୱାସ୍ଥ୍ୟସେବା ନିଯୁକ୍ତି କମିଶନ ଗଠନକରି ଏହା ମାଧ୍ୟମରେ ପ୍ରତି ୩ ମାସରେ ନିଯୁକ୍ତିର ବ୍ୟବସ୍ଥା କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଗତାନୁଗତିକ ପଦ୍ଧତିରେ ନିଯୁକ୍ତି ଦେବା ସମୟ ସାପେକ୍ଷ ଓ କୋର୍ଟ କଚେରି ହସ୍ତକ୍ଷେପ ଯୋଗୁ ଏହିସବୁ ପଦବୀ ପୂରଣ ହୋଇପାରୁ ନାହିଁ। ହେଲ୍‌ଥ ସର୍ଭିସ ରିକ୍ରୁଟମେଣ୍ଟ କମିଶନ ହେଲେ ଅଧିକାଂଶ ପଦବୀ ଖୁବ୍ କମ୍ ସମୟ ମଧ୍ୟରେ ପୂରଣ ହୋଇପାରିବା ଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆସିପାରନ୍ତା। ସ୍ୱାସ୍ଥ୍ୟସେବା ସମାଜର ଦର୍ପଣ ପରି। ଏହାର ପରିପ୍ରକାଶ ଜନସାଧାରଣଙ୍କ ପରିପ୍ରକାଶ। ଆଗରୁ ରୋଗୀମାନଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ଥିଲା ଓ ଘରୋଇ ଡାକ୍ତରଖାନା ପ୍ରାୟ ନ ଥିଲା। ଆମେ ପଢୁଥିବା ସମୟରେ ଶଯ୍ୟା ନ ଥିଲେ ମଧ୍ୟ ସମସ୍ତ ଗୁରୁତର ରୋଗୀଙ୍କୁ ବାଧ୍ୟତାମୂଳକ ଭାବେ ଆଡମିଶନ କରିବାକୁ ପଡୁଥିଲା, ସେମାନେ ତଳେ ରହି ଚିକିତ୍ସା ହେଉଥିଲେ। ବାହାରେ ଘରୋଇ ଚିକିତ୍ସା କେନ୍ଦ୍ର ନ ଥିବାରୁ ଏପରି କରାଯାଉ ଥିଲା। ଏବେ ସ୍ୱଚ୍ଛଳ ଓ ହାଇଫାଇ ରୋଗୀମାନେ ସରକାରୀ ଚିକିତ୍ସାଳୟ ଅପେକ୍ଷା ଘରୋଇ ଚିକିତ୍ସାଳୟକୁ ଅଧିକ ଯାଉଛନ୍ତି। ସେହିପରି ମଧ୍ୟ ସେମାନେ ନିଜ ପିଲାର ପାଠପଢ଼ା ପାଇଁ ସରକାରୀ ବିଦ୍ୟାଳୟକୁ ପସନ୍ଦ କରୁନାହାନ୍ତି।

ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଶାରୀରିକ ଓ ମାନସିକ ଚାପରେ ଥାଆନ୍ତି। ସେମାନଙ୍କର ବ୍ୟଗ୍ରତା ଥାଏ। ଯେକୌଣସି କଥା କହିଲେ ସେମାନଙ୍କୁ ପ୍ରଭାବିତ କରିଥାଏ। ଏହାବାଦ୍ ଅନେକ ଡାକ୍ତରଖାନାରେ ଅସାମାଜିକ ବ୍ୟକ୍ତି, ଦଲାଲ ଓ ଗଣ୍ଡଗୋଳକାରୀ ବ୍ୟକ୍ତିମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ନ ଥାଏ। ଛୋଟମୋଟ ହେଉ ଓ ଟିକିଏ ବଡ଼ ଗ୍ରାମାଞ୍ଚଳଗୁଡ଼ିକରେ ରୋଗୀ ସହ ଆସିଥିବା ଲୋକମାନେ ରାତିରେ ପ୍ରାୟତଃ ନିଶାସକ୍ତ ଅବସ୍ଥାରେ ଆସି ଥାଆନ୍ତି ଓ ଅଯଥାରେ ଗଣ୍ଡଗୋଳ କରିଥାଆନ୍ତି। ସିସିଟିଭି ଫୁଟେଜରୁ ଏହିପରି ଅନେକ ଘଟଣା ଲୋକଲୋଚନକୁ ଆସୁଛି। କିଛିଦିନ ତଳେ ଜଣେ ଡାକ୍ତରଙ୍କର ଧୈର୍ଯ୍ୟକୁ ପ୍ରଶଂସାକରି ଏକ ଭିଡିଓ ପୋଷ୍ଟିଂ ହୋଇଛି ଯେଉଁଥିରେ କି ଜଣେ ଅସାମାଜିକ ବ୍ୟକ୍ତିର ଗାଳିମନ୍ଦ ଓ ଆକ୍ରମଣକୁ ଅଣଦେଖା କରି ସେ ଅସମୟରେ ଏକାକୀ ଗୁରୁତର ରୋଗୀମାନଙ୍କୁ ଦେଖି ଚାଲିଛନ୍ତି ଓ ସେବା ପ୍ରଦାନ ବନ୍ଦ କରି ନାହାନ୍ତି। ତା'ର ଆକ୍ରମଣ ଓ ଗାଳିଗୁଲଜ ତାଙ୍କୁ ଭୟଭୀତ କରାଇପାରି ନାହିଁ। କୌଣସି ଭୁଲ୍‌ଭଟକା ନ ଥାଇ ରାତିର ନିସ୍ତବ୍ଧ ପ୍ରହରରେ ସେବା ପ୍ରଦାନ କରୁଥିବା ଜଣେ ଦେବପ୍ରତିମ ବ୍ୟକ୍ତିଙ୍କୁ ଏପରି ବ୍ୟବହାର ନିଶ୍ଚିତ ଭାବେ ନିନ୍ଦନୀୟ। କିନ୍ତୁ ଏହା ସମାଜ ପାଇଁ କେବେ ଶୁଭଙ୍କର ନୁହେଁ। ଏହା 'ତୁଳସୀ' ପରି ପବିତ୍ର ଗଛ ଉପରେ ରାଗ ସୁହାଇବା ପରି ପ୍ରତୀୟମାନ ହେଉଛି।



କୌଣସି କାରଣ ନ ଥାଇ ଡାକ୍ତରଖାନାରେ ସମୟ ଅସମୟରେ ଅନୁପ୍ରବେଶ କରି ଗଣ୍ଡଗୋଳ କରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ଏହାର ଦୃଢ଼ ପ୍ରତିକାର ନ କରିଲେ ସ୍ୱାସ୍ଥ୍ୟସେବା ନିଶ୍ଚିତ ଭାବେ ପ୍ରଭାବିତ ହେବ। ଏହାର ସମାଧାନ ହୋଇପାରିବ ଯଦି କାର୍ଯ୍ୟରତ ଡାକ୍ତରଙ୍କ ଉପରେ ଆକ୍ରମଣ ହୁଏ ତା'ହେଲେ ସେ ସେହି ବ୍ୟକ୍ତି/ବ୍ୟକ୍ତିମାନଙ୍କର ଭିଡିଓ ସହିତ ସିଧାସଳଖ କୋର୍ଟରେ କେସ୍ ଦାଏର କରିପାରିବେ ଏବଂ କୋର୍ଟ ଏହାକୁ ଗ୍ରହଣ କରିବେ। ଡାକ୍ତରମାନେ ପ୍ରଥମ ନିଯୁକ୍ତି ସମୟରୁ ପ୍ରଥମ ଶ୍ରେଣୀ ପଦବୀରେ ଯୋଗ ଦେଉଥିବାରୁ ସେମାନଙ୍କୁ ସେହି କ୍ଷମତା ପ୍ରଦାନ କରିବା ଉଚିତ। ସବୁ ସମୟରେ ପୋଲିସ ଠିକ୍ ସମୟରେ ଓ ପ୍ରକୃତ ଗଣ୍ଡଗୋଳ ସମୟରେ ସାହାଯ୍ୟ କରିବା ପାଇଁ ପହଞ୍ଚିପାରି ନ ଥାଏ। ଏପରି ହେଲେ ଗଣ୍ଡଗୋଳ ସୃଷ୍ଟି କରୁଥିବା ଅସାମାଜିକ ତତ୍ତ୍ୱମାନଙ୍କର ନିଶ୍ଚିତ ଭାବେ ଭୟ ରହିବ। ଏହି କ୍ଷମତାକୁ ଡାକ୍ତରମାନେ ଠିକ୍ ସମୟରେ ନିଜର ଓ ଅନ୍ୟ ରୋଗୀ ତଥା ସମ୍ପର୍କୀୟମାନଙ୍କ ସୁରକ୍ଷା ପାଇଁ ଉପଯୋଗ କରିପାରିବେ।

ସାଧାରଣତଃ ଜଣେ ଡାକ୍ତର ଦିନକୁ ୩୦ରୁ ୪୦ ବହିର୍ବିଭାଗ ରୋଗୀ ଓ ୫ରୁ ୧୦ ଅନ୍ତର୍ବିଭାଗ ରୋଗୀ ଦେଖିବା ଓ ଆଡମିଶନ କରିବା କଥା। ମାତ୍ର ଗୋଟିଏ ଗୋଟିଏ ସ୍ଥାନରେ ଜଣେ ଡାକ୍ତରଙ୍କୁ ୩୦୦ ପର୍ଯ୍ୟନ୍ତ ରୋଗୀ ଦେଖିବାକୁ ପଡ଼ିଥାଏ, ଯାହାକି ତାଙ୍କର ଚିକିତ୍ସାର ମାନ ଓ କାର୍ଯ୍ୟ କ୍ଷମତାର ବାହାରେ। ସେପରି କରିବା ଦ୍ୱାରା ସେ ବିରକ୍ତ ଓ ଚିଡ଼ିଚିଡ଼ା ହେବା ସ୍ୱାଭାବିକ। ଏହାଦ୍ୱାରା ଉଭୟ ଡାକ୍ତର ଓ ରୋଗୀ ଦୁଇ ପକ୍ଷର କ୍ଷତି ହୋଇଥାଏ। ତେଣୁ ଡାକ୍ତରମାନଙ୍କର ସେହିପରି ଡ୍ୟୁଟି ଆୱାର ଓ ଅଫ୍ ତଥା ବିଶ୍ରାମ ଦିନ ସ୍ଥିର ହେବା ଉଚିତ। ଏପରି ନ ହେଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷ ଆସିପାରିବ ନାହିଁ। ଅପରେଶନ ଓ ଜରୁରୀ ଚିକିତ୍ସା କ୍ଷେତ୍ରରେ ମଧ୍ୟ ସେହିପରି ଜଣେ ଦିନକୁ କେତୋଟି ଅପରେଶନ କରିବେ ଓ କେତେ ଘଣ୍ଟା ଜରୁରୀ ସେବା ଯୋଗାଇବେ ତାହାର ସୀମା ରହିବା ଦରକାର। ଡାକ୍ତରମାନେ ନିଶ୍ଚିତ ଭାବେ ରୋଗୀମାନଙ୍କୁ ସାହାଯ୍ୟ କରିବେ, ମାତ୍ର ପ୍ରକାରାନ୍ତେ ରୋଗୀ ଓ ସମ୍ପର୍କୀୟମାନେ ଡାକ୍ତରମାନଙ୍କୁ ସହଯୋଗ ସହିତ ବିଶ୍ୱାସକୁ ନେବା ଦରକାର। ରୋଗର ଆରୋଗ୍ୟ ଅନେକ ସମୟରେ ରୋଗୀ ଉପରେ ହିଁ ନିର୍ଭର କରିଥାଏ।

–ଗୋପାଳପୁର, ବାଙ୍କୀ,
କଟକ, ମୋ: ୯୪୩୭୭୪୨୪୯୯

## କେବଳ କଞ୍ଚା ନୁହେଁ, ପାଚିଲା କଦଳୀରେ ମଧ୍ୟ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ଟିପ୍ସ..

- ଫାଇବରର ପ୍ରମୁଖ ଉତ୍ସ ହେଉଛି ପାଚିଲା କଦଳୀ। ଆପଣଙ୍କର ଭୋକଜନିତ ସମସ୍ୟା ରହିଛି କି ? ଯଦି ହଁ, ତେବେ ପାଚିଲା କଦଳୀକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।
- ନିୟମିତ ପାଚିଲା କଦଳୀ ଖାଇଲେ ତାହା ଦାନ୍ତ ଏବଂ ମାଢ଼ିକୁ ମଜଭୂତ କରେ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଛୋଟ ପିଲା ଏହାକୁ ଖାଆନ୍ତି ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶ ହୋଇଥାଏ।
- ଜଣେ ବ୍ୟକ୍ତି ଯଦି ପ୍ରତିଦିନ ପାଚିଲା କଦଳୀ ଖାଆନ୍ତି ତେବେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ।

### ଉପକାରୀ ପାଟିଲା କଦଳୀ



- ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୨-୩ଟି ପାଚିଲା କଦଳୀ ଖାଇଲେ କିଛି କ୍ଷତି ନାହିଁ ବୋଲି ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ପୁଷ୍ଟି ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି।
- ଆମ ଶରୀରରେ ରକ୍ତ ପରିମାଣକୁ ସନ୍ତୁଳିତ ରଖିବାରେ ପାଚିଲା କଦଳୀ ବେଶ୍ ସହାୟକ ହୋଇଥାଏ।
- ରକ୍ତଚାପ ରୋଗୀ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- ପେଟ ଦରଜ କମାଇବାକୁ ପାଚିଲା କଦଳୀ ଖାଇପାରନ୍ତି।

# ଓଜନ କମାଇବାର ସହଜ ଉପାୟ

ଓଜନ କମାଇବାର ଏକ ସହଜ ତଥା ସରଳ ଉପାୟ ରହିଛି। ପୁଣି ଏଥିପାଇଁ ଅଧିକ ପରିଶ୍ରମ ମଧ୍ୟ କରିବାକୁ ପଡ଼ିବ ନାହିଁ। ବାସ୍, ପ୍ରତିଦିନ ଗୋଟିଏ କାମ ହିଁ କରିବାକୁ ପଡ଼ିବ। ତାହା କ'ଣ ଜାଣନ୍ତି ? ତଳେ ବସି ଖାଇବା। ଅର୍ଥାତ୍, ମେଦବହୁଳ ବ୍ୟକ୍ତି ଯଦି ପ୍ରତିଦିନ ତଳେ ବସି ଖାଆନ୍ତି ତେବେ ସେ ଏପରି ସମସ୍ୟାରୁ ଅନେକାଂଶରେ ଉପଶମ ଲାଭ କରନ୍ତି। ସିଡ୍‌ନୀ ୟୁନିଭର୍ସିଟିର ପୁଷ୍ଟି ବିଜ୍ଞାନୀମାନେ ଏଭଳି ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ଓଜନକୁ କିପରି ସରଳ ଉପାୟରେ କମାଯାଇପାରିବ ସେ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କୁ ପ୍ରତିଦିନ ତଳେ ବସି ଖାଇବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ଓଜନ ବୃଦ୍ଧିରେ ପରିବର୍ତ୍ତନ ହେଉଛି କି ନାହିଁ ତାହାକୁ ଲକ୍ଷ୍ୟ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକଙ୍କ ଓଜନ କମୁଥିବା ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ସ୍ୱାସ୍ଥ୍ୟ ସୂଚନା

- ନିଜକୁ ନୀରୋଗ ରଖିବାର ଏକ ସରଳ ଉପାୟ ରହିଛି। ତା' ହେଲା ଯୋଗ। ପ୍ରତିଦିନ ସକାଳେ କିଛି ସମୟ ଯୋଗ କରନ୍ତୁ। ଏହାଦ୍ୱାରା ମନରେ ଶାନ୍ତି ଆସିଥାଏ।
- ସକାଳୁ ବିଛଣାରୁ ଉଠିବା ସମୟରେ କିଛି ସମୟ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରାତିତମାମ ପ୍ରାୟ ଶୁପ୍ତ ଥିବା ସ୍ନାୟୁଗୁଡ଼ିକ ପୁଣି ସକ୍ରିୟ ହୋଇଥାଆନ୍ତି। ତା' ସହ ରକ୍ତ ସଞ୍ଚାଳନ ମଧ୍ୟ ପୁଣି ସକ୍ରିୟ ହୋଇଥାଏ।
- ଖାଇବାର ଠିକ୍ ପୂର୍ବରୁ ପାଣି ପିଅନ୍ତୁ ନାହିଁ। କାରଣ ଏହା ହଜମ ପ୍ରକ୍ରିୟାକୁ ସକ୍ରିୟ କରିଥାଏ।
- ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ପ୍ରଥମେ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଫାଷ୍ଟଫୁଡ୍, ଅଧିକ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।
- ରାତ୍ରଭୋଜନ ଏବଂ ଶୋଇବା ଭିତରେ ଅତିକମ୍‌ରେ ଦୁଇଘଣ୍ଟାର ବ୍ୟବଧାନ ରହିବା ଭଲ। ରାତିରେ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ଖାଇବା ପରେ ସାଙ୍ଗେ ସାଙ୍ଗେ ଶୋଇଲେ ତାହା ଗ୍ୟାଷ୍ଟ୍ରିକ୍ ସମସ୍ୟା ବଢ଼ାଇ ଦେଇଥାଏ।





“ ଯେଉଁଭଳି ଭାବେ ଆମ ଦ୍ରୁତ ବୋଲର ବୋଲିଂ କରୁଛନ୍ତି ସେମାନେ ଯେକୌଣସି ପରିବେଶରେ ଉଇକେଟ୍ ନେଇପାରିବେ।
– ବିରାଟ କୋହଲି, ଭାରତୀୟ କ୍ରିକେଟ୍ ଅଧିନାୟକ



“ ନୂଆ ପିଙ୍କ୍ ବଲ୍ ବହୁତ ସୁଇଂ ହେଉଥିବାରୁ ଏହା ଆମ ପାଇଁ ନିଶ୍ଚିତ ଭାବେ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଶେଷ ଦୁଇଟି ଟେଷ୍ଟରୁ ଆମକୁ କିଛି ଶିଖିବାକୁ ମିଳିଲା। – ମୋମିନୁଲ ହକ୍, ବାଂଲାଦେଶ ଅଧିନାୟକ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଲଞ୍ଚ୍ କଲେ ଫିଟ୍ ଇଣ୍ଡିଆ ସ୍କୁଲ ଗ୍ରେଡିଙ୍ଗ୍ ସିଷ୍ଟମ

ନୂଆଦିଲ୍ଲୀ,୨୪।୧୧(ପି.ଟି.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ବ୍ୟାପୀ ଫିଟ୍ ଇଣ୍ଡିଆ ସ୍କୁଲ୍ ଗ୍ରେଡିଙ୍ଗ୍ ସିଷ୍ଟମ ଆରମ୍ଭ କରିଛନ୍ତି। ଫିଟ୍ ଇଣ୍ଡିଆ ର୍ୟାଙ୍କିଙ୍ଗ୍‌କୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟର ର୍ୟାଙ୍କିଙ୍ଗ୍ ହେଉଛି ଫିଟ୍ ଇଣ୍ଡିଆ ସ୍କୁଲ୍ସ। ଏହା ପରେ ଫିଟ୍ ଇଣ୍ଡିଆ ସ୍କୁଲ୍ସ (୩ ଷ୍ଟାର) ଓ ଫିଟ୍ ଇଣ୍ଡିଆ ସ୍କୁଲ୍ସ (୫ ଷ୍ଟାର)। ସ୍କୁଲଗୁଡିକର ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଫିଟ୍‌ନେସକୁ ନେଇ କାର୍ଯ୍ୟକଳାପ ବା ମାନଙ୍କୁ ଦୃଷ୍ଟିରେ ରଖି ର୍ୟାଙ୍କିଙ୍ଗ୍ ପ୍ରଦାନ କରାଯିବ। ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ ‘ମନ୍ କି ବାତ୍’ରେ ପ୍ରଧାନମନ୍ତ୍ରୀ ଏ ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ। ଏହି ର୍ୟାଙ୍କିଙ୍ଗ୍‌ରେ ସାମିଲ ହୋଇଥିବା ସ୍କୁଲଗୁଡିକ ଫିଟ୍ ଇଣ୍ଡିଆ ଲୋଗୋ ଓ ପତାକା ବ୍ୟବହାର କରିପାରିବେ। ଫିଟ୍ ଇଣ୍ଡିଆ ପୋର୍ଟାଲକୁ ଯାଇ ସ୍କୁଲ୍‌ଗୁଡିକ ନିଜକୁ ଫିଟ୍ ଘୋଷଣା କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଫିଟ୍ ଇଣ୍ଡିଆ ୩ ଷ୍ଟାର ଓ ଫିଟ୍ ଇଣ୍ଡିଆ ୫ ଷ୍ଟାର ରେଟିଂ ମଧ ପ୍ରଦାନ କରାଯିବ। ଦେଶର ସବୁ ସ୍କୁଲ ଏଥିରେ ସାମିଲ ହେବା ଉଚିତ। ଏପରି ହେଲେ ଏହା ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ପିବିଏଲରୁ ଓହରିଲେ ସାଇନା



ନୂଆଦିଲ୍ଲୀ,୨୪।୧୧: ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ)ର ୫ମ ସଂସ୍କରଣରେ ଖେଳିବେ ନାହିଁ ଭାରତୀୟ ଷ୍ଟାର ଶଟଲର ସାଇନା ନେହ୍ୱାଲ। ଏ ନେଇ ସେ ରବିବାର ଟୁଇଟ୍ ଜରିଆରେ ସୂଚନା ଦେଇଛନ୍ତି। ଚଳିତବର୍ଷ ପେଟ ଓ ଆହତ ସମସ୍ୟା ଯୋଗୁ ମୁଁ ଭଲ ପ୍ରଦର୍ଶନ କରିପାରିନାହିଁ। ମୁଁ ଏବେ ଗେମ୍‌ଠାରୁ ଦୂରେଇ ରହିବାକୁ ଚାହୁଁଛି। ମୁଁ ପିବିଏଲ ୫ରେ ଅଂଶଗ୍ରହଣ କରିପାରିବି ନାହିଁ। ପିବିଏଲ ସମୟରେ ମୁଁ ପ୍ରସ୍ତୁତ ହେବି। ଏଥିନେଇ ମୁଁ ପ୍ରଶଂସକଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି। ଆଶା କରୁଛି ପରବର୍ତ୍ତୀ ସିଜନରେ ଖେଳିବି ବୋଲି ସାଇନା ଟୁଇଟ୍ କରିଛନ୍ତି। ୨୯ ବର୍ଷୀୟା ଶଟଲର ଅନ୍ତିମ ଥର ହଂକଂ ଓପନରେ ଖେଳିଥିଲେ। ବିଶ୍ୱର ୯ମ ର୍ୟାଙ୍କଧାରୀ ସାଇନା ଚଳିତ ବର୍ଷ ୫ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

# ଭାରତର ରେକର୍ଡ ଘରୋଇ ସିରିଜ ବିଜୟ



ସିରିଜ ବିଜୟ ପରେ ଟ୍ରଫି ସହ ଭାରତୀୟ କ୍ରିକେଟ୍ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

## ପିଙ୍କ୍ ବଲ୍ ଟେଷ୍ଟ

- ଇଶାନ୍ତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ସିରିଜ
- ୨-୦ରେ ସିରିଜ ହାରିଲା ବାଂଲାଦେଶ

କୋଲକାତା,୨୪।୧୧(ପି.ଟି.)

ତୃତୀୟ ଦିବସରେ ଆଉ ମାତ୍ର ୪୭ ମିନିଟ୍‌ରେ ଭାରତ ଔପଚାରିକତା ପୂରଣ କରିଥିଲା। ପିଙ୍କ୍ ବଲ୍‌ରେ ଐତିହାସିକ ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ଦିବାରାତ୍ର ଭିତ୍ତିକ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବାକିଥିବା ୪ ଉଇକେଟ ଅକ୍ତିଆର କରି ଭାରତ ରବିବାର ବାଂଲାଦେଶକୁ ଏକ ଇନିଂସ ୪୬ ରନରେ ପରାସ୍ତ କରିଛି। ଏଥିସହିତ ଭାରତ ଘରୋଇ ମାଟିରେ କ୍ରମାଗତ ଦ୍ୱାଦଶ ସିରିଜ ବିଜୟ ହାସଲ କରି ରେକର୍ଡ କରିଛି। ଦ୍ୱିତୀୟ ଥର ପାଇଁ ଏହି ସିରିଜରେ ଭାରତ ୩ ଦିନ ମଧ୍ୟରେ ଇନିଂସ ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳି ବିଜୟୀ ହୋଇଛି। ଏଥିସହିତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୨-୦ରେ ସିରିଜ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ଇନିଂସରେ ୫ ଓ ଦ୍ୱିତୀୟ ଇନିଂସରେ ୪ ଉଇକେଟ ହାସଲ କରି ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦୁଇଟି ଯାକ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ସେ ପ୍ଲେୟାର ଅଫ ଦି ସିରିଜ ମଧ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଭାରତ ୬୦ ପଏଣ୍ଟ ହାସଲ କରିଛି। ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ୭ଟି ମ୍ୟାଚ୍ ଖେଳି ମୋଟ ୩୬୦ ପଏଣ୍ଟ ହାସଲ କରି ତା’ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି।

ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୩୦.୩ ଓଭରରେ ୧୦୬ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରି ୮୯.୪ ଓଭରରେ ୯ ଉଇକେଟ ହରାଇ ୩୪୭ରନରେ ଇନିଂସ ଘୋଷଣା କରି ୨୪୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ୪୧.୧ ଓଭରରେ ୧୯୫ ରନ କରି ଆଉଟ ହେବା ସହ ଇନିଂସ ପରାଜୟ ବରଣ କରିଛି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୫୨/୬ରୁ ଖେଳ ଆରମ୍ଭ କରି ବାଂଲାଦେଶ ୪୬ ମିନିଟରେ ବାକି ୪ ଉଇକେଟ ହରାଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୫୯ ରନରୁ ଖେଳ ଆରମ୍ଭ କରି ୭୪ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳି ଉମେଶ ଯାଦବଙ୍କ ବଲ୍‌ରେ କଭରରେ ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ଇବାଦତ୍ ହୋସେନ ଖାତାଖୋଲିବା ପୂର୍ବରୁ ଉମେଶଙ୍କ ବଲ୍‌ରେ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଶେଷ ଉଇକେଟ ଭାବେ ଅଲ ଅମିନ ହୋସେନ ୨୧ ରନ କରି ଉମେଶଙ୍କ ବଲ୍ ଉଇକେଟକିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଆବୁ ଜାଏଦ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଉମେଶ ସର୍ବାଧିକ ୫, ଇଶାନ୍ତ ୪ ଉଇକେଟ ଅକ୍ତିଆର କରିଥିଲେ। ଶନିବାର ମହମୁଦୁଲ୍ଲା ୩୯ ରିଟାୟାର୍ଡ ହର୍ଟ ହୋଇଥିଲେ ଓ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏସ୍‌ଜି ପିଙ୍କ୍ ବଲ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ କୋହଲି ୧୩୬ ରନର ଶତକୀୟ ପାଳି ଖେଳି କ୍ୟାରିୟରର ୨୭ତମ ଟେଷ୍ଟ ଶତକ ହାସଲ କରିଥିଲେ ଓ ମୋଟ ଉପରେ ୭୦ତମ ଅନ୍ତର୍ଜାତୀୟ ଶତକ ଅର୍ଜନ କରିଥିଲେ। ବଲ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ଏହା ପୂର୍ବରୁ ଆଫଗାନିସ୍ତାନକୁ ହରାଇ ଦ୍ରୁତତମ ବିଜୟ ହାସଲ କରିଥିଲା। ଭାରତ ୧୦୨୮ଟି ବଲ୍‌ରେ ଆଫଗାନିସ୍ତାନକୁ ଏକ ଇନିଂସ ଓ ୨୬୨ ରନରେ ହରାଇଥିଲା। ଉଭୟ ଘରୋଇ ଓ ବିଦେଶୀ ପରିବେଶ୍‌ରେ ଭାରତ ପାଇଁ ଏହା କ୍ରମାଗତ ସପ୍ତମ ଟେଷ୍ଟ ବିଜୟ ସାବ୍ୟସ୍ତ ହୋଇଛି। ପୂର୍ବରୁ ଅନୁଷ୍ଠିତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ଭାରତ ୨-୧ରେ ବିଜୟ ହାସଲ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ- ୩୦.୩ ଓଭରରେ ୧୦୬ ଅଲଆଉଟ। ଭାରତ ପ୍ରଥମ ଇନିଂସ- ୮୯.୪ ଓଭରରେ ୩୪୭/୯(ଇନିଂସ ଘୋଷଣା)। ବାଂଲାଦେଶ ଦ୍ୱିତୀୟ ଇନିଂସ- ୪୧.୧ ଓଭରରେ ୧୯୫ (ମୁସ୍‌ଫିକର- ୭୪, ମହମୁଦୁଲ୍ଲା- ୩୯, ଅଲ- ଅମିନ ହୋସେନ- ୨୧, ଉମେଶ- ୫/୫୩, ଇଶାନ୍ତ- ୪/୫୬)।

| ପ୍ରଥମ ଦଳ ଭାବେ ଭାରତ କ୍ରମାଗତ ଚତୁର୍ଥ ଇନିଂସ ବିଜୟ | | |
|---|---|---|
| ବନାମ ଦକ୍ଷିଣ ଆଫ୍ରିକା | ଏକ ଇନିଂସ ଓ ୧୩୭ ରନରେ ବିଜୟୀ | ପୁଣେ |
| ବନାମ ଦକ୍ଷିଣ ଆଫ୍ରିକା | ଏକ ଇନିଂସ ଓ ୨୦୨ ରନରେ ବିଜୟୀ | ରାଞ୍ଚି |
| ବନାମ ବାଂଲାଦେଶ | ଏକ ଇନିଂସ ଓ ୧୩୦ ରନରେ ବିଜୟୀ | ଇନ୍ଦୋର |
| ବନାମ ବାଂଲାଦେଶ | ଏକ ଇନିଂସ ଓ ୪୬ ରନରେ ବିଜୟୀ | କୋଲକାତା |

| ଟେଷ୍ଟରେ ଭାରତୀୟ ଦ୍ରୁତ ବୋଲରଙ୍କ ସର୍ବାଧିକ ଉଇକେଟ ହାସଲ | | |
|---|---|---|
| ୨୦ ବନାମ ଦକ୍ଷିଣ ଆଫ୍ରିକା | ଜୋହାନ୍ସବର୍ଗ | ୨୦୧୭/୧୮ |
| ୧୯ ବନାମ ଇଂଲଣ୍ଡ | ଟ୍ରେଣ୍ଟବ୍ରିଜ୍ | ୨୦୧୮ |
| ୧୯ ବନାମ କୋଲକାତା | କୋଲକାତା | ୨୦୧୯/୨୦ |

| ସର୍ବାଧିକ ଟେଷ୍ଟ ଜିତିଥିବା ଅଧିନାୟକ | |
|---|---|
| ୫୩ | ଗ୍ରେମ ସ୍ମିଥ୍ |
| ୪୮ | ରିକି ପଣ୍ଟିଂ |
| ୪୧ | ଷ୍ଟିଭ୍ ୱ |
| ୩୬ | କ୍ଲାଇଭ ଲଏଡ୍ |
| ୩୩ | ବିରାଟ୍ କୋହଲି |
| ୩୨ | ଆଲାନ ବର୍ଡର |

### ଧୋନୀଙ୍କ ରେକର୍ଡ ଭାଙ୍ଗିଲେ କୋହଲି

ପ୍ରଥମ ଭାରତୀୟ ଅଧିନାୟକ ଭାବେ ବିରାଟ କୋହଲି ରବିବାର କ୍ରମାଗତ ୭ ଟେଷ୍ଟ ଜିତି ରେକର୍ଡ କରିଛନ୍ତି। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଦିବାରାତ୍ର ଟେଷ୍ଟକୁ ଭାରତ ଏକ ଇନିଂସ ଓ ୪୬ ରନ୍‌ରେ ଜିତି ନେଇଛି। ଏହା କୋହଲିଙ୍କ ନେତୃତ୍ୱରେ ଟିମ୍ ଇଇଣ୍ଡିଆର କ୍ରମାଗତ ୭ ଟେଷ୍ଟ ବିଜୟ। ଏଥିସହ କୋହଲି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ୨୦୧୩ରେ ଧୋନୀଙ୍କ ନେତୃତ୍ୱରେ ଭାରତ ଲମ୍ବା ଫର୍ମାଟରେ କ୍ରମାଗତ ୬ ମ୍ୟାଚ୍ ଜିତିଥିଲା। ଏତଦ୍ ବ୍ୟତୀତ ପିଙ୍କ ବଲ ଟେଷ୍ଟ ବିଜୟ ଭାରତ ପାଇଁ ଏକ ସ୍ୱତନ୍ତ୍ର ରେକର୍ଡ ହୋଇଛି। ଟିମ୍ ଇଣ୍ଡିଆ କ୍ରମାଗତ ୪ ମ୍ୟାଚ୍‌କୁ ଇନିଂସ ବ୍ୟବଧାନରେ ଜିତି ରେକର୍ଡ କରିଛି। ପ୍ରଥମ ଦଳ ଭାବେ ଏପରି କରିପାରିଛି। ଦିବାରାତ୍ର ଟେଷ୍ଟରେ ଭାରତୀୟ ସ୍ପିନରମାନେ ଗୋଟିଏ ହେଲେ ଉଇକେଟ ନେଇପାରି ନ ଥିଲେ। ଏହା ବିଶ୍ୱ କ୍ରିକେଟରେ ଦ୍ୱିତୀୟ ଘଟଣା। ପ୍ରଥମ ଥର ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ଘଟିଥିଲା।

| ଘରୋଇ ଟେଷ୍ଟରେ ଭାରତୀୟ ଦ୍ରୁତ ବୋଲରଙ୍କ ସର୍ବାଧିକ ଉଇକେଟ ହାସଲ | |
|---|---|
| ୧୯ ବନାମ ବାଂଲାଦେଶ | କୋଲକାତା(୨୦୧୯/୨୦) |
| ୧୭ ବନାମ ଶ୍ରୀଲଙ୍କା | କୋଲକାତା(୨୦୧୭/୧୮) |
| ୧୬ ବନାମ ଇଂଲଣ୍ଡ | ଚେନ୍ନାଇ(୧୯୩୩/୩୪) |
| ୧୬ ବନାମ ପାକିସ୍ତାନ | ଦିଲ୍ଲୀ(୧୯୭୯/୮୦) |
| ୧୬ ବନାମ ପାକିସ୍ତାନ | କୋଲକାତା(୧୯୯୮/୯୯) |

# ଅଷ୍ଟ୍ରେଲିଆର ଇନିଂସ ବିଜୟ

ବ୍ରିସବେନ୍,୨୪।୧୧(ଏଏଫ୍‌ପି)

ସ୍ଥାନୀୟ ଗାବା ଷ୍ଟାଡିୟମରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫ ରନରେ ବିଜୟ ହାସଲ କରିଛି। ମିଡଲଅର୍ଡର ବ୍ୟାଟ୍ସମ୍ୟାନ ବାବର ଆଜମ ୧୦୪ ରନର ଲଢୁଆ ଶତକୀୟ ପାଳି ଖେଳି ପାକିସ୍ତାନ ପରାଜୟକୁ ବିଳମ୍ବିତ କରିଥିଲେ ମଧ ଅଷ୍ଟ୍ରେଲିଆକୁ ଇନିଂସ ବିଜୟରୁ ରୋକିପାରି ନ ଥିଲେ। ଏଥିସହିତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ୧୮୫ ରନର ବୃହତ୍ ଶତକୀୟ ପାଳି ଖେଳିଥିବା ଅଷ୍ଟ୍ରେଲିଆ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ୮୬.୨ ଓଭରରେ ୨୪୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ୧୫୭.୪ ଓଭରରେ ୫୮୦ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୩୪୦ ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ପାକିସ୍ତାନ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ପଞ୍ଚମ ଦିବସରେ ୮୪.୨ ଓଭରରେ ୩୩୫ ରନ କରି ଆଆଉଟ ହେବା ସହ ୫ ରନ ପାଇଁ ଇନିଂସ ପରାଜୟ ବରଣ କରିଛି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୬୪/୩ରୁ ପାକିସ୍ତାନ ଖେଳ ଆରମ୍ଭ କରିଥିଲା ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ବାବର ଆଜମ ୨୦ରୁ ଖେଳ ଆରମ୍ଭ କରି ୧୦୪ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଏଥିସହିତ ସେ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ ଅର୍ଜନ କରିଥିଲେ। ସେହିପରି ଶାନ ମାସୁଦ ୨୭ ରନରୁ ଖେଳ ଆରମ୍ଭ କରି ୪୨ ରନ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ

## ଆଜମଙ୍କ ଶତକ ବେକାର

ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୯୫ ରନର ପାଳି ଖେଳି ଆଉଟ ହେବା ସହ ମାତ୍ର ୫ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସେହିପରି ଲେଗ୍ ସ୍ପିନର ୟାସିରି ଶାହା ୪୨ ଓ ଶାହିନ ଶାହା ଆଫ୍ରିଦି ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଷଷ୍ଠ ଉଇକେଟରେ ଆଜମ ଓ ରିଜୱାନ ୧୩୨ ରନର ଭାଗୀଦାରି ସ୍ଥାପନ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଜୋଶ ହାଜେଲଉଡ ସର୍ବାଧିକ ୪, ମିଚେଲ ଷ୍ଟାର୍କ ୩, ପ୍ୟାଟ୍ କୁମିନ୍ସ ୨ ଓ ନାଥନ ଲିୟନ ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ- ୮୬.୨ ଓଭରରେ ୨୪୦ ଅଲଆଉଟ।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୫୭.୪ ଓଭରରେ ୫୮୦ ଅଲଆଉଟ୍।
ପାକିସ୍ତାନ ଦ୍ୱିତୀୟ ଇନିଂସ-୮୪.୨ ଓଭରରେ ୩୩୫ ଅଲଆଉଟ (ଆଜମ- ୧୦୪, ରିଜୱାନ- ୯୫, ୟାସିର- ୪୨, ମାସୁଦ- ୪୨, ହାଜେଲଉଡ- ୪/୬୩, ଷ୍ଟାର୍କ- ୩/୭୩, କୁମିନ୍ସ- ୨/୬୯, ଲିୟନ- ୧/୭୪ ।)

# ଦ୍ୱିତୀୟ ଯୁଥ୍ ଦିନିକିଆରେ ଭାରତ ବିଜୟୀ

ଲକ୍ଷ୍ନୌ, ୨୪।୧୧ (ପି.ଟି.)

ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚ୍‌କୁ ଭାରତ ୨ ଉଇକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୯ ଉଇକେଟ୍‌ରେ ଜିତିଥିବା ଭାରତୀୟ ଯୁଥ୍ ଦଳ ଏଥିସହ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

ସ୍ଥାନୀୟ ଏକାନା କ୍ରିକେଟ୍ ଷ୍ଟାଡିୟମ ‘ବି’ ଗ୍ରାଉଣ୍ଡରେ ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଅଧିନାୟକ ପ୍ରିୟମ ଗର୍ଗ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇ ଆଫଗାନିସ୍ତାନ ଯୁଥ୍ କ୍ରିକେଟ୍ ଦଳ ୫୦ ଓଭରରେ ୯ ଉଇକେଟ୍ ହରାଇ ୧୮୮ ରନ କରିଥିଲା। ଦଳ ପକ୍ଷରୁ ରହମନଉଲ୍ଲା ୪୭ ଓ ଅବଦୁଲ ରହମାନ ଅପରାଜିତ ୫୭ ରନ କରିଥିଲେ। ଭାରତ ଯୁଥ୍ ଦଳ ପକ୍ଷରୁ ମାନବ ସୂତାର, ତିଲକ ବର୍ମା ଓ ସିଟିଏଲ୍ ରକ୍ଶାନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଭାରତ ଶାଶ୍ୱତ ରାୱତ (୫୩) ଓ ଯଶସ୍ୱୀ ଜୟସ୍ୱାଲ (୩୮*)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪୨.୩ ଓଭରରେ ୮ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଗର୍ଗ ୩୨, ତିଲକ ବର୍ମା ୨୯ ରନ କରିଥିଲେ। ଭାରତର ୩ ଜଣ ଖେଳାଳି ରନ୍‌ଆଉଟ୍ ହୋଇଥିଲେ।

# ପ୍ରଥମ ଟେଷ୍ଟ: ନ୍ୟୁଜିଲାଣ୍ଡ ସ୍ଥିତି ଦୃଢ଼

ମାଉଣ୍ଟ ମାଉନଗାନୁଇ, ୨୪।୧୧(ଏଏଫ୍‌ପି)

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ତା’ର ସ୍ଥିତ ଦୃଢ଼ କରିଛି। ଅନ୍ୟପଟେ ମ୍ୟାଚ୍ ବଞ୍ଚାଇବା ପାଇଁ ଇଂଲଣ୍ଡ ସଂଘର୍ଷ ଜାରି ରଖିଛି। ଉଇକେଟ କିପର ବିଜେ ୱାଟଲିଂ ୨୦୫ ରନର ଦ୍ୱିଶତକ ଓ ମିଚେଲ ସାଣ୍ଟନର ୧୨୬ ରନର ଶତକ ହାସଲ କରି ନ୍ୟୁଜିଲାଣ୍ଡ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଛନ୍ତି।

ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୨୪ ଓଭରରେ ୩୫୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ୱାଟଲିଂ ଓ ସାଣ୍ଟନରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୨୦୧

## ୱାଟଲିଂଙ୍କ ଦ୍ୱିଶତକ, ସାଣ୍ଟନରଙ୍କ ଶତକ

ଓଭରରେ ୯ ଉଇକେଟ ହରାଇ ୬୧୫ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ୨୬୨ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨୭.୪ ଓଭରରେ ୩ ଉଇକେଟ ହରାଇ ୫୫ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଇଂଲଣ୍ଡ ୭ ଉଇକେଟ ହାତରେ ରଖି ୨୦୭ ରନ ପଛରେ ପଡି ବ୍ୟାକ୍ ଫୁଟ୍‌କୁ ଚାଲିଯାଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋ ଡେନ୍‌ଲି ୭ ରନ କରି ଅପରାଜିତ ରହିଛନ୍ତି। ଇଂଲଣ୍ଡ ତରଫରୁ ରୋରି ବର୍ନ୍ସ୍ ୩୧, ଡୋମ ସିବ୍‌ଲି ୧୨ରନ କରି ଆଉଟ ହୋଇଥିବାବେଳେ ଜ୍ୟାକ୍‌ଲିଚ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୩ଟିଯାକ ଉଇକେଟ ହାସଲ କରିଛନ୍ତି ବାମହାତୀ ସ୍ପିନର ମିଚେଲ ସାଣ୍ଟନର।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୯୪/୬ରୁ ଖେଳ ଆରମ୍ଭ କରିଥିଲା ନ୍ୟୁଜିଲାଣ୍ଡ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱାଟଲିଂ ୧୧୯ ରନରୁ ଖେଳ ଆରମ୍ଭ କରି ଦ୍ୱିଶତକ ଅର୍ଜନ କରିଥିଲେ। ସେହିପରି ୩୧ ରନରୁ ଖେଳ ଆରମ୍ଭ କରି ସାଣ୍ଟନର ଶତକ ହାସଲ କରିଥିଲେ। ୪୭୩ ଟି ବଲର ସମ୍ମୁଖୀନ ହୋଇ ୱାଟଲିଂ ୨୪ଟି ଚୌକା ଓ ଗୋଟିଏ ଛକା ସହ ୨୦୫ ରନର ଦ୍ୱିଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ସାଣ୍ଟନର ୨୬୯ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ୫ ଛକା ସହ ୧୨୬ ରନ କରି ଆଉଟ ହୋଇଥିଲେ। ଟିମ୍ ସୌଦି ୯ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ସାମ କୁରାନ, ଜ୍ୟାକ ଲିଚ୍ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ, ଜୋଫ୍ରା ଆର୍ଚର ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।


ଦ୍ୱିଶତକ ହାସଲକାରୀ ବିଜେ ୱାଟଲିଂ।



ପିଙ୍କ୍ ବଲ ଟେଷ୍ଟ ମ୍ୟାଚ୍ କେବଳ କୋଲକାତାରେ ନୁହେଁ, ଭାରତର ସବୁ ଭାଗରେ ଆୟୋଜିତ ହେବା ଦରକାର।
– ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି



ଆସନ୍ତା ବର୍ଷ ବିରାଟ କୋହଲି ଓ ତାଙ୍କ ଟିମ୍ ଯେତେବେଳେ ଅଷ୍ଟ୍ରେଲିଆ ଗସ୍ତରେ ଆସିବେ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବାକୁ ରାଜି ହେବେ ବୋଲି ଆଶା କରୁଛି।
– ସେନ୍ ୱର୍ନ, କିମ୍ବଦନ୍ତୀ ଅଷ୍ଟ୍ରେଲିଆ ସ୍ପିନର

## ସଂକ୍ଷେପରେ

### କାର୍ତ୍ତିକେୟନଙ୍କୁ ସଫଳତା

ଟୋକିଓ,୨୪।୧୧(ପିଟି): ଭାରତର ପ୍ରଥମ ଫର୍ମୁଲା ୱାନ ଡ୍ରାଇଭର ନାରାୟଣ କାର୍ତ୍ତିକେୟନ ଏଠାରେ ଅନୁଷ୍ଠିତ ସୁପର ଜିଟି x ଡିଟିଏମ୍ ଡ୍ରିମ ରେସରେ ବିଜୟୀ ହୋଇଛନ୍ତି। ଫଳରେ କାର୍ତ୍ତିକେୟନ ଫର୍ମୁଲା ୱାନ କ୍ୟାରିୟରର ଟାଇଟଲ ସହ ଚଳିତ ସିଜନ ଶେଷ କରିଛନ୍ତି। ଅତ୍ୟଧିକ ଚ୍ୟାଲେଞ୍ଜିଂ ରେସ୍‌ରେ ୨୦ ରେସରଙ୍କୁ ସେ ପଛରେ ପକାଇ ଜାପାନିଜ ଦର୍ଶକରେ ଭରପୂର ଫୁଜି ସ୍ପିଡୱେଠାରେ ସ୍ମରଣୀୟ ବିଜୟ ପାଇଛନ୍ତି। ନାକାଜିମା ରେସିଂ ହୋଣ୍ଡା ଏନ୍‌ଏସ୍‌ଏକ୍ସ-ଜିଟି କାର ଚଳାଉଥିବା ଦ୍ୱିତୀୟ ଲାପରେ ଲୋଇକ ଡୁଭାଲଙ୍କୁ ଓଭର ଟେକ କରିବା ପରେ ବଡ଼ ଅଗ୍ରଣୀ ହାସଲ କରିଥିଲେ। ସେଠାରୁ ସେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହି ୧୬ ଲାପ ଶେଷ କରିଥିଲେ। ଏହାପରେ ୪୨ ବର୍ଷୀୟ ରେସର ଧାର୍ଯ୍ୟ ୩ ଥର ସେଫ୍‌ଟି ବ୍ରେକ ନେବା ପରେ ଅତ୍ୟଧିକ ଥଣ୍ଡା ପରିବେଶରେ ସଫଳତାର ସହ କାର ରିଷ୍ଟାର୍ଟ କରି ଆଗରେ ହିଁ ରହିଥିଲେ। ରେସ୍‌ରେ ଏକଦା କାର୍ତ୍ତିକେୟାନଙ୍କୁ ପଛରେ ପକାଇ ଦେଇଥିଲେ ବେନୋଟ ଟ୍ରେଲୁର। କିନ୍ତୁ କିଛି ସମୟରେ ନିଜ ସ୍ଥାନ ହାତେଇ ନେଇଥିଲେ। ରେସ୍‌ରେ ମାର୍କୋ ୱିଟ୍ଟମ୍ୟାନ ଓ ଡୁଭାଲ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନର ରହିଥିଲେ। ଅନ୍ତିମଥର କାର୍ତ୍ତିକେୟାନ ୨୦୧୩ରେ ବୁନୋ ଅଟୋ ଜିପି ଜିତିଥିଲେ। ଚଳିତବର୍ଷ ଜାପାନରେ ଅନୁଷ୍ଠିତ ଅଟୋବାକ୍ସ ସୁପର ଜିଟି ସିରିଜ୍ ଓ ସୁଗୋ ସର୍କିଟରେ ସେ ପୋଡିୟମରେ ସ୍ଥାନ ଅଧିକାର କରିଥିଲେ।

ଭାରତ-ୱେଷ୍ଟଇଣ୍ଡିଜ୍ ଦିନିକିଆ

# ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଖର୍ଚ୍ଚ ହେବ ୬ କୋଟି ୪୨ ଲକ୍ଷ

**କଟକ ଅଫିସ,୨୪।୧୧**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ୪ଟି

**ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ**

ପ୍ରସଙ୍ଗ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବା ବେଳେ ଆଗାମୀ ଦିନରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଓସିଏ ପକ୍ଷରୁ ଏକ ବଜେଟ ଉପସ୍ଥାପନ କରାଯାଇଛି। ଏହି ମ୍ୟାଚ୍‌ରେ ୬ କୋଟି ୪୨ ଲକ୍ଷ ୬୯ ହଜାର ୫୭୦ ଟଙ୍କା ଖର୍ଚ୍ଚ ହେବ। ଅନ୍ୟପକ୍ଷରେ ୬ କୋଟି ୬୬ ଲକ୍ଷ ୩୭ ହଜାର ୨୭୦ ଟଙ୍କା ଆୟ ହେବ ବୋଲି ଦର୍ଶାଯାଇଛି। ବିଭିନ୍ନ ବାବଦରେ ହେବାକୁ ଥିବା ଖର୍ଚ୍ଚ ଓ ଆୟ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରାଯାଇଥିଲା।

ଅନ୍ତର୍ଜାତୀୟ ମ୍ୟାଚ୍‌ରେ ହେବାକୁଥିବା ଖର୍ଚ୍ଚରୁ ଦେଢ଼କୋଟି ଖେଳାଳିମାନଙ୍କ ରହଣି ଓ ଯାତାୟାତ ବାବଦରେ ବ୍ୟୟ ହେବ ବୋଲି ଓସିଏ ଦର୍ଶାଇଛି। ଏହାଛଡ଼ା ଆଉ ଏକ ବଡ଼ ଖର୍ଚ୍ଚ ହେଉଛି ଫ୍ଲଡ୍ ଲାଇଟ୍ ମରାମତି। ଏଥିରେ ୧ କୋଟି ୫୦ ହଜାର ଟଙ୍କା ଖର୍ଚ୍ଚ ହେବ। ମୋଟ ୪୬ଟି ବ୍ୟବସ୍ଥା ବାବଦରେ ଓସିଏର ଖର୍ଚ୍ଚ ୬ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିବ ବୋଲି ବୈଠକରେ କୁହାଯାଇଥିଲା। ଆୟ ତାଲିକାରେ ଓସିଏ କେବଳ ଟିକେଟ ବିକ୍ରିରୁ ୨ କୋଟି ୮୫ ଲକ୍ଷ ୩୭ ହଜାର ୨୭୦ ଟଙ୍କା ପାଇବ। ବୈଠକରେ ୨୦୧୬-୧୭, ୨୦୧୭-୧୮, ୨୦୧୮-୧୯ ବାର୍ଷିକ ଆୟବ୍ୟୟ ତାଲିକା ଗୃହୀତ କରାଯାଇଥିଲା। ଲୋଧା କମିଟି ସୁପାରିଶ ଲାଗୁ ହେବାପରେ ଓସିଏ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ରୁ ଅନୁଦାନ ପାଇପାରୁ ନ ଥିଲା। ଅଚଳାବସ୍ଥା ଜାରି ରହିଥିବାରୁ ଅନେକ ଅର୍ଥ ବକେୟା ରହିଯାଇଥିଲା। ୩ ବର୍ଷର ଆୟବ୍ୟୟ ତାଲିକା ସର୍ବସମ୍ମତିକ୍ରମେ ବିସିସିଆଇ ନିକଟକୁ ପଠାଯାଇଛି। ଏହାଛଡ଼ା ମ୍ୟାଚ୍ ନିମନ୍ତେ ୨୨ କୋଟି ଟଙ୍କାର ଇନ୍‌ସ୍ୟୁରାନ୍ସ କରାଯାଇଥିବା ଜଣାପଡ଼ିଛି। ଫନୀ ସହାୟତା ଓ ପୂର୍ବ ବର୍ଷର ରହିଥିବା ବକେୟା ରାଶି ବିସିସିଆଇରୁ ଆସିସାରିଛି ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ବୈଠକରେ କହିଥିଲେ। ଏହି ଅବସରରେ ଓସିଏର ଅନ୍ତରୀଣ ଅଡିଟର ନିଯୁକ୍ତି କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା।




ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅବସରରେ ଓସିଏ କର୍ମକର୍ତ୍ତା ।

# ଝିଲ୍ଲୀଙ୍କୁ ଏକଲବ୍ୟ

ଭୁବନେଶ୍ୱର,୨୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ବହୁ ସଫଳତା ଆଣି ଦେଇଥିବା ନୟାଗଡ଼ର ଦଶପଲ୍ଲା ବ୍ଲକ ମକରପ୍ରସାଦ ଗ୍ରାମରେ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରାଙ୍କୁ ଚଳିତବର୍ଷ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରାଯିବ। ଏଥିନେଇ ରବିବାର ଏକଲବ୍ୟ ପୁରସ୍କାର ଜୁରି କମିଟି ଘୋଷଣା କରିଛନ୍ତି। ସେ ଗତ ଦୁଇବର୍ଷ ମଧ୍ୟରେ ଅନ୍ତର୍ଜାତୀୟସ୍ତରରେ ୨ ସ୍ୱର୍ଣ୍ଣ , ୩ ରୌପ୍ୟ ଓ ଏକ ବ୍ରୋଞ୍ଜ ଜିତିଛନ୍ତି। ଏଥିଯୋଗୁ ଝିଲ୍ଲୀ ଚଳିତବର୍ଷ ଏକଲବ୍ୟ ପୁରସ୍କାର ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଚଳିତବର୍ଷର ଏକଲବ୍ୟ ପୁରସ୍କାର ବଣ୍ଟନ ଉତ୍ସବରେ ଝିଲ୍ଲୀଙ୍କୁ ୫ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ତାଙ୍କ ସହ ଦୁଇ ଉପବିଜେତା ଫୁଟବଲ ଖେଳାଳି ଯବାମଣୀ ଟୁଡୁ ଓ ହକି ଖେଳାଳି ନମିତା ଟପ୍ପୋଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେମାନଙ୍କୁ ୫୦ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ। ଘୋଷଣା ଅବସରରେ ଇଣ୍ଡିଆନ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ)ର ଟ୍ରଷ୍ଟି ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି, ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ ଆଥ୍‌ଲେଟଙ୍କୁ ପ୍ରୋତ୍ସାହନ ଯୋଗାଇବା ଆମର ଲକ୍ଷ୍ୟ। ଏହା ସେମାନଙ୍କୁ ଅଧିକ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ପାଇଁ ସମ୍ମାନ ଆଣିବାରେ ସାହାଯ୍ୟ କରିବ। ଉଲ୍ଲେଖଥାଉ କି, ଇମ୍ପା ଗ୍ରୁପର ପକ୍ଷରୁ ୧୯୯୩ରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇ ଆସୁଅଛି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଆ ଆଥ୍‌ଲେଟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ।



# ୩ ଖେଳାଳିଙ୍କୁ ବାସନ୍ଦ କଲା ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ, ୨୪।୧୧ (ପି.ଟି.)

ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଶନିବାର ୩ ଖେଳାଳିଙ୍କୁ ବାସନ୍ଦ କରିଛି। ସେମାନେ ହେଲେ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଟିମ୍ ଏଫ୍‌ସି ଗୋଆର ସେଇମିନଲେନ ଡୋଉଙ୍ଗେଲ ଓ ହୁଗୋ ବୋଉମୋଉସ ଏବଂ ନର୍ଥଇଷ୍ଟ ୟୁନାଇଟେଡର ଡିଫେଣ୍ଡର କାଇ ହେଉରିଙ୍ଗ୍ସ। ଗୁଆହାଟୀରେ ନଭେମ୍ବର ୧ରେ ଗୋଆ ଓ ନର୍ଥଇଷ୍ଟ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ୍ ଅବସରରେ ଏହି ୩ ଖେଳାଳି ଦୁର୍ବ୍ୟବହାର କରିଥିବା ଜଣାପଡ଼ିଛି। ଡୋଇଙ୍ଗେଲଙ୍କୁ ୩ଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ନର୍ଥଇଷ୍ଟ ବିପକ୍ଷ ମ୍ୟାଚରେ ସେ ରେଡ୍ କାର୍ଡ ପାଇ ପଡ଼ିଆ ଛାଡ଼ିଥିବାରୁ ମୁମ୍ବାଇ ସିଟି ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ବିପକ୍ଷ ମ୍ୟାଚ୍‌ରେ ବାହାରେ ବସିବା ନିଶ୍ଚିତ ହୋଇଛି। ସେହିଭଳି ହୁଗୋ ଏବଂ ନର୍ଥଇଷ୍ଟର ହେଇରିଙ୍ଗ୍ସ ୨ ଲେଖାଏ ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ଡୋଇଙ୍ଗେଲ ଓ ହୁଗୋ ଡିସେମ୍ବର ୮ରେ ଗୋଆ ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ମ୍ୟାଚ୍‌ରେ ଉପଲବ୍ଧ ହେବେ ବୋଲି ଜଣାପଡ଼ିଛି।



ଇଣ୍ଡିଆନ ସୁପର ଲିଗ୍: ପୁଣେରେ ରବିବାର ଓଡ଼ିଶା ଏଫ୍‌ସି ଓ ଏଟିକେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏହା ଗୋଲ ଶୂନ୍ୟ ଭାବେ ଡ୍ର ରହିଥିଲା।

# ଦୃଷ୍ଟିହୀନ ମହିଳା କ୍ରିକେଟ: ଫାଇନାଲରେ ଭଦ୍ରକ

ଭୁବନେଶ୍ୱର,୨୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଭିନ୍ନକ୍ଷମ ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ଓଡ଼ିଶା ସରକାର ମିଳିତ ଆନୁକୂଲ୍ୟରେ ରବିବାରଠାରୁ ୩ୟ ମହିଳା ଦୃଷ୍ଟିହୀନ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ହାଇ ଟେକ ମେଡିକାଲ କଲେଜ ଓ ହସ୍ପିଟାଲ ଖେଳ ପଡ଼ିଆରେ ଚାଲିଥିବା ପ୍ରତିଯୋଗିତାରେ ୫ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବାଲେଶ୍ୱର ୧୦ ଉଇକେଟରେ ଖୋର୍ଦ୍ଧାକୁ ହରାଇ ଦେଇଛି। ଖୋର୍ଦ୍ଧା ୪୭ ରନ୍‌ରେ ସୀମିତ ରହିବା ପରେ ବାଲେଶ୍ୱର ୩.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ବାସନ୍ତି ହାଂସଦାଙ୍କ ୬୩ ରନ୍‌ର ଇନିଂସ ଯୋଗୁ ଏକ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ପୁରୀ ମାତ୍ର ୪୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ତୃତୀୟ ମ୍ୟାଚ୍‌ରେ ପୁରୀ ମାତ୍ର ୨୫ ରନ୍‌ରେ ସୀମିତ ରହିଥିବାବେଳେ ଖୋର୍ଦ୍ଧା କୌଣସି ଉଇକେଟ ନ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଏହାପରେ ଭଦ୍ରକ ଓ ବାଲେଶ୍ୱର ମଧ୍ୟରେ କ୍ୱାଲିଫାୟର ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୦୮ ରନ କରିଥିବାବେଳେ ଭଦ୍ରକ ୯୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପାଇଁ ବାସନ୍ତି ହାଂସଦା ୫୧ ରନ୍ କରିଥିଲେ।



ଦୃଷ୍ଟିହୀନ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# କିପଚୋଗେ, ମହମ୍ମଦ ବର୍ଷର ଶ୍ରେଷ୍ଠ ଆଥ୍‌ଲେଟ



ମୋନାକୋ,୨୪।୧୧(ଏଏଫ୍‌ପି)

ଦୁଇ ଘଣ୍ଟା ମଧ୍ୟରେ ମାରାଥନ ଶେଷ କରିଥିବା ବିଶ୍ୱର ଏକମାତ୍ର ଧାବକ ଇଲିଉ କିପଚୋଗେ ଓ ୪୦୦ ମିଟର ବାଧା ଦୌଡ଼ର ବିଶ୍ୱ ଚାମ୍ପିୟନ ଦାଲିଲା ମହମ୍ମଦ ଚଳିତବର୍ଷର ଶ୍ରେଷ୍ଠ ଆଥ୍‌ଲେଟ ପୁରସ୍କାର ହାତେଇଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଦ୍ୱାରା ଏଠାରେ ଆୟୋଜିତ ଉତ୍ସବରେ ୩୫ ବର୍ଷୀୟ କିପଚୋଗେଙ୍କୁ ସମ୍ମାନଜନକ ପୁରସ୍କାର ମିଳିଛି। ସେ ଗତମାସରେ ୪୨.୧୯୫ ମିଟର ବିଶିଷ୍ଟ ମାରାଥନକୁ ଏକ ଘଣ୍ଟା ୫୯ ମିନିଟ ୪୦.୨ ସେକେଣ୍ଡରେ ଅତିକ୍ରମ କରିଥିଲେ। ତେବେ ଏହା ଏକ ଅନ୍‌ଅଫିସିଆଲ ଇଭେଣ୍ଟ ଥିଲା। ଏଣୁ ଏହାକୁ ରେକର୍ଡ ବୁକ୍‌ରେ ସାମିଲ କରାଯାଇନାହିଁ। ଅଲିମ୍ପିକ୍ ଚାମ୍ପିୟନ ଗତ ଏପ୍ରିଲରେ ଲଣ୍ଡନ ମାରାଥନରେ ରେକର୍ଡ ୨ ଘ. ୦୧. ୩୯ ସେ. ଟାଇମିଂ ହାସଲ କରିଥିଲେ, ଯାହାକି ଅଫିସିଆଲ ବିଶ୍ୱ ରେକର୍ଡ। ମହିଳା ବିଭାଗରେ ଆମେରିକାର ମହମ୍ମଦ ଚଳିତବର୍ଷ ଚମତ୍କାର ପ୍ରଦର୍ଶନ କରିଥିଲେ। ୟୁଏସ୍ ଟ୍ରାଏଲ୍ସରେ ୫୨. ୨୦ ସେ. ଟାଇମିଂ ହାସଲ କରି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ଉଭୟ ବିଭାଗର ବିଜେତା ଭୋଟିଂ ଦ୍ୱାରା ବଛା ଯାଇଥିଲା। ମୋଟ ଭୋଟିଂରେ ଏହାର ବିଶ୍ୱ ଆଥ୍‌ଲେଟିକ୍ସର ୫୦ ପ୍ରତିଶତ, ଆଥ୍‌ଲେଟ, କୋଚ୍ ଓ ଜର୍ନାଲିଷ୍ଟଙ୍କ ୨୫ ପ୍ରତିଶତ ଏବଂ ଜନସାଧାରଣଙ୍କ ୨୫ ପ୍ରତିଶତ ରହିଥାଏ।



# ଡେଭିସ୍ କପ୍ ଫାଇନାଲରେ ସ୍ପେନ

ମାଡ୍ରିଡ୍,୨୪।୧୧- ବିଶ୍ୱର ନମ୍ବର ୱାନ୍ ସିଙ୍ଗଲ୍ସ ଖେଳାଳି ରାଫାଲ ନାଡାଲଙ୍କ ଜବରଦସ୍ତ ପ୍ରଦର୍ଶନ ବଳରେ ସ୍ପେନ୍ ଚଳିତ ଡେଭିସ କପ୍ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଆୟୋଜକ ସ୍ପେନ ୨-୧ ବ୍ୟବଧାନରେ ବ୍ରିଟେନକୁ ହରାଇ ଦେଇଛି। ଇଭେଣ୍ଟ ଫାଇନାଲରେ ସ୍ପେନ ଓ କାନାଡା ପରସ୍ପରକୁ ଭେଟିବେ। ମୁକାବିଲାର ଦୁଇ ସିଙ୍ଗଲ୍ସ ମ୍ୟାଚ୍ ଉଭୟ ଦଳ ବାଣ୍ଟି ନେଇଥିଲେ। ନିର୍ଣ୍ଣାୟକ ଡବଲ୍ସ ମ୍ୟାଚ୍‌ରେ ନାଡାଲ ଓ ଭେଟେରାନ ଲୋପେଜଙ୍କ ଯୋଡ଼ି ୭-୬(୩), ୭-୬ (୮) ସେଟ୍‌ରେ ଜେମି ମୁରେ ଓ ନିଲ ସ୍କୁପସ୍କିଙ୍କୁ ହରାଇ ଦେଇଥିଲେ। ଫଳରେ ୫ ଥର ଚାମ୍ପିୟନ ସ୍ପେନ ୨୦୧୨ ପରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି।

# ରାଜ୍ୟ ସ୍କୁଲ୍ସ ଓପନ୍ ଚେସ୍: ହର୍ଷିତଙ୍କୁ ଟାଇଟଲ୍

**ଭୁବନେଶ୍ୱର, ୨୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସେକ୍ରେଟାରୀଏଟ ରିକ୍ରେଶନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍କୁଲ୍ସ ଓପନ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଓପନ୍ ବର୍ଗରେ କଟକ ପୁରୁଣା ଷ୍ଟିୱାର୍ଟ ସ୍କୁଲର ହର୍ଷିତ ସାହୁ ୭ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ସେହିଭଳି ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ତନ୍ମୟ ତ୍ରିପାଠୀ (୬.୫) ଓ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ତ୍ରିଦେବ ତୀର୍ଥଙ୍କର (୬.୦) ଯଥାକ୍ରମେ ଦ୍ୱିତୀୟ ଓ ୩ୟ ସ୍ଥାନ ହାସଲ କରିଥିଲେ। ସେହିଭଳି ୭ ବର୍ଷରୁ କମ୍ ବାଳକ ବର୍ଗରେ ପ୍ରତୀକ ରାଉତ ଚାମ୍ପିୟନ ଓ ସ୍ମୃତିରଞ୍ଜନ ସାହୁ ରନର୍ସଅପ୍ ହୋଇଥିଲେ। ୭ ବର୍ଷରୁ କମ୍ ବାଳିକାରେ ଭୂମିଜା ଦେ ପ୍ରଥମ ସ୍ଥାନ ହାସଲ କରିଥିଲେ। ୯ ବର୍ଷରୁ କମ୍ ବାଳକରେ ଆଶୁତୋଷ ବରାଳ ଓ ସୌମ୍ୟରଞ୍ଜନ ସାହୁ, ବାଳିକାରେ ଲକ୍ଷ୍ମୀପ୍ରିୟା ଦାସ ଓ ତମନ୍ନା ତ୍ରିପାଠୀ, ୧୧ ବର୍ଷରୁ କମ୍ ବାଳକରେ ଗୌରବ ପଣ୍ଡା ଓ ରିଶିତ ରୋହତକ ପଲାଇ ଏବଂ ବାଳିକାରେ ଅଦ୍‌ଭିକା ଦାସ ଓ ଅଂଶିକା ମହାପାତ୍ର, ୧୩ ବର୍ଷରୁ କମ୍ ବାଳକରେ ଅମନ ଅଲି ଓ ମାନବ ନାୟକ ଯଥାକ୍ରମେ ପ୍ରଥମ ଓ ୨ୟ ହୋଇଥିଲେ। ୧୩ ବର୍ଷରୁ କମ୍ ବାଳିକାରେ ପ୍ରାପ୍ତି ପଣ୍ଡା ପ୍ରଥମ ହୋଇଥିବାବେଳେ ସ୍ୱାନ୍ତନାମୂଳକ ବିଭାଗରେ ଶିଭାଙ୍ଗୀ ମହାପାତ୍ର, ସର୍ବେଶ୍ୱର ମିଶ୍ର, ସାଇରାଜ ସାମଲ ଓ ଭ୍ରିତ୍ତୀ ବେହେରା ଯଥାକ୍ରମେ ପ୍ରଥମରୁ ୪ର୍ଥ ସ୍ଥାନ ମଧ୍ୟରେ ରହିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନଗୋବିନ୍ଦ ଦଳାଇ ଏବଂ ସମ୍ମାନିତ ଅତିଥି ଭାବେ ନୀଳମାଧବ ଚାନ୍ଦ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବର ଯୁଗ୍ମ ସମ୍ପାଦକ ରଞ୍ଜିତ କୁମାର ମୁଦୁଲି, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ ମହୀ ମୋହନ ମିଶ୍ର**
ଶତାବ୍ଦୀ ନଗର, 4th Lane, ଭୁବନେଶ୍ୱର
ଆବିର୍ଭାବ: ତା.୦୮।୦୬।୧୯୫୫
ତିରୋଧାନ: ତା.୧୫।୧୧।୨୦୧୯
ତୁମର ଆକସ୍ମିକ ବିୟୋଗରେ ସମସ୍ତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଗଭୀର ମର୍ମାହତ। ତୁମର ଶାନ୍ତ ମନୋଭାବ, ସରଳତା, ପରୋପକାରିତା ଓ ସ୍ନେହ ସବୁଦିନ ପାଇଁ ମନେରହିବ।
ତୁମେ ଯେଉଁଠି ଥାଅ, ଭଲରେ ଥାଅ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି କରନ୍ତୁ। ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ- ଆହ୍ଲାଦିନୀ, ଅଲିଅଳି କନ୍ୟା- ବୁବୁଲି ଓ ଟୁଇନ୍ସ, ସମସ୍ତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୬୮୬୧୫

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରିୟଦର୍ଶୀ ସାହୁ (ବାପି)**
ଗ୍ରାମ: ରିଶୋଲ ଏବଂ ଶ୍ରୀରାମନଗର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୮।୧୯୭୧
(ଶିବ ଚତୁର୍ଦ୍ଦଶୀ)
ତିରୋଧାନ: ୦୯।୧୨।୨୦୦୭
(ଦେବ ଦୀପାବଳି)
ଧନରେ, ଶ୍ରୀଜଗନ୍ନାଥ ତୋର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ, ଏହାହିଁ ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୭୨୫୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଲଛମନ ପୃଷ୍ଟି**
ବଇଁଚୁଆ (ପାଟେରାସାହି), ବାଲିଅନ୍ତା
ଆବିର୍ଭାବ: ୦୧।୦୧।୧୯୨୬
ତିରୋଧାନ: ୦୬।୧୨।୨୦୧୮
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁତ୍ର: ରମେଶ ଚନ୍ଦ୍ର ପୃଷ୍ଟି, ଗଙ୍ଗାଧର,ଲୋକନାଥ, ଦେବେନ୍ଦ୍ର, ବନ୍ଧୁ ଓ ପରିବାରବର୍ଗ ।
ଧ-୪୬୨୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ରମେଶ ଚନ୍ଦ୍ର ପ୍ରତିହାରୀ**
ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୩।୦୯।୧୯୫୪
ତିରୋଧାନ: ୦୬।୧୨।୨୦୧୮
-: ବାବା :-
ଚାହୁଁ ଚାହୁଁ ବିତିଗଲା ବରଷ
ଅଂଜୁ ଡାକଟି ହୋଇଗଲା ନିଃଶେଷ
ଝୁରୁଛନ୍ତି ହାପି, ଲକି, ଖୁସି, ମିଶା, ଧୁନୁ
ଅବିସ୍ମରଣୀୟ ହୋଇ ରହିଯିବ ମନୁଁ
ବୁଦ୍ଧନାଥ ପାଶେ ଏତିକି ମିନତୀ
ଆପଣଙ୍କ ଆତ୍ମାର ହେଉ ସଦ୍‌ଗତି
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୬୮୭୦୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ନଭେମ୍ବର ୨୫/୨୦୧୯ Bhubaneswar, Monday, November 25/ 2019

# ୨ ଲକ୍ଷ ୮୭ ହଜାର ଲୁଟିନେଲେ ଦୁର୍ବୃତ୍ତ

## ଲୁଟେରାଙ୍କ ସୁରାକ ପାଉନି ପୋଲିସ

**ପଟ୍ଟାମୁଣ୍ଡାଇ, ୨୪।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବ୍ରାହ୍ମଣୀ ବନ୍ୟା ସୁରକ୍ଷା ବନ୍ଧର ବକ୍ତାରପୁର କେନାଲ ପୋଲ ନିକଟରୁ ରବିବାର ଅପରାହ୍ଣ ୧ଟା ବେଳେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ରାଜନଗର ମଦ ଦୋକାନ କର୍ମଚାରୀ ସନାତନ ବିଶ୍ୱାଳଙ୍କଠାରୁ ୨ଲକ୍ଷ ୮୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସନାତନ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସନାତନ ଏକ ବାଇକ୍‌ରେ ଟଙ୍କା ନେଇ ମଦ ଦୋକାନ ମାଲିକଙ୍କ ଘରକୁ କେନ୍ଦ୍ରାପଡ଼ା ଯାଉଥିଲେ। ମାତ୍ର ବକ୍ତାରପୁରଠାରେ ଏକ ବାଇକ୍‌ରେ ଦୁଇ ଜଣ ଲୁଟେରା ତାଙ୍କୁ ଅଟକାଇବା ସହ ଧମକାଇ ସମସ୍ତ ଟଙ୍କା ଛଡ଼ାଇ ନେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ମାତ୍ର ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ପତ୍ତା ପାଇ ନ ଥିବା ଜଣାପଡ଼ିଛି। ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ବାରମ୍ବାର ଚୋରି, ରାହାଜାନି, ଲୁଟ୍ ଆଦି ଘଟଣା ଘଟୁଥିବା ବେଳେ ପୋଲିସ ଲୁଟେରାଙ୍କ ସୁରାକ ପାଉ ନ ଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ସୂଚନାଥାଉ କି, ଗତ ଗୁରୁବାର ଡାମରପୁର-ବାଲିପାଟଣା ଗ୍ରାମର ଗଣେଶ୍ୱର ପରିଡ଼ା ବାଇକ ଡିକିରେ ୧ଲକ୍ଷ ୮୯ ହଜାର ଟଙ୍କା ରଖି ପଟ୍ଟାମୁଣ୍ଡାଇ ବଜାରକୁ ଆସୁଥିଲେ। ମାତ୍ର ବାଇପାସ୍ ଛକ ନିକଟରେ ଗାଡ଼ି ରଖି ଫଳ କିଣୁଥିବା ବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ସମସ୍ତ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ମହାବୀର ବଜାରଠାରେ ଥିବା ଏଟିଏମ୍‌ରୁ ବୁଧବାର ଲୁଟେରାମାନେ ବାଲିପଡ଼ାର ମନୋରଞ୍ଜନ ତ୍ରିପାଠୀଙ୍କ ଆକାଉଣ୍ଟରୁ ୨୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ସହିତ ଲୁଟେରାମାନଙ୍କ ଭିଡ଼ିଓ କ୍ଲିପ୍ ଥାନାରେ ଦେଖାଇଥିଲେ ବି ପୋଲିସ ଏ ଯାଏଁ ଲୁଟେରାଙ୍କ ଧରିବାରେ ସଫଳ ହୋଇନାହିଁ।

■ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ଏନ୍‌ଏଫ୍‌ସିକୁ ହରାଇ ଫାଇନାଲରେ ସାଇ ହଷ୍ଟେଲ

**ଆଳି, ୨୪।୧୧ (ଡି.ଏନ୍.ଏ.)**

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ୍ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ୧୪ତମ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ଏଥିରେ ଏନ୍‌ଏଫ୍‌ସି କଟକ ଓ ସାଇ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଏନ୍‌ଏଫ୍‌ସିକୁ ୨-୧ ଗୋଲରେ ହରାଇ ସାଇ ହଷ୍ଟେଲ ଫାଇନାଲକୁ ପ୍ରବେଶ କରିଛି। ଏଥିରେ ଆଳି ବିଧାୟକଙ୍କ ରାଜକନିକା ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଶରତ କୁମାର ଦେବ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ଭୀଷ୍ମ ମହାନ୍ତି ଓ ସଭାପତି ମନୋରଞ୍ଜନ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଇ ହଷ୍ଟେଲ ଟିମ୍‌ର ଅବିନାଶ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସୁବ୍ରତ ପୁରୋହିତ, ଦେବାଶିଷ ବାଗ, ପ୍ରଦୀପ ମହାନ୍ତି, ସୁଦୀପ ଦାସ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ମଲିକ, ନିର୍ମଳ ବେହେରା, ବିଜୟାନନ୍ଦ ସେନାପତି, ଅରୁଣ ଖଣ୍ଡୁଆଳ, ମନୋଜ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରକ ଧକ୍କାରେ ହେଲ୍‌ପର ମୃତ

**ମାର୍ଶାଘାଇ, ୨୪।୧୧ (ଡି.ଏନ୍.ଏ.)**

୫ ନଂ. (କ) ଜାତୀୟ ରାଜପଥର ମାର୍ଶାଘାଇ ବ୍ଲକ ମଙ୍ଗଳାଛକ-ବଡପାଳ ଗଡ଼ା ମଝିରେ ରବିବାର ଭୋରରୁ ଏକ ଟ୍ରକ୍ ଧକ୍କାରେ ଅନ୍ୟ ଏକ ଟ୍ରକର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିକଟସ୍ଥ କୁଆଁରପାଳ ଗ୍ରାମର ରମେଶ ଚନ୍ଦ୍ର ଲେଙ୍କା (୪୯)। ମଙ୍ଗଳାଛକ-ବଡପାଳ ଗଡ଼ା ମଝିରେ ରମେଶ ଟ୍ରକରୁ ଓହ୍ଲାଇ ନିଜ ଘରକୁ ଯିବା ପାଇଁ ରାସ୍ତା ପାର ହେଉଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଦ୍ରୁତ ଗତିରେ ଯାଉଥିବା ଅନ୍ୟ ଏକ ଟ୍ରକ (ନଂ. ଓଆର୍-୦୯ଜି-୦୦୯୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ୯୧/୧୯ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଏସ୍‌ଆଇ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

# ଶିକ୍ଷାର ବିକାଶ ଲାଗି ସମସ୍ତେ ଉଦ୍ୟମ କରିବା ଆବଶ୍ୟକ




ଉତ୍ସବରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ମାର୍ଶାଘାଇ, ୨୪।୧୧ (ଡି.ଏନ୍.ଏ.)**

ଉଚ୍ଚ ଶିକ୍ଷାର ପ୍ରସାର ପାଇଁ ମାର୍ଶାଘାଇ ବ୍ଲକସ୍ଥିତ କରିଲୋପାଟଣା ମହାବିଦ୍ୟାଳୟ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେବେ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ଲାଗି ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କଲେଜ ପରିସରରେ ଆୟୋଜିତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଲେଜ ପରିସରରେ ନିର୍ମିତ ନୂତନ ଶ୍ରେଣୀଗୃହ, ମହାବିଦ୍ୟାଳୟ ଉଦ୍ୟାନରେ ସରସ୍ୱତୀ ମୂର୍ତ୍ତି ଓ ନବନିର୍ମିତ ପ୍ରଶାସନିକ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରକ୍ଷିତ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇଥିଲେ। ଏଥିରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟବକ୍ତା, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରମୋଦ ରଥ, ଆଡ୍‌ଭୋକେଟ ଭୀମସେନ ଭୂୟାଁ, ଡ. ଗୌରାଙ୍ଗ ଚରଣ ସାମନ୍ତରାୟ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ଦତ୍ତକୃଷ୍ଣ ଜେନା ଧନ୍ୟବାଦ ଦେଇଥିଲେ।

# ଆବାସ ଯୋଜନା ସମୀକ୍ଷା

**ପଟ୍ଟାମୁଣ୍ଡାଇ, ୨୪।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ ଗୃହରେ ଶନିବାର ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଆବାସ ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ ପରିଡ଼ା, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ପୁଷ୍ପଲତା ରାଉଳ, ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ, ରାଜନଗର ବିଡିଓ ମନ୍ଦରଧର ମହାଳିକ ପ୍ରମୁଖ ଯୋଗଦେଇ ୨୦୧୯-୨୦ ଆର୍ଥିକ ବର୍ଷର ଆବାସ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଆବାସ ଯୋଜନାର ସ୍ଥିତି ଓ ଅବସ୍ଥିତିକୁ ନେଇ ଜିଲାପାଳ ବର୍ମା ଉଦ୍‌ବେଗ ପ୍ରକାଶ କରିବା ସହିତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ନୋଡାଲ୍ ଅଫିସର ଓ ଜିଆର୍‌ଏସ୍‌ମାନଙ୍କୁ ତାଗିଦ କରିଥିଲେ। ତେବେ ଆବାସ ଯୋଜନାର ଅଗ୍ରଗତି ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା ଦେଲେ ୨୩୧ ଛାତ୍ରୀଛାତ୍ର

**ରାଜକନିକା, ୨୪।୧୧ (ଡି.ଏନ୍.ଏ)**

ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ରାଜ୍ୟ ସ୍ତରୀୟ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରଥମକରି ରାଜକନିକା ବ୍ଲକରେ ହୋଇଥିବା ଏହି ପରୀକ୍ଷାରେ ୨୬ ବିଦ୍ୟାଳୟର ମୋଟ ୨୩୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବାଳିକା ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ରନାଥ ରାଉତଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିଲା। କେନ୍ଦ୍ରାପଡା ଜିଲା ଓଷ୍ଟାର ପ୍ରାକ୍ତନ ସଭାପତି ବିଜୟ କୁମାର ଦାସ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ରାଜକନିକା ବ୍ଲକ ଓଷ୍ଟା ସଂଘ ସଭାପତି ସଞ୍ଜୟ କୁମାର ସାମଲ, ସମ୍ପାଦକ ଅରବିନ୍ଦ ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି ପରୀକ୍ଷାରେ ଶିକ୍ଷକ ଶୁକଦେବ ପ୍ରଧାନ, ବିଜୟ କୁମାର ପଢିଆରୀ, ରତିକାନ୍ତ ଦାସ, ପ୍ରଭାତ କୁମାର ବାରିକ, ନିରୋଦ କୁମାର ରାଉତ, ଦିଲୀପ କୁମାର ରାଉତ, ରଞ୍ଜନ ମଲ୍ଲିକ, ମିହିର କୁମାର ଦାସ, ପ୍ରଣବ ପଟ୍ଟନାୟକ ଓ ଶିକ୍ଷୟିତ୍ରୀ ରେଣୁବାଳା ରାଉତ ପରୀକ୍ଷକ ଭାବେ ଯୋଗଦେଇ ଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ଯାଜପୁରରେ ଜୈନ ଧର୍ମ

# ୭ମ ଶତାବ୍ଦୀରେ ଅତ୍ୟନ୍ତ ଲୋକପ୍ରିୟ ଥିଲା



ଖ୍ରୀଷ୍ଟାବ୍ଦ ୬୦୬ ରୁ ୬୪୭ ମଧ୍ୟରେ ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ ଚୀନ ପରିବ୍ରାଜକ ହୁଏନ୍-ସାଂଙ୍କ ଭ୍ରମଣ କାହାଣୀରୁ ଉପଲବ୍ଧ ହୁଏ ଯେ ନିଗନ୍ଥମାନଙ୍କ ସଂଖ୍ୟା ଯାଜପୁର ଅଞ୍ଚଳରେ ସର୍ବାଧିକ ଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଯାଜପୁର ଅଞ୍ଚଳରେ ୭ମ ଶତାବ୍ଦୀରେ ଜୈନଧର୍ମ ଅତ୍ୟନ୍ତ ଲୋକପ୍ରିୟ ଓ ପ୍ରଭାବଶାଳୀ ଥିଲା । ଅଷ୍ଟମ ଶତାବ୍ଦୀରେ ଭୌମକରମାନେ ଯାଜପୁରର ଶାସକ ହୋଇ ଆସିଲେ ଓ ୧୦ମ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶା ଶାସନ କରୁଥିଲେ । ସେମାନଙ୍କ କୌଣସି ଅଭିଲେଖରୁ ଜୈନଧର୍ମ ସମ୍ପର୍କରେ ସୂଚନା ମିଳେ ନାହିଁ । ତେଣୁ ଏହା ସ୍ପଷ୍ଟ ଯେ, ସେମାନେ ଶୈବ ଓ ବୌଦ୍ଧ ଧର୍ମର ପୃଷ୍ଠପୋଷକତା କରୁଥିବାରୁ ଜୈନଧର୍ମ ପ୍ରତି ସେମାନଙ୍କର ସ୍ପୃହା ନ ଥିଲା । ଏକାଦଶ ଶତାବ୍ଦୀରେ ଚଣ୍ଡୀହର ଯଯାତିଙ୍କ ପୁତ୍ର ଉଦ୍ୟୋତ କେଶରୀ ଶାସନ କର୍ତ୍ତା ଥିବାବେଳେ ସେ ଜୈନଧର୍ମର ଜଣେ ବିଶିଷ୍ଟ ପୃଷ୍ଠପୋଷକ ଥିଲେ । ଯାଜପୁରରୋଡ ନିକଟସ୍ଥ ବ୍ରାହ୍ମଣୀଦେବୀ, ରତ୍ନଗିରି, ଉଦୟଗିରି, ଲାଙ୍ଗୁଡି, ରାଧାନଗର ଆଦି ବୌଦ୍ଧକୀର୍ତ୍ତି ବିମଣ୍ଡିତ ଯାଜପୁର ଜିଲାରେ ଜୈନ କୀର୍ତ୍ତିରାଜି ସନ୍ଧାନ ମିଳିଛି । ୨୦୧୮ ଫେବୃୟାରୀରେ ପାଣିକୋଇଲି ଷଠିପୁରଠାରୁ ବୈତରଣୀରୋଡ ରାସ୍ତାର ୨କିମି ଦୂର ବରୁଣେଇପଦା ଗ୍ରାମର ବାମପାର୍ଶ୍ୱରେ ଥିବା ଏକ ଶିବମନ୍ଦିରରେ ୧୩ଟି ଜୈନ କୀର୍ତ୍ତିରାଜି ରହିଥିବା ଜଣାପଡ଼ିଛି । ଏହାବାଦ ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରିର ଲଲାଟେନ୍ଦୁ କେଶରୀ ଗୁମ୍ଫା ଏବଂ ନବମୁନି ଗୁମ୍ଫାରେ ଉତ୍କୀର୍ଣ୍ଣ ହୋଇଥିବା ଶିଳାଲିପିରୁ ଜଣାଯାଏ ଯେ, ସେ ତାଙ୍କର ରାଜଧାନୀ ଯାଜପୁରରେ ଜୈନ ଧର୍ମ ପ୍ରସାର ନିମିତ୍ତ ପୃଷ୍ଠପୋଷକତା କରୁଥିଲେ । ଷୋଡ଼ଶ ଶତାବ୍ଦୀରେ ଅଳ୍ପ କେତେକ ସମୟ ଧରି ଚାଲୁକ୍ୟ ବଂଶର ରାଜା ଓ ଓଡ଼ିଶାର ଶେଷ ସ୍ୱାଧୀନ ଶାସକ ଯେକି ଯାଜପୁରଠାରେ ଦେଶ



ମାତୃକା ପାଇଁ ଆତ୍ମବଳି ଦେଇଥିଲେ ସେହି ମୁକୁନ୍ଦ ହରିଚନ୍ଦନ ଜୈନ ଧର୍ମର ପୃଷ୍ଠପୋଷକତା କରିଥିଲେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖାରବେଳ, ତୃତୀୟ ଶତାବ୍ଦୀରେ ମରୁଣ୍ଡବଂଶୀ ଗୁହଶିବ, ଏକାଦଶ ଶତାବ୍ଦୀରେ ସୋମବଂଶୀ ଉଦ୍ୟୋତ କେଶରୀ ଓ ଶୋଡଶ ଶତାବ୍ଦୀରେ ଚାଲୁକ୍ୟରାଜା ମୁକୁନ୍ଦ ହରିଚନ୍ଦନଙ୍କ ପୃଷ୍ଠପୋଷକତାରେ ଓଡିଶାରେ ତଥା ଯାଜପୁର ଅଞ୍ଚଳରେ ଜୈନକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅଭ୍ୟୁଦୟ ଘଟିଥିଲା । ଯାଜପୁର ଅଞ୍ଚଳରେ ଜୈନ ସମ୍ପର୍କିତ ପ୍ରତ୍ନତାତ୍ତ୍ୱିକ ସଂପଦ ଏତେ ବେଶୀ ପରିମାଣରେ ଉପଲବ୍ଧ ହୁଏ ଯେ, ଏକଦା ଏହି ଅଞ୍ଚଳରେ ଜୈନ ଧର୍ମର ପ୍ରଭୂତ ବିକାଶ ଘଟିଥିଲା । ପରବର୍ତ୍ତୀ ସମୟରେ ବୌଦ୍ଧ ଧର୍ମ ସହିତ ଶତ୍ରୁତା ଓ ପିତୁଳା ପୂଜା ବିରୋଧୀ ଶକ୍ତିଙ୍କ ଆକ୍ରମଣରେ ଏହି ଅଞ୍ଚଳର ଜୈନଧର୍ମ ଲୋପ ପାଇବା ସଙ୍ଗେ ସଙ୍ଗେ ସ୍ଥାପତ୍ୟଗୁଡ଼ିକ ଧ୍ୱଂସର ସମ୍ମୁଖୀନ ହୋଇଛି । ବହୁ ଶତାବ୍ଦୀ ଧରି ଏପର୍ଯ୍ୟନ୍ତ ଜୈନଧର୍ମର ପ୍ରବାହର ମୂକସାକ୍ଷୀ ରୂପେ ରହିଆସିଛି ତାହା ଏକ ବିସ୍ତୃତ ଆଲୋଚନା କଲେ ଅତୀତର ଗୌରବ ସମ୍ପର୍କରେ ଧାରଣା ସୃଷ୍ଟି ହୋଇପାରିବ । ଜୈନତୀର୍ଥମାନଙ୍କ ଯେଉଁସବୁ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ ତନ୍ମଧ୍ୟରୁ ସେମାନଙ୍କ ଦୁଇପ୍ରକାର ଭଙ୍ଗୀ ପ୍ରଦର୍ଶିତ ହୁଏ ଯଥା କାୟୋତ୍ସର୍ଗ ମୁଦ୍ରା ଓ ଧ୍ୟାନ ମୁଦ୍ରା । ମୂର୍ତ୍ତି ତତ୍ତ୍ୱର ନିୟମାନୁସାରେ ସେମାନେ ପ୍ରାୟତଃ ଉଲଗ୍ନ ରୂପେ ପ୍ରଦର୍ଶିତ ହୁଅନ୍ତି ଓ ପ୍ରତ୍ୟେକ ପିତାମାତାଙ୍କ ମୂର୍ତ୍ତି ଖୋଦିତ ହୋଇଥାଏ କିମ୍ବା ଶାସନ ଦେବତା, ଅପଦେବତା ଓ କେବଳ ବୃକ୍ଷ ପ୍ରଦର୍ଶିତ ହୋଇଥାଏ । ଏତଦବ୍ୟତୀତ ଅନ୍ୟାନ୍ୟ ଜୈନ ସ୍ଥାପତ୍ୟ ଯଥା ଟାବଲେଟ ଓ ଭୋଟିଭସ୍ତୁପ ମାନଙ୍କରେ ଅଷ୍ଟ ମଙ୍ଗଳକ, ସ୍ଥାନକ ତୀର୍ଥଙ୍କର ମୂର୍ତ୍ତି, କେବଳ ବୃକ୍ଷ ଓ ଲାଞ୍ଛନ ଇତ୍ୟାଦି ଖୋଦିତ ହୋଇଥାଏ । ଯାଜପୁର ଅଞ୍ଚଳରେ ବହୁ ସଂଖ୍ୟକ ଜୈନତୀର୍ଥଙ୍କର ମୂର୍ତ୍ତି ମଧ୍ୟରୁ ଅଧିକ ସଂଖ୍ୟକ ପାର୍ଶ୍ୱନାଥ ମୂର୍ତ୍ତି ଦୃଷ୍ଟିଗୋଚର ହୁଅନ୍ତି । ସେମାନଙ୍କ ମଧ୍ୟରୁ କାୟୋତ୍ସର୍ଗ ମୁଦ୍ରାରେ ନରସିଂହପୁର, ତେନ୍ତୁଳିଡିହ, ମଧୁପୁର, କୁଆଁସ ହଂସେଶ୍ୱର ମନ୍ଦିର, ତରାଙ୍ଗ ସାଗରପୁର, ନାରାୟଣ ଛକ, ଇଜାପୁର, ଗୋକର୍ଣ୍ଣେଶ୍ୱର ମନ୍ଦିର ଓ ଅସନପୁରଠାରେ ରହିଛନ୍ତି । ନରସିଂହପୁରଠାରେ ଯେଉଁ କାୟୋତ୍ସର୍ଗ ମୁଦ୍ରାରେ ପାର୍ଶ୍ୱନାଥ ମୂର୍ତ୍ତିଟି ସଂରକ୍ଷିତ ହୋଇଛି ସେ ଏକ ପଦ୍ମପୁଷ୍ପର ପୀଠ ଉପରେ ଦଣ୍ଡାୟମାନ ଓ ମସ୍ତକୋପରି ସପ୍ତଫଣାଯୁକ୍ତ ନାଗ ଶୋଭାପାଉଛି । ଦୁଇଟି ପଦ୍ମ ପୁଷ୍ପର ପୀଠ ଉପରେ ଦଣ୍ଡାୟମାନ ଦୁଇଗୋଟି ଚାମର ଧାରିଣୀ ମୂର୍ତ୍ତି ଉଭୟ ପାର୍ଶ୍ୱରେ ଶୋଭା ପାଉଛନ୍ତି । ମୂର୍ତ୍ତିର ମସ୍ତକ ଦୁଇ ପାର୍ଶ୍ୱରେ ଉଡ଼ଡୀୟମାନ ଗନ୍ଧର୍ବ ହସ୍ତରେ ପୁଷ୍ପମାଳା ଓ କରତାଳ ଧରି ଶୋଭାୟମାନ । ବୌଦ୍ଧ ଧର୍ମଶାସ୍ତ୍ର ଦାଠାଧାତୁ ବଂଶରୁ ଜଣାଯାଏ ଯେ ସେ ସମୟରେ ବୌଦ୍ଧମାନେ ଜୈନଧର୍ମକୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଧର୍ମଧାରା ପ୍ରତି ଅସହିଷ୍ଣୁ ମନୋଭାବ ପୋଷଣ କରିଛନ୍ତି । ସେହି ଦାଠାଧାତୁ ବଂଶରେ ବର୍ଣ୍ଣିତ ଅଛି ଯେ, ଗୁହଶିବ ନିଗନ୍ଥ(ଜୈନ) ମାନଙ୍କୁ ଉପାସନ କରୁଥିଲେ । କିନ୍ତୁ ନିଗନ୍ଥମାନେ ଅତ୍ୟନ୍ତ ଚତୁର ଅଜ୍ଞାନ ଓ ନାମ ତଥା ଯଶର ଅନୁସରଣକାରୀ ଥିଲେ । ଉପରୋକ୍ତ ମତାମତରୁ ସ୍ପଷ୍ଟ ଜଣାଯାଏ ଯେ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀଙ୍କ ମଧ୍ୟରେ ତୀବ୍ର ଶତ୍ରୁତା ରହିଥିଲା । ଏହି ଶତ୍ରୁତାରୁ ଯାଜପୁର ଅଞ୍ଚଳରେ ସମସ୍ତ ଜୈନ ପ୍ରଚାର କେନ୍ଦ୍ର ଓ ଜୈନକଳା ଧ୍ୱଂସପ୍ରାପ୍ତ ହୋଇଥିବାର ମନେହୁଏ । ସେ ଯାହା ହେଉନା କାହିଁକି ଜୈନଧର୍ମ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ଅତ୍ୟନ୍ତ ସଂକୁଚିତ ପରିବେଶ ମଧ୍ୟରେ ଜନସାଧାରଣଙ୍କ ଦ୍ୱାରା ଗୃହୀତ ହେଉଥିଲା ଓ ପୃଷ୍ଠପୋଷକତା ଲାଭ କରୁଥିଲା । ବିନ୍ଧ୍ୟାଟବୀ ସାମ୍ରାଜ୍ୟର ଶାସନକର୍ତ୍ତା ମହାରାଜ ଶତ୍ରୁଭଞ୍ଜଙ୍କ ଅଶନପାଟ ଶିଳାଲେଖରୁ ଉପଲବ୍ଧ ହୁଏ ଯେ, ଯାଜପୁରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜୈନଧର୍ମ ବଞ୍ଚି ରହିଥିଲା ଓ ଯଥେଷ୍ଟ ସଂକୁଚିତ ଭାବରେ ପ୍ରସାରିତ ଥିଲା । ଯାଜପୁର ଶାସକ ମହାରାଜ ଶମ୍ଭୁଯଶଙ୍କ ସୋରୋ ତାମ୍ରଶାସନରୁ ଉପଲବ୍ଧ ହୁଏ ଯେ, ୬ଷ୍ଠ/୭ମ ଶତାବ୍ଦୀରେ ସେ ପ୍ରାଚୀନ ଯାଜପୁର ଅଞ୍ଚଳରେ ଜୈନଧର୍ମର ପୃଷ୍ଠପୋଷକତା କରୁଥିଲେ । ଶମ୍ଭୁଯଶ ଖ୍ରୀ ୫୮୦ ରୁ ଖ୍ରୀ ୬୩୦ ମଧ୍ୟରେ ଯାଜପୁର ଅଞ୍ଚଳର ଶାସନକର୍ତ୍ତା ଥିଲେ ।

–ହର୍ଷବର୍ଦ୍ଧନ ବେହେରା, ଯାଜପୁର

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର ପରେ ଲୁଟ୍

କୋରେଇ, ୨୪।୧୧ (ସ୍ୱ.ପ୍ର): କୋରେଇ ଥାନା ଅଧୀନ ମଥୁରାପୁର ଗ୍ରାମର ଆନନ୍ଦ ଜେନାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳୀଙ୍କୁ ମଥୁରାପୁର ବ୍ରିଜ୍ ନିକଟରେ ରବିବାର ୮ଜଣ ଦୁର୍ବୃତ୍ତ ଦୁର୍ବ୍ୟବହାର କରିବା ସହ ତାଙ୍କଠାରୁ ୧୫ ଶହ ଟଙ୍କା ଛଡ଼ାଇ ନେଇଛନ୍ତି। ଏ ନେଇ ପୁଷ୍ପାଞ୍ଜଳୀ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨୭୩/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପୁଷ୍ପାଞ୍ଜଳୀ ବ୍ରିଜ୍ ନିକଟରେ ଯାଉଥିବା ବେଳେ ଜମ୍ପୁରା ଗ୍ରାମର ପ୍ରଶାନ୍ତ ସେନାପତି, ଦେବେନ୍ଦ୍ର ହାତୀ, ଅମୂଲ୍ୟ ହାତି, ମନୋଜ ମଳିକ ଓ ଅନ୍ୟ ୪ ଜଣ ଯୁବକ ତାଙ୍କୁ ଅଶ୍ଳୀଳ ଇଙ୍ଗୀତ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ପୁଷ୍ପାଞ୍ଜଳୀଙ୍କଠାରୁ ୧୫ଶହ ଟଙ୍କା ଛଡ଼ାଇ ଦେଇଥିଲେ ବୋଲି ପୁଷ୍ପାଞ୍ଜଳୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

### ଚୋରି ବାଇକ ଜବତ, ୩ କୋର୍ଟ ଚାଲାଣ

ରସୁଲପୁର/ଧର୍ମଶାଳା,୨୪।୧୧ (ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରୁ ଗତ ୧୭ ତାରିଖରେ ଏକ ବାଇକ୍ ଚୋରି ଘଟଣାରେ ରବିବାର ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମଙ୍ଗଳପୁର ଥାନା ଅନ୍ତର୍ଗତ କଟିକଟା ଗ୍ରାମର ସେକ୍ ସଲିମ ଓରଫ ରାଜୁ(୪୦), ବ୍ରହ୍ମବରଦା ଫାଣ୍ଡି ମହେଶ୍ୱରପୁର ପଞ୍ଚାୟତ ଚାନ୍ଦିପୁର ଗ୍ରାମର ସେକ୍ ଇବ୍ରାମ୍(୨୪) ଓ ସେକ୍ କାଲୋସେଫ ସହିଦ୍(୧୯)। ସେକ୍ ତାହିରାଙ୍କ ଘର ବାହାରୁ ୧୭ ତାରିଖ ରାତିରେ ତାଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ୧୯ ତାରିଖରେ ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୩୮/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ତେବେ ଶନିବାର ଚୋରି ବାଇକ୍ଟି ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳରେ ବିକ୍ରି ହୋଇଥିବା ନେଇ କୌଣସି ସୂତ୍ରରୁ ପୋଲିସ ଜାଣିବାକୁ ପାଇ ଚଢ଼ାଉ କରିଥିଲା। ଚଢ଼ାଉବେଳେ ବାଇକ୍କୁ କିଣିଥିବା ମଙ୍ଗଳପୁର ଥାନା ଅନ୍ତର୍ଗତ କଟିକଟା ଗ୍ରାମର ସେକ୍ ସଲିମ, ଇବ୍ରାମ୍ ଓ କାଲୋସେଫଙ୍କୁ ଗିରଫ କରିଥିଲା। ଏଥିସହ ବାଇକ୍ ଜବତ କରିବାକୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ଚାନ୍ଦିପୁର ଗ୍ରାମର ସେକ୍ ଆଜାର ଫେରାର ଅଛି ବୋଲି ଜଣାପଡିଛି।

### ଉଦୟଗିରିରେ ବିଶ୍ୱ ଐତିହ୍ୟ ସପ୍ତାହ

ଚଣ୍ଡିଖୋଲ,୨୪।୧୧(ଡି.ଏନ୍.ଏ.): ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଭୁବନେଶ୍ୱର ପକ୍ଷରୁ ରବିବାର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଛି। ଭାରତୀୟ ପ୍ରତ୍ନତତ୍ୱ ବିଭାଗର ସହକାରୀ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ପ୍ରତାପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏସ୍ଆଇ୍ର ସହକାରୀ ମୁଖ୍ୟ ନିର୍ଦ୍ଦେଶକ ସୀମାଦ୍ରି ବିହାରୀ ଓତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଜୀବନ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୁଦ୍ଧ ମହୋତ୍ସବ ସମିତିର ଆବାହକ ମହେଶ୍ୱର ବଳ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସୁନ୍ଦର ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଶେଷରେ ନୀଳାଞ୍ଚଳ ଗୌଡ଼ ଧନ୍ୟବାଦ ଦେଇଥିଲେ।

### ତହସିଲ ପକ୍ଷରୁ ଚଢ଼ାଉ; ୨ ଟ୍ରାକ୍ଟର, ହାଇୱା ଜବତ

ଧର୍ମଶାଳା/ଚଢେଇଧରା,୨୪।୧୨ (ଡି.ଏନ୍.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ବାଘୁଆ ଓ ଅଞ୍ଜିରା କଳାପଥର ଖାଦାନରେ ତହସିଲ ପକ୍ଷରୁ ରବିବାର ଚଢ଼ାଉ କରାଯାଇ ୨ ଟ୍ରାକ୍ଟର ଜବତ କରାଯାଇଛି। ସେହିପରି ୫୩ ନମ୍ବର ଜାତୀୟ ରାଜପଥ ବାଲିସାହି ଛକରୁ ୨ ହାଇୱା ଜବତ କରାଯାଇଛି। ବଳରାମପୁର ଆର୍ଆଇ ସୁଶାନ୍ତ କୁମାର ସ୍ୱାଇଁ, ନେଉଳପୁର ଆରଆଇ ମନୋଜ ମହାନ୍ତି, ନାକପୋଲ ଏଆର୍ଆଇ ଚନ୍ଦନ ସାହୁ ଓ ପୋଲିସ ଟିମ୍ ସହ ଚଢ଼ାଉ କରିଥିଲେ। ଜବତ ଗାଡିଗୁଡିକ ଚଢେଇଧରା ଫାଣ୍ଡିରେ ଅଟକ ରଖାଯାଇଛି। ଗୁଡିକଠାରୁ ଲକ୍ଷାଧିକ ଟଙ୍କା ଆଦାୟ ହେବା ବୋଲି ଅତିରିକ୍ତ ତହସିଲଦାର ଦେବୀ ପ୍ରଶନ୍ନ ମହାନ୍ତି ସୂଚନା ଦେଇଛନ୍ତି।

## ଡାକ୍ତର ନିଯୁକ୍ତି ଦାବିରେ ଧାରଣା

କୋରେଇ, ୨୪।୧୧ (ସ୍ୱ.ପ୍ର.)



ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବରିଷ୍ଠ ନାଗରିକମାନେ ଧାରଣା ଦେଇଛନ୍ତି ।

**କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ଡାକ୍ତର ଅଭାବ ଥିବା ବେଳେ ଦୀର୍ଘଦିନ ହେବ ରୋଗୀ କଲ୍ୟାଣ ବୈଠକ ମଧ୍ୟ ବସୁନାହିଁ। ଏଥିଯୋଗୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଏହା ଅଧୀନରେ ଥିବା (ପାଣିକୋଇଲି, ମସୁଦପୁର, ଶଙ୍ଖଚିଲା, ପଚ୍ଛିକୋଟ, ବରୁଣ୍ଡାଇ ଓ ଦୁଲାଖାପାଟଣା) ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ୯ ବିଶେଷଜ୍ଞ ନିଯୁକ୍ତ ହେବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ଜଣେ ହେଲେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରୁ ହୋମିଓପାଥିକ ଓ ଆୟୁର୍ବେଦିକ ଡାକ୍ତର ପାଳି କରି ଆସୁଛନ୍ତି। ଅନେକ ସମୟରେ ଡାକ୍ତର ନ ଥିବାରୁ ସେମାନଙ୍କୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରିଦିଆଯାଉଛି। ଏହାର ସମାଧାନ ଦାବିରେ କୋରେଇ ଅଞ୍ଚଳର ବରିଷ୍ଠ ନାଗରିକମାନେ ରବିବାର କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆବାହକ ପୁରସ୍ତମ ଦାସ ପ୍ରକାଶ କରିଛନ୍ତି। ସଚ୍ଚିଦାନନ୍ଦ ରାଉତ, ଅଥୟ କୁମାର ମହାନ୍ତି, ସୁବାସ ଧଳ, କାହ୍ନୁ ଚରଣ ନାଥ, ମହେନ୍ଦ୍ର କୁମାର ମହାନ୍ତି, ନୃସିଂହ ଚରଣ ମୁଦୁଲି, ଭିକାରୀ ଚରଣ ସାହୁ, ପ୍ରଭାକର ବେହେରା, କେଶବ ବାରିକ, ମହମ୍ମଦ ରଫିକ, ମମତାଜ ଅଲ୍ଲୀ, ଅଖିଳ ନାଥ, ମନୋରଞ୍ଜନ ସାହୁଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଧାରଣାରେ ସାମିଲ ହୋଇଛନ୍ତି।

## ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା

ଯାଜପୁର ଟାଉନ, ୨୪।୧୧ (ଡି.ଏନ୍.ଏ.)

ଯାଜପୁର ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ବାଳାଶ୍ରମ ପଡିଆରେ ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଫିଜିଓଥେରାପିଷ୍ଟ ଦେବୀ ପ୍ରସନ୍ନ ସାମଲ, ଜାତୀୟସ୍ତରର ଦିବ୍ୟାଙ୍ଗ କ୍ରୀଡାବିତ ରତିକାନ୍ତ ରାଉତ ଓ ଦେବାମୃତ ସାହୁ ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ । ଶେଷରେ ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା ।

## କେଡିଏମ କ୍ରିକେଟ: କ୍ଷେତ୍ରପାଳ, ଆରୁହା ବିଜୟୀ

ଧର୍ମଶାଳା,୨୪।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ପଞ୍ଚମ କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ କ୍ଷେତ୍ରପାଳ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆରୁହା ବିଜୟୀ ହୋଇଛି। ଥାନୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରୁ ୧୨.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୫୦ ରନ୍ କରିଥିଲା। ଜବାବରେ କ୍ଷେତ୍ରପାଳ ବ୍ୟାଟିଂକରି ୧୦.୩ ଓଭର୍‌ରେ ୩ ଉଇକେଟ୍ ହରାଇ ୫୧ ରନ କରି ବିଜୟୀ ହୋଇଥିଲା। ଶୁଭାଶିଷ ଦାସ ଓ ସିଦ୍ଧାର୍ଥ ମହାନ୍ତି ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟାର୍ଦ୍ଧରେ ପାଖର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ୍ ହରାଇ ୮୮ରନ୍ ସଂଗ୍ରହ କରିଥିଲା। ଜବାବରେ ଆରୁହା ୯.୪ ଓଭର୍‌ରେ ୪ ଉଇକେଟ୍ ହରାଇ ୯୩ ରନ୍ କରି ବିଜୟୀ ହୋଇଥିଲା। ରଞ୍ଜନ ପାଳ ଓ ଅବନୀ ସାମଲ ଖେଳ ପରିଚାଳନ କରିଥିଲେ। ସୋମବାର ହରିଦାସପୁର ସହିତ କଣ୍ଟିଗଡିଆ ଓ ଗଙ୍ଗାଧରପୁର ସହିତ ଭାବାନୀପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବା ନେଇ ଫାଉଣ୍ଡେଶନର ଉପାଧ୍ୟକ୍ଷ ରଶ୍ମି ରଞ୍ଜନ ରାୟ ସୂଚନା ଦେଇଛନ୍ତି।

## ଭାଜପା ମଣ୍ଡଳ ସଭାପତି ନିର୍ବାଚିତ

ସିଂହପୁର,୨୪।୧୧(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆ ମଠ ପ୍ରାଙ୍ଗଣରେ ୨୮ ନ.° ଜୋନ୍‌ର ମଣ୍ଡଳ ସଭାପତି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭାଜପା ନେତ୍ରୀ ବବିତା ମଲିକଙ୍କ ଉପସ୍ଥିତିରେ ମଦନ ମୋହନ ଜେନାଙ୍କୁ ୨୮ ନଂ ଜୋନ୍‌ର ମଣ୍ଡଳ ସଭାପତି ଭାବେ ନିର୍ବାଚିତ କରାଯାଇଛି। ସେହିପରି ରାଜକିଶୋର ନାୟକଙ୍କୁ ମଣ୍ଡଳ ପ୍ରତିନିଧି ଭାବେ ଜିଲା କାର୍ଯ୍ୟକାରୀକୁ ନିର୍ବାଚିତ କରାଯାଇଛି। ଭାଜପା ନେତା ନିରଞ୍ଜନ ବେଉରିଆ, କୃଷ୍ଣଚନ୍ଦ୍ର ଭୂୟାଁ, ଶିବ ପ୍ରସାଦ ଧଳ, ଶିଶିର ଦାସ, ଘନଶ୍ୟାମ ନାୟକ, ରମଣି ରଞ୍ଜନ ନାୟକ, ବିଜୟ ନାୟକ, ଶ୍ରୀଧର ଜେନା, ଭୀମସେନ ସାହୁ, କମଳାକାନ୍ତ ମଲିକ, ଅସିତ ସାହୁ, ରବୀନ୍ଦ୍ର ବାରିକ, ଦେବେନ୍ଦ୍ର ସାମଲ, ମନୋଜ ଜେନା ବୈଠକରେ ଉପସ୍ଥିତ ଥିଲେ।

## କୃଷି ଅଧିକାରୀଙ୍କ ଜୈବିକ ଚାଷ ପରିଦର୍ଶନ

ଯାଜପୁର ଟାଉନ, ୨୪।୧୧ (ଡି.ଏନ୍.ଏ.)

ଯାଜପୁର ବ୍ଲକ ଅନ୍ତର୍ଗତ ପଞ୍ଚୁବଟୀରେ ଏକ ଜୈବିକ ଚାଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ଉପ କୃଷି ନିର୍ଦ୍ଦେଶକ ଶରତ ଚନ୍ଦ୍ର ପୃଷ୍ଟି ଓ ରୋଗପୋକ ବିଶେଷଜ୍ଞ ଶ୍ରୀଧର ଦାସ ମିଳିତ ଭାବେ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କଳାବତୀରେ ଯଯାତି କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ଜୈବିକ ପଦ୍ଧତିରେ କରାଯାଇଥିବା ଧାନ ଚାଷ କ୍ଷେତକୁ ସେମାନେ ପରିଦର୍ଶନ କରି ପ୍ରଶଂସା କରିଥିଲେ । ଆଗାମୀ ଦିନରେ ଜୈବିକ ଚାଷ ପ୍ରଣାଳୀର ବ୍ୟାପକ ବ୍ୟବହାର ଉପରେ କୃଷି ବିଭାଗ ପକ୍ଷରୁ ଅଗ୍ରାଧିକାର ଦିଆଯିବ ବୋଲି ସେମାନେ କହିଥିଲେ । କୃଷି ଅଧିକାରୀଙ୍କ ଏହି ଗସ୍ତ ସମୟରେ ବିଜୟ କୁମାର ଜେନା, ଗଙ୍ଗାଧର ନାୟକ, ଅକ୍ଷୟ କୁମାର ଦାସ, ନିରାକାର ସାହୁ, ଶ୍ରୀଧର ସାହୁ ଓ ଲକ୍ଷ୍ମୀନାରାୟଣ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ।

## ବିଶ୍ୱ ମୁସଲିମ୍ ସମ୍ମିଳନୀର କାର୍ଯ୍ୟଧାରାକୁ ବିରୋଧ

ଯାଜପୁର ଟାଉନ, ୨୪।୧୧ (ଡି.ଏନ୍.ଏ.)

ଯାଜପୁର ଜିଲାର ବ୍ରହ୍ମବରଦାରେ ଆଗାମୀ ଫେବୃୟାରୀ ୨୮ ରୁ ବିଶ୍ୱ ମୁସଲିମ୍ ସମ୍ମିଳନୀ ଆୟୋଜନ କରାଯାଉଛି ।
୩ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାର କାର୍ଯ୍ୟଧାରା ଉପରେ ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଯାଜପୁର ସଦର କବୀରପୁର ଶିଶୁ ମନ୍ଦିର ପରିସରରେ ଏକ ବୈଠକ ଆୟୋଜନ କରାଯାଇଥିଲା । ବୈଠକରେ ସମ୍ମିଳନୀକୁ ବିରୋଧ କରାଯାଇ ନ ଥିବା ବେଳେ ଏହାର କାର୍ଯ୍ୟଧାରାକୁ ବିରୋଧ କରାଯାଇଛି । ଏଥିରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପଣ୍ଡା, କେନ୍ଦ୍ରାପଡ଼ା ବିଭାଗ ସଭାପତି ଅଗଣି ଚରଣ ମିଶ୍ରଙ୍କ ସମେତ ବଜରଙ୍ଗ ଦଳର ମାର୍ଗ ଦର୍ଶକ ଅରବିନ୍ଦ ଦାସ, ଅକ୍ଷୟ ବଳ, ପ୍ରଭାତ ମଲ୍ଲିକ, ଦୋଳଗୋବିନ୍ଦ ଜେନା ଓ ବିନୋଦ କୁମାର ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ୧୯୯୬ରେ ବ୍ରହ୍ମବରଦାରେ ଏକ ବିଶ୍ୱ ମୁସଲିମ୍ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସେତେବେଳେ ହିନ୍ଦୁ ସଂଗଠନ ପକ୍ଷରୁ ଏହାର କାର୍ଯ୍ୟାଧାରକୁ ବିରୋଧ କରାଯାଇଥିଲା । ସମ୍ମିଳନୀରେ ଆଗନ୍ତୁକମାନଙ୍କ ଏଚ୍ଆଇଭି ପରୀକ୍ଷା, ଗୋହତ୍ୟା ବାରଣ, ଧର୍ମାନ୍ତରୀକରଣ ନ କରାଇବା ଓ ହିନ୍ଦୁ ଧର୍ମ ବିରୋଧରେ ଭାଷଣବାଜି ବନ୍ଦ କରିବା ପାଇଁ ହିନ୍ଦୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା । ଶେଷରେ ପ୍ରଶାସନ ଏହି ଦାବି ମାନିନେଇଥିଲା । ଏବେ ହେବାକୁ ଥିବା ଏହି ମୁସଲିମ୍ ସମ୍ମିଳନୀରେ ମଧ୍ୟ ଏଭଳି କାର୍ଯ୍ୟଧାରାକୁ ବିରୋଧ କରିବା ପାଇଁ ହିନ୍ଦୁ ସଂଗଠନ ପକ୍ଷରୁ ସ୍ଥିର କରାଯାଇଛି ।

### କ୍ରୋମାଇଟ୍ ଖଣିରେ ଟ୍ରକ୍ ମାଲିକ ଶୋଷଣର ଶିକାର ଅଭିଯୋଗ

## ପରିବହନ ଠିକାଦାରଙ୍କ ମନଇଚ୍ଛା ଭଡ଼ା ପ୍ରଦାନକୁ ବିରୋଧ

କାଳିଆପାଣି,୨୪।୧୧(ଡି.ଏନ୍.ଏ.)

କ୍ରେମାଇଟ ଖଣି ଅଞ୍ଚଳରେ ପରିବହନ ଭଡା କମାଇ ଦିଆଯାଉଥିବାରୁ ଟ୍ରକ୍ ମାଲିକମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟତଃ ଟାଟା ଖଣିରେ ନିୟୋଜିତ ଏକଜିମ ପରିବହନ ସଂସ୍ଥା ଏପରି ଶୋଷଣ କରୁଥିବା ବହୁ ଟ୍ରକ୍‌ମାଲିକ କିଛିଦିନ ତଳେ ଟାଟା ପରିବହନ ପରିଚାଳକ ଅନଙ୍ଗ ଉଦୟ ମାହନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୮ ଜାନୁୟାରୀ ୧୫ରେ ୬୬ ଟଙ୍କା ଡିଜେଲ ଦର ରହିଥିବା ବେଳେ ଟାଟାରୁ ବ୍ରାହ୍ମଣିପାଳ ବର୍ଦ୍ଧିତ ଭଡ଼ା ୫୬୬ ଟଙ୍କା ଧାର୍ଯ୍ୟ ହୋଇଥିଲା। ଏହି କ୍ରମରେ ଡିଜେଲ ଦର ଏବେ ୭୧.୩୦ ପଇସା ରହିଥିବାରୁ ୧୮ ଟଙ୍କା ଅଧିକ ଭଡ଼ା ପ୍ରଦାନ କରାଯାଉଛି। ତେବେ ଏକଜିମ ପରିବହନ ସଂସ୍ଥା ୫୮୪ ଟଙ୍କା ଭଡ଼ା ପ୍ରଦାନ କରିବା ବଦଳରେ ୪୯୦ ଟଙ୍କା ଦେଉଥିବା ମାଲିକମାନେ ଅଭିଯୋଗ କରିବା ସମ୍ପର୍କରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିବହନ ପରିଚାଳକ ମୋହନା ପ୍ରତିଶ୍ରୁତି ଦେଇଥିବା ଟ୍ରକ୍ ମାଲିକମାନେ କହିଛନ୍ତି।

ଖଣି ଅଞ୍ଚଳକୁ କ୍ରୋମାଇଟ୍ ପରିବହନ ପାଇଁ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ୨ ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍ ଆସୁଥିବାବେଳେ ଅଧିକାଂଶ ବାହାର ରାଜ୍ୟର ହୋଇଥାଏ। ଖଣିରେ କ୍ରୋମାଇଟ ପରିବହନ ପାଇଁ ଖଣି ମାଲିକମାନେ ନିର୍ଦ୍ଧାରିତ ଭଡ଼ା ଧାର୍ଯ୍ୟ କରିଛନ୍ତି। କିନ୍ତୁ ପରିବହନ କରିବା ନିମନ୍ତେ ଖଣିରେ ନିଯୁକ୍ତି ପାଇଥିବା ଠିକାଦାର ନିର୍ଦ୍ଧାରିତ ଭଡ଼ା ଟଙ୍କାଠାରୁ କମ୍ କରି ପ୍ରଦାନ କରୁଛନ୍ତି। ଅପରପକ୍ଷେ କ୍ରୋମାଇଟ ପରିବହନ କରି ଭଡ଼ା ନେବା ବେଳକୁ ନିର୍ଦ୍ଧାରିତ ଦରଠାରୁ ୫୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ଟନ୍‌ରେ ପରିବହନ ସଂସ୍ଥା କାଟି କରି କମ୍ ଦେଉଛି। ମୁଖ୍ୟତଃ ଟାଟା ଖଣିରେ ନିୟୋଜିତ ଏକଜିମ ପରିବହନ ସଂସ୍ଥା ଏପରି ଶୋଷଣ କରୁଥିବା ବହୁ ମାଲିକ ଅଭିଯୋଗ ଆଣିଛନ୍ତି। କ୍ରୋମାଇଟ୍ ଲୋଡିଂରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ ହେବା ପରେ ସ୍ଥାନୀୟ ଟ୍ରକ୍ ମାଲିକ ଲୋଡିଂ କ୍ଷେତ୍ରରେ ବିଶେଷ ସୁବିଧା ପାଉ ନ ଥିବାବେଳେ ପରିବହନ ଠିକାଦାର ଟ୍ରକ୍ ମାଲିକଙ୍କୁ ବିନା ଅଗ୍ରିମରେ ପରିବହନ କରାଇବାକୁ ବାଧ୍ୟ କରୁଛନ୍ତି। ଏଥିସହ ଗାଡି ମାଲିକଙ୍କର ପ୍ରାପ୍ୟ ଭଡ଼ା ପୈଠ କରିବାରେ ବିଳମ୍ବ କରୁଛନ୍ତି। ଆହୁରି ମଧ୍ୟ ଟ୍ରକ୍‌ଗୁଡ଼ିକରୁ ଅନେକ ସମୟରେ ମାଲ୍ କମ୍ ଥିବା ଦର୍ଶାଇ ଭଡ଼ାରୁ ଟଙ୍କା କାଟି ଦିଆଯାଉଛି । ଫଳରେ ଗାଡିମାଲିକ ଟ୍ରିପ୍ ପିଛା ୧ରୁ ୨ ହଜାର ଟଙ୍କା କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେବେ ୨୦୧୧ରେ ଆବଶ୍ୟକତା ଠାରୁ ଯଥେଷ୍ଟ କମ୍ ହେଲେ ବି ପରିବହନ ଦର ବୃଦ୍ଧି ହୋଇଛି। ତେବେ ବାରମ୍ବାର ତୈଳ ଏବଂ ଯନ୍ତ୍ରପାତି ଦର ବଢ଼ିବାରୁ ଟ୍ରକ୍ ମାଲିକମାନେ ପୁନର୍ବାର ପରିବହନ ଦରବୃଦ୍ଧି ନିମନ୍ତେ ଦାବି କରିଥିଲେ। ଏହାକୁ ନେଇ ୨୦୧୭ ଏପ୍ରିଲ ୧୧ରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ନେତୃତ୍ୱରେ ଟ୍ରକ୍ ମାଲିକ ସଂଘକୁ ନେଇ ଏକ ବୈଠକ ପରେ ପରିବହନ ଦର ବୃଦ୍ଧି କରାଯାଇଥିଲା। ଏବେ ଟ୍ରକ୍ ମାଲିକ ସଂଘ ନିଷ୍କ୍ରିୟ ହୋଇଥିବା ବେଳେ ଏହାର ସୁଯୋଗରେ ସୁକିନ୍ଦା କ୍ରୋମ ଖଣି ଉପତ୍ୟକାରୁ ମାଲ ପରିବହନ ନିମନ୍ତେ ନିଯୁକ୍ତ ପରିବହନ ଠିକାଦାରଙ୍କର ଶୋଷଣ ଚରମ ସୀମାରେ ପହଞ୍ଚିଥିବା ଚର୍ଚ୍ଚା ହେଉଛି।

**ସଂକ୍ଷେପରେ**

## ହାତୀପଲଙ୍କ ଉପଦ୍ରବ, ଧାନଫସଲ ନଷ୍ଟ

**ଦଶପଲ୍ଲା,୨୪।୧୧(ଡି.ଏନ୍.ଏ.):** ଦଶପଲ୍ଲା ବନାଞ୍ଚଳର ଚଡ଼େୟାପଲ୍ଲୀ ଓ ପୋଖରୀଗୋଚ୍ଛା ସଂରକ୍ଷିତ ଜଙ୍ଗଲରେ ୧୩ଟି ହାତୀ ଡେରା ପକାଇଛନ୍ତି। ହାତୀପଲ ସନ୍ଧ୍ୟା ହେଲେ ନିକଟସ୍ଥ ଧାନକ୍ଷେତକୁ ଆସି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଜଙ୍ଗଲରେ ଖାଦ୍ୟାଭାବ ଏବଂ ବର୍ତ୍ତମାନ ଧାନ ପାଚିବା ସମୟ ହୋଇଥିବାରୁ ହାତୀମାନେ ୨ଟି ଦଳରେ ଆସି ଚଡ଼େୟାପଲ୍ଲୀ ଓ ପୋଖରୀଗୋଚ୍ଛା ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଉଛନ୍ତି। ବନ ବିଭାଗ ରେଞ୍ଜ ଅଫିସରଙ୍କ କହିବା ଅନୁଯାୟୀ ଏହା ଉପରେ ଦୃଷ୍ଟି ରଖାଯିବା ସହ ହାତୀମାନଙ୍କୁ ଜଙ୍ଗଲ ମଧକୁ ଘଉଡାଇବା ପାଇଁ ଚେଷ୍ଟା ଜାରି ରହିଛି। କ୍ଷୟକ୍ଷତି ଆକଳନ ପରେ ସରକାରଙ୍କୁ ଜଣାଇ ଦିଆଯିବ।

## ତୃତୀୟ ନୟନ ପକ୍ଷରୁ ନାଟକ ମାୟାମନୀଷା ପ୍ରଦର୍ଶିତ

**ନୟାଗଡ଼ ଅଫିସ,୨୪।୧୧:** ତୃତୀୟ ନୟନ ନାଟକ ସଂସ୍ଥା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ସଂସ୍ଥାର ପ୍ରଥମ ନାଟକ ମାୟାମନୀଷା ପ୍ରଦର୍ଶିତ ହୋଇଯାଇଛି। ନାଟ୍ୟକାର ବିଶ୍ୱନାଥ ମହାପାତ୍ରଙ୍କ ଲିଖିତ ଓ ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀଙ୍କ ନର୍ଦ୍ଦେଶିତ ଏହି ନାଟକକୁ ପୂର୍ବତନ ଏମ୍‌ପି ଶିବାଜୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପ୍ରମୋଦ ପଟ୍ଟନାୟକ ଯୋଗଦେଇଥିଲେ। ବୌଦ୍ଧିକ ମାନସିକତା ଯେତେବେଳେ ମାୟାବର୍ତ୍ତରେ ଦିଗହରା ହୁଏ ସେତେବେଳେ ମଣିଷ କିପରି ଅମଣିଷ ହୁଏ, ଭୋକ ସାଙ୍ଗରେ ହିଂସ୍ରତା ମିଶିଗଲେ ତାହା ବାଘ ପାଲଟିଯାଏ ଏହି ବାର୍ତ୍ତାକୁ ବହନ କରିଥିବା ନାଟକ ମାୟାମନୀଷା ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିଲା। ସହଯୋଗୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ମାଷ୍ଟର କାଳିଆ ସହଯୋଗ କରିଥିଲେ।

## ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ପୁରୀ ଅଫିସ, ୨୪।୧୧:** ପୁରୀ ହ୍ୟାଣ୍ଡବଲ୍ ଆସୋସିଏଶନ ଆନୁକୂଲ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚାଲିଥିବା ରାଜ୍ୟ ଜୁନିୟର ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷରେ ଯାଜପୁର ଓ ମହିଳାରେ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଇଂ. ସୁବ୍ରତ ଦାଶ, କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜି.ଏନ୍. ମହାନ୍ତି, ଯୋଗ ଦେଇଥିଲେ। ଆସୋସିଏଶନର ଜିଲା ସଭାପତି କାମରାଜ ସେନାପତି, ସମ୍ପାଦକ ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜକିଶୋର ମହାନ୍ତି, ଦେବଦତ୍ତ ମହାପାତ୍ର, ସବ୍ୟସାଚୀ ରଥ, ରଞ୍ଜିତ ମିଶ୍ର, ଅଭିମନ୍ୟୁ ଶତପଥୀ, ଅର୍ଣ୍ଣବ ସିହ୍ନା, ସତ୍ୟବ୍ରତ ଷଡ଼ଙ୍ଗୀ ମହାଶ୍ୱେତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କଥାକାର ରାଜ କିଶୋର ରାୟଙ୍କ ଜୟନ୍ତୀ

**ପୁରୀ ଅଫିସ,୨୪।୧୧:** ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଅନ୍ୱେଷଣ ପ୍ରକାଶନୀର ମିଳିତ ଆନୁକୂଲ୍ୟରେ ଶନିବାର କଥାକାର ରାଜକିଶୋର ରାୟଙ୍କ ଜୟନ୍ତୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ହରିହର ମିଶ୍ର ଉଦ୍‌ଘାଟକ, ସାହିତ୍ୟିକ ଅଧାପକ ବିଶ୍ୱରଞ୍ଜନ ମୁଖ୍ୟ ଅତିଥି, ଏକାଡେମୀ ସଦସ୍ୟ ଡ. ସୁରେନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାଷାବିତ୍ କୈଳାସ ଟିକାୟତରାୟ ସଭାପତିତ୍ୱ ଏବଂ ଡ. ଚାରୁବାଳା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ବିଶ୍ୱରଞ୍ଜନଙ୍କୁ ରାଜକିଶୋର ରାୟ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏକାଡେମୀ ପକ୍ଷରୁ ରାଜକିଶୋରଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ନାରାୟଣ ପ୍ରଧାନ ସଙ୍ଗୀତ ପରିବେଷଣ କରିଥିବାବେଳେ ମାଳବିକା ରାୟ, ଶ୍ୟାମପ୍ରକାଶ ସେନାପତି, ବିପିନ ବିହାରୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

■ ଜବରଦଖଲରେ ସରକାରୀ ଜାଗା

# ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମବାସୀ

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.)**


ରାସ୍ତା ଅବରୋଧ ଯୋଗୁ ଯାନବାହନ ଅଟକି ରହିଛି।

ଖଣ୍ଡପଡ଼ା ତହସିଲ ଅଧୀନ ବଡବାଣପୁର ପଞ୍ଚାୟତ ରତନପୁର ଗ୍ରାମରେ ଥିବା କିଛି ସରକାରୀ ଜାଗାକୁ କେତେକ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ବାସଗୃହ ନିର୍ମାଣ କରିଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ପାଇନାହାନ୍ତି। ଏପରିସ୍ଥଳେ ଆଉ

**ବୁଝାଶୁଝା ପରେ ରାସ୍ତାରୋକୋ ପ୍ରତ୍ୟାହୃତ**

କେତେକ ଲୋକ ସରକାରୀ ଜାଗାରେ ସ୍ଥାୟୀ ବାସଗୃହ ନିର୍ମାଣ ନିମନ୍ତେ ଉଦ୍ୟମ ଚଳାଇଛନ୍ତି। ଏହାକୁ କେନ୍ଦ୍ର କରି ରତନପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ସରକାରୀ ଜାଗାରୁ ଜବର ଦଖଲକାରୀଙ୍କୁ ତୁରନ୍ତ ହଟାଇବା ଦାବିରେ ଗ୍ରାମବାସୀ ଶନିବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଗ୍ରାମର ଶତାଧିକ ମହିଳାପୁରୁଷ ରତନପୁର ଗ୍ରାମଠାରେ ଦୀର୍ଘ ୨ଘଣ୍ଟା ଧରି କଣ୍ଟିଲୋ-ଗଣିଆ ୪୮ନଂ. ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକିରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ଖବର ପାଇ ଖଣ୍ଡପଡ଼ା ପୋଲିସ ଏସଡିପିଓ ଶ୍ରୀନିବାସ ମହାନ୍ତି ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିଲେ। ଅନ୍ୟପକ୍ଷରେ ସରକାରୀ ଜାଗାରୁ ଜବର ଦଖଲକାରୀଙ୍କୁ ହଟାଇବା ନିମନ୍ତେ ବାଣପୁର ସରପଞ୍ଚ ପ୍ରଦୀପ କୁମାର କର ଖଣ୍ଡପଡ଼ା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସରପଞ୍ଚ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ୨ଟି ସରକାରୀ ରାସ୍ତାକୁ ଜବରଦଖଲକାରୀ ନିଜ ଅକ୍ତିଆରରେ ରଖିଛନ୍ତି। ଫଳରେ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର ସତ୍ତ୍ୱେ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଏଥିଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଖଣ୍ଡପଡ଼ା ସହକାରୀ ଦୌରାଜଜ୍‌ଙ୍କ ନୂତନ ଅଦାଲତ ଉଦ୍‌ଘାଟିତ

**ଖଣ୍ଡପଡ଼ା,୨୪।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍‌ଙ୍କ ନୂତନ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ପ୍ରତାପ କୁମାର ପାତ୍ର, ଜିଲା ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ, ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଖଣ୍ଡପଡା ସହକାରୀ ଦୌରାଜଜ୍ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ବିଭୁଦତ୍ତ ନାୟକ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନସ୍ୱିନୀ ରଥ ଉପସ୍ଥିତ ଥିଲେ । ଖଣ୍ଡପଡା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ଦାଶ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲା ବେଳେ ସମ୍ପାଦକ ସଂଗ୍ରାମ କେଶରୀ ମିଶ୍ର ବିବରଣୀ ପାଠ କରିଥିଲେ । ଏ ଅବସରରେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ବାସୁଦେବ ରଥ ଓ ଜଗବନ୍ଧୁ ପଣ୍ଡାଙ୍କୁ ମୁଖ୍ୟଅତିଥି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରିଙ୍କ ସମେତ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଖଣ୍ଡପଡା ତହସିଲଦାର ପାର୍ଥ ସାରଥି ହାଂସଦା, ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ପ୍ରମୋଦ କୁମାର ନାୟକ, ଫିଡ୍‌କୋ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ସାହାଣୀ, ସରକାରୀ ଓକିଲ ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ପୂର୍ବତନ ସମ୍ପାଦକ ବିକ୍ରମ କେଶରୀ ଦେଓ ଧନ୍ୟବାଦ ଦେଇଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

■ ପୋଲିସକୁ ନ ଜଣାଇ ମହିଳାଙ୍କ ମୃତଦେହ ପୋଡ଼ିଦେବା ଘଟଣା

# ସ୍ୱାମୀ ସମେତ ପରିବାରର ୪ ଗିରଫ

**ଓଡ଼ଗାଁ,୨୪।୧୧(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ଓ ଗୌଡପୁଟ ପଞ୍ଚାୟତ ବନ୍ଧସାହି ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ପୋଲିସକୁ ନ ଜଣାଇ ପୋଡିଦେବା ଅଭିଯୋଗରେ ପୋଲିସ ସ୍ୱାମୀ ସମେତ ପରିବାରର ୪ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ପ୍ରହ୍ଲାଦ ପ୍ରଧାନ, ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦେଢଶୁର ଯୁଧିଷ୍ଠିର ପ୍ରଧାନ ଓ ଦିଅର ରମେଶ ପ୍ରଧାନ। ସୂଚନା ଅନୁସାରେ ପ୍ରହ୍ଲାଦ ୨୦୧୨ରେ ନିକଟସ୍ଥ ଗୁଆନ୍ଦ ଗ୍ରାମରେ ବିବାହ କରିଥିବାବେଳେ ସେମାନଙ୍କ ଦୁଇ ପୁଅ ଅଛନ୍ତି । ହେଲେ ପ୍ରହ୍ଲାଦଙ୍କ ବଡ ଓ ସାନଭାଇର କୌଣସି ସନ୍ତାନ ନ ଥିବାରୁ ସାରା ପରିବାର ପ୍ରହ୍ଲାଦଙ୍କ ସ୍ତ୍ରୀପିଲାଙ୍କୁ କୁଆଡେ ଭଲ ପାଉଥିଲେ। ଏପରିସ୍ଥଳେ କୌଣସି କାରଣରୁ ୧୯ ତାରିଖ ସକାଳେ ପ୍ରହ୍ଲାଦ ନିଜ ସ୍ତ୍ରୀଙ୍କ ଚରିତ୍ର ପ୍ରତି ଆକ୍ଷେପ କରିବାରୁ ଉଭୟଙ୍କ ଭିତରେ ପାଟିତୁଣ୍ଡ ହେବା ପରେ ସେ ନିଜ କାମକୁ ଚାଲିଯାଇଥିଲେ। ଅପରାହ୍ନ ୩ଟାରେ ଘରକୁ ଫେରିବା ପରେ ସ୍ତ୍ରୀଙ୍କୁ ପାଇ ନ ଥିଲେ। ପରେ ନିଜ ଶୋଇବା ଘରେ ଥିବା ଜାଣିପାରି କବାଟ ଖୋଲିଲାବେଳକୁ ତାଙ୍କ ସ୍ତ୍ରୀ ଏକ ଲୁଗା ବେକରେ ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ପରିବାର ଲୋକେ ପୋଲିସକୁ ନ ଜଣାଇ ମୃତା ମହିଳାଙ୍କୁ ତରବରିଆ ଭାବେ ପୋଡ଼ିଦେଇଥିଲେ। ସ୍ଥାନୀୟ ଆଇଆଇସି ମମତା ପତି ସୂଚନା ପାଇ ତୁରନ୍ତ ସ୍ଥାନୀୟ ବିଡିଓ ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ସ୍ୱାତୀଲେଖା ଦାଶଙ୍କ ସହିତ ଶ୍ମଶାନରେ ପହଞ୍ଚିଲାବେଳକୁ ପରିବାର ଲୋକେ ଶବ ପୋଡିଦେଇଥିବା ଦେଖିଥିଲେ। ଏ ନେଇ ଉଭୟ ପରିବାର କିମ୍ବା କୌଣସି ଗ୍ରାମବାସୀ ଖାପ୍ ପଞ୍ଚାୟତର ନିଷ୍ପତ୍ତି କ୍ରମେ କୁଆଡେ ପୋଲିସରେ ଅଭିଯୋଗ କରି ନ ଥିଲେ। ସ୍ଥାନୀୟ ପୋଲିସ ନିଜ ଆଡୁ ଶନିବାର ଏକ ମକଦ୍ଦମା (ନଂ.୨୧୦/୧୯) ରୁଜୁ କରିବା ସହିତ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଶ୍ରୀକୁମାର ରଥ ଓ ସାଇଣ୍ଟିଫିକ୍ ଟିମ୍ ସହିତ ମଶାଣିରୁ ହାଡପାଉଁଶ ଜବତ କରିଥିଲେ। ଏହି ମାମଲାରେ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ମୃତ ମହିଳାଙ୍କ ସ୍ୱାମୀଙ୍କ ସମେତ ପରିବାରର ଅନ୍ୟ ତିନିଜଣଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

## ବେଳାଭୂମିରୁ ଦୃଷ୍ଟିବାଧିତ ଯୁବତୀ ଉଦ୍ଧାର

ଭିକ୍ଷା ବୃତ୍ତି କାର୍ଯ୍ୟରେ ନିୟୋଜିତ କରିଥିଲା ଏକ ସଂସ୍ଥା

**ପୁରୀ ଅଫିସ, ୨୪।୧୧**

ପୁରୀ ବେଳାଭୂମିରେ ଭିକ୍ଷା ବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ଯୁବତୀଙ୍କୁ ରବିବାର ଉଦ୍ଧାର କରାଯାଇଛି। ସତ୍ୟବାଦୀ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏକ ଘରୋଇ ସଂସ୍ଥା ଏହି ଯୁବତୀଙ୍କୁ ଭିକ୍ଷା ବୃତ୍ତିରେ ନିୟୋଜିତ କରିଥିଲା। ଆଇନଜୀବୀ ଚିନ୍ମୟ ଦାଶ ଏହି ସୂଚନା ପାଇ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରି ସମୁଦ୍ରକୂଳ ଥାନାକୁ ହସ୍ତାନ୍ତର କରିଥିଲେ। ଉକ୍ତ ସଂସ୍ଥାର ଜଣେ ସଦସ୍ୟଙ୍କୁ ସେ ପୋଲିସ ଜିମା ଦେଇଥିଲେ। ପୋଲିସ ସମ୍ପୃକ୍ତ ଯୁବତୀଙ୍କୁ ସ୍ୱଧାର ଗୃହ ପଠାଇଛି।

■ ୧୬ତମ ବୋଲଗଡ଼ ମହୋତ୍ସବ ୨୦୧୯

# ସାଧାରଣ ପରିଷଦ ବୈଠକ

**ବୋଲଗଡ଼,୨୪।୧୧(ଡି.ଏନ.ଏ.)**

୧୬ତମ ବୋଲଗଡ଼ ମହୋତ୍ସବ-୨୦୧୯ ଆସନ୍ତା ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଭାରତ ସରକାରଙ୍କ କୋଲକତାସ୍ଥିତ ଇଷ୍ଟର୍ଣ୍ଣ କଲଚୁରାଲ ସେଣ୍ଟର, ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏବଂ ଖୋର୍ଦ୍ଧା ଜିଲା ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ହେଉଛି। ଏହି ଉପଲକ୍ଷେ ରବିବାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ଉପଭୋଗ୍ୟ କରିବା ପାଇଁ ପ୍ରଦର୍ଶନୀ ମଣ୍ଡପରେ ଆଞ୍ଚଳିକ, ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କଳାକାର ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କମିଟି ସାଧାରଣ ସମ୍ପାଦକ ଆଡଭୋକେଟ ବୀର କିଶୋର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, କମିଟି କର୍ମକର୍ତ୍ତା କୃଷ୍ଣ ମୋହନ ପାଲଟାସିଂହ, ବ୍ରଜେନ୍ଦ୍ର ପାଲଟାସିଂହ, ରବୀନ୍ଦ୍ର କୁମାର ପରିଡା, ବିଶ୍ୱଜିତ ସ୍ୱାଇଁ, ନାରାୟଣ ମାର୍ଥା, ମିନକେତନ ପାଟଶାଣୀ, ପାର୍ବତୀକାନ୍ତ ଚମ୍ପତିରାୟ, ନିଲୁ ସାହୁ, ଗଦାଧର ଚମ୍ପତି, ଜୟକୃଷ୍ଣ ଦଳବେହେରାଙ୍କ ସମେତ ବ୍ଲକର ସାମାଜିକ କର୍ମୀ, ଶିକ୍ଷାବିତ୍ ଓ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅତିଥି।

# ଜିଲାସ୍ତରୀୟ ଜୁନିୟର ରେଡକ୍ରସର ଷ୍ଟଡି କ୍ୟାମ୍ପ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଗଣିଆ,୨୪।୧୧(ଡି.ଏନ.ଏ.)**

ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ରବିବାର ୮ମ ଜିଲାସ୍ତରୀୟ ଜୁନିୟର ରେଡକ୍ରସର ଷ୍ଟଡି କ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିଜ୍ଞାନ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଶରତ କୁମାର ସାହୁ ମୁଖ୍ୟଅତିଥି ଓ ଜିଲା ଶିକ୍ଷାଧିକାରୀ ଶିବଶଙ୍କର ପ୍ରଧାନ, ଜିଲା ଜୁନିୟର ରେଡକ୍ରସ ସଙ୍ଗଠକ ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଗଣିଆ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ ଦାଶ, ଶିକ୍ଷାବିତ୍ କୁଳମଣି ବାରିକି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ଏହି ଷ୍ଟଡି କ୍ୟାମ୍ପ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନିଃସ୍ୱାର୍ଥପର ଭାବେ ଲୋକମାନଙ୍କୁ ସାହାଯ୍ୟ କରିବା ସହ ଉତ୍ତମ ସେବା ଯୋଗାଇଦେବା ପାଇଁ ଉତ୍ସାହିତ କରାଯାଉଛି। ଏଥିସହ ପରିବେଶ ସଫାସୁତରା ରଖିବା, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବନ୍ଦ କରିବାକୁ ଜନ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି କ୍ୟାମ୍ପ ମାଧ୍ୟମରେ ଛାତ୍ରୀଛାତ୍ର ସଂସ୍କାରି ହୋଇପାରିବା ସହ ସମାଜର ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବେ ବୋଲି ଅତିଥିମାନେ ମତ ଦେଇଥିଲେ।

## ଆକର୍ଷଣ ସାଜିଲା ଯୋଗ, ସାମୂହିକ ପ୍ରାର୍ଥନା

**ପୁରୀ ଅଫିସ, ୨୪।୧୧**

ସିଂହଦ୍ୱାର ସମ୍ମୁଖରେ ଆକର୍ଷଣ ସାଜିଲା ସାମୂହିକ ପ୍ରାର୍ଥନା। ରବିବାର ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମରେ ସମବେତ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ପରିସର ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରଙ୍କ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ବାବା ରାମଚରଣ ଦାସ ମହାରାଜ, ଡ. ପ୍ରଭାତ ରଞ୍ଜନ ମହାପାତ୍ର ଓ ପଦ୍ମନାଭ ମହାପାତ୍ର ଧର୍ମଗ୍ରନ୍ଥ ପାଠ କରିବା ଅବସରରେ ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଶୁଣାଇ ଏହାର ବ୍ୟାଖ୍ୟା କରିଥିଲେ।

## ଟ୍ରେକିଂ କ୍ଲବ ପକ୍ଷରୁ ବେଳାଭୂମି ସଫେଇ

**ପୁରୀ ଅଫିସ,୨୪।୧୧**

ପୁରୀ ଟ୍ରେକିଂ କ୍ଲବର ସଦସ୍ୟମାନେ ରବିବାର ଲାଇଟ ହାଉସ୍‌ଠାରୁ ବେଳାଭୂମି କୂଳରେ ଚାଲି ଚାଲି ବ୍ରହ୍ମଗିରି ବାଳିହରଚଣ୍ଡୀ ବେଳାଭୂମି ପର୍ଯ୍ୟନ୍ତ ଯାତ୍ରା କରି ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ ମଧୁସୂଦନ ଦାସ, ଭାସ୍କର ପୂଜାରୀ, ପ୍ରତାପ କୁମାର ସାହୁ, ଶିବଶଙ୍କର ପ୍ରଧାନ, ଦେବେନ୍ଦ୍ର ବ୍ରହ୍ମଚାରୀ, ଜୀବେଶ ଚନ୍ଦ୍ର ରଥ, ଡାକ୍ତର ଶରତ ମହାନ୍ତି, ଡାକ୍ତର ଶିବ ସୁନ୍ଦର ସିଂହାରୀ, ବରିଷ୍ଠ ସେବାୟତ ହରିବୋଲ ପୁଷ୍ପାଳକ, ଜୟ ନାରାୟଣ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା, କୃଷ୍ଣପ୍ରସାଦ ଗୁପ୍ତା, ମିତ୍ରଭାନୁ ନାୟକ, ସୁମିତ ପ୍ରଧାନ, ଲକ୍ଷ୍ମୀକାନ୍ତ ମହାନ୍ତି, ଶ୍ୟାମ ସୁନ୍ଦର ମହାସୁଆର, ମଧୁସୂଦନମିଶ୍ର ସାମିଲ ଥିଲେ।

## ଶିବଶକ୍ତି ପୂଜକ ସମାଜର ସମାବେଶ

**ଭାପୁର,୨୪।୧୧(ଡି.ଏନ୍.ଏ.)**

ଭାପୁର ବ୍ଲକ ଫତେଗଡ଼ ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ରବିବାର ଭାପୁର, ଖଣ୍ଡପଡ଼ା, ଗଣିଆ, ନୂଆଗାଁ ଓ ଦଶପଲ୍ଲା ବ୍ଲକର ୫ ଶହରୁ ଊର୍ଦ୍ଧ୍ୱ ପୂଜକଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ବିକ୍ରମ କେଶରୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପୂଜକ ସମାଜର ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା। ଠାକୁର ଓ ଠାକୁରାଣୀଙ୍କ ପୂଜା କରି ଜୀବିକା ନିର୍ବାହ କରୁଥିବା ଏହି ଜାତିର ହଜାର ହଜାର ପରିବାରଙ୍କ ନାମରେ କୌଣସି ରେକର୍ଡଭୁକ୍ତ ଜମି ନ ଥିବାରୁ ସେମାନେ ଜାତିଗତ ଓ ବାସଗୃହ ପ୍ରମାଣପତ୍ର ପାଇବା ସମ୍ଭବ ହୋଇପାରୁନାହିଁ। ଏପରି କି ବିଭିନ୍ନ ସରକାରୀ ଯୋଜନାରୁ ସେମାନେ ବାଦ୍ ପଡ଼ିବାରୁ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି। ଏହାର ସମାଧାନ ପାଇଁ ସେମାନେ ତହସିଲଦାର ଓ ବ୍ଲକ ପ୍ରଶାସନ ପାଖେ ଲିଖିତ ଅଭିଯୋଗ କରିଛନ୍ତି।


ସମାବେଶରେ ଯୋଗଦେଇଥିବା ପୂଜକ ସମାଜର କର୍ମକର୍ତ୍ତା।

# ଡିସେମ୍ବର ୨୦ରୁ ପୁରୀ ଜିଲାରେ ଧାନକିଣା

**ପୁରୀ ଅଫିସ, ୨୪।୧୧**


ବୈଠକରେ ୨ ବିଧାୟକ ଓ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଆସନ୍ତା ଡିସେମ୍ବର ୨୦ରୁ ପୁରୀ ଜିଲାର ଚାଷୀଙ୍କଠାରୁ ଧାନ କିଣାଯିବ। ରବିବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି

■ ୭୨,୦୫୮ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ

■ ଦଲାଲଙ୍କ ମାଧ୍ୟମରେ ଧାନ ବିକ୍ରି ନ କରିବା ପାଇଁ ପରାମର୍ଶ

ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ଖରିଫ ଋତୁ ପାଇଁ ୭୨,୦୫୮ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଛି। ଧାନ ସଂଗ୍ରହ ନିମନ୍ତେ ୧୮୪ଟି ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ କରିଛନ୍ତି। ଏ ପର୍ଯ୍ୟନ୍ତ ୫୩,୧୮୯ କୃଷକ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୯୬ ପ୍ରତିଶତ କୃଷକଙ୍କ ଆଧାର ସଂଯୋଗ ସରିଛି। ଡିସେମ୍ବର ୨୦ରୁ ୨୦୨୦ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିବ। ବର୍ତ୍ତମାନ ପ୍ରତି କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ ଟଙ୍କା ରହିଛି। ଜିଲାର ୧,୮୬୭ ଜଣ ଭାଗଚାଷୀଙ୍କୁ ବିକ୍ରୟ ପ୍ରକ୍ରିୟାରେ ସାମିଲ ନିମନ୍ତେ ଚିହ୍ନଟ କରାଯାଇଛି। ସବୁ ଚାଷୀ ଯେପରି ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ଉଚିତ ମୂଲ୍ୟ ପାଇବେ ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଧାନ ସଂଗ୍ରହ ପରେ ତୁରନ୍ତ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ପୈଠ କରିବାକୁ କୁହାଯାଇଛି। କୌଣସି ମଧ୍ୟସ୍ଥି ମାଧ୍ୟମରେ ଧାନ ବିକ୍ରି ନ କରିବା ପାଇଁ ଚାଷୀଙ୍କୁ ସଚେତନ କରାଯିବ। ଏଥିନିମନ୍ତେ ପ୍ରତି ପଞ୍ଚାୟତରେ ସଚେତନତା ସୃଷ୍ଟି କରିବାକୁ ପିପିଲି ବିଧାୟକ ପ୍ରଦୀପ ମହାରଥୀ ପରାମର୍ଶ ଦେଇଥିଲେ। ବୈଠକରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଏବଂ ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ପ୍ରମୁଖ ଉପସ୍ଥିତ ଥିଲେ।